# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS

SIGHTS TRUTH WRITES TRUTH

ଠିକ୍ ଦେଖେ ଠିକ୍ ଲେଖେ

ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୪୯
୧୫ ଫେବୃଆରୀ, ୨୦୨୬ ରବିବାର
ଭୁବନେଶ୍ୱର

8 Pages
Price ₹ 5.00
Vol. 20, Issue No. : 249
15th February, 2026 Sunday
Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

**ସତ୍ୟଂ ତପୋ ଜ୍ଞାନମହିଂସତା ଚ ବିଦ୍ୱତ୍ ପ୍ରଣାମଂ ଚ ସୁଶୀଳତା ଚ
ଏତାନି ଯୋ ଧାରୟତେ ସ ବିଦ୍ୱାନ୍ ନ କେବଳଂଯଃ ପଠତେ ସ ବିଦ୍ୱାନ୍ ।**

ସତ୍ୟ, ସାଧନା, ଜ୍ଞାନ, ଅହିଂସା, ନମ୍ରତା ଓ ଉତ୍ତମ ବ୍ୟବହାର ପ୍ରଭୃତି ଗୁଣ ଦ୍ୱାରା ଯେ ଅଳଂକୃତ ସେ ପ୍ରକୃତରେ ବିଦ୍ୱାନ୍ । ଯେ ଏ ସବୁ ଗୁଣର ଅଧିକାରୀ ହୋଇନଥାଏ ସେ ଯେତେବଡ଼ ପଣ୍ଡିତ ହୋଇଥିଲେ ବି ବିଦ୍ୱାନ୍ ନୁହେଁ ।

**ଘୋଷଣା**

ମହାଶିବରାତ୍ରି ଜାଗର ଉପଲକ୍ଷେ 'ଓଡ଼ିଶା ଏକ୍ସପ୍ରେସ୍' କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ସକାଳେ ପ୍ରକାଶ ପାଇବ ।
- ପ୍ରକାଶକ

# ରାତି ୧୦ଟାରେ ଉଠିବ ଲିଙ୍ଗରାଜଙ୍କ ମହାଦୀପ

**ଭୁବନେଶ୍ୱର,୧୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାତି ପାହିଲେ ଜାଗର। ନେତ୍ର ଦେଖିବ ସେହି ପବିତ୍ର ଫାଲଗୁନ କୃଷ୍ଣ ଚର୍ତୁଦ୍ଦଶୀର ଶେଷ ରାତ୍ରୀ ବା ମହାଶିବରାତ୍ରୀ। ମହାଶିବରାତ୍ରିରେ ମହାଦୀପ ଦର୍ଶନ କରିବା ପାଇଁ ସମସ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଉଦ୍ଦେଶ୍ୟରେ କରିବେ ଉପବାସ ଓ ଉପାସନା। ଏହି ମହାନ ପର୍ବ ପାଇଁ ଏକାମ୍ରରେ ସରିଲାଣି ପ୍ରାୟ ସମସ୍ତ ପ୍ରସ୍ତୁତି। ଭକ୍ତଙ୍କ ପହଞ୍ଚିବା ଲାଗି ସ୍ୱତନ୍ତ୍ର ବସସେବା, ଶୃଙ୍ଖଳିତ ଧାଡି ଦର୍ଶନ ପାଇଁ ବ୍ୟାରିକେଡ, ବିଶୁଦ୍ଧ ପିଇବା ପାଣି, ଜରୁରି କାଳିନ ମେଡିକାଲ ଓ ଅଗ୍ନିଶମ ସେବା, ସ୍ନାନ ଶୌଚ ପାଇଁ ଶୌଚାଳୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଭଜନ ଜଣାଣ, ପ୍ରବଚନ ସାଙ୍ଗକୁ ସମସ୍ତ ଜରୁରି ସୂଚନା ପ୍ରଦାନ, ସୁରକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ ପୁଲିସ ମୁତୟନ ସହ ସିସି କ୍ୟାମେରା ବ୍ୟବସ୍ଥା କରାଯାଇଛି। ତେଣୁ ଏଥର ସୁରକ୍ଷିତ, ଶୃଙ୍ଖଳିତ ଓ ନୀତି ନିର୍ଘଣ୍ଟରେ ସମସ୍ତ କାର୍ଯ୍ୟ ହେବ ବୋଲି ପ୍ରଶାସନଠାରୁ ଶ୍ରଦ୍ଧାଳୁଙ୍କ ପର୍ଯ୍ୟନ୍ତ ସମସ୍ତେ ଆଶାବାଦୀ ଅଛନ୍ତି।

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ନୀତି ନିର୍ଘଣ୍ଟରେ ସାମନ୍ୟ ପରିବର୍ତ୍ତନ ହୋଇଛି। ପରିବର୍ତ୍ତିତ ନୀତି ନିର୍ଘଣ୍ଟ ମୁତାବକ ମହାଶିବରାତ୍ରୀରେ ମହାଦୀପ ରାତି ୧୦ଟାରେ ଉଠିବା ପରେ ଚାରି ପ୍ରହର ପୂଜା, ହରିହର ଭେଟ, ବଡସିଂହାର ଓ ପହୁଡ ସୋମବାର ଭୋର ସାଢେ ୫ଟାରେ ସମ୍ପନ୍ନ ହେବ। ଏ ନେଇ ସ୍ୱତନ୍ତ୍ର ବିଜ୍ଞପ୍ତି ମନ୍ଦିର ପ୍ରଶାସନ ଜାରି କରିଛନ୍ତି।

ନୂଆ ନୀତି ଅନୁଯାୟୀ, ମଙ୍ଗଳ ଆଳତୀ ଓ ଅବକାଶ ଭୋର ୩ଟାରୁ ସାଢେ ୩ଟା, ସାହଣମେଲା ଦର୍ଶନ ଭୋର ସାଢେ ୩ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ, ରୋଷ ହୋମ ସାଢେ୬ଟା, ଛାମୁ ପରିଷ୍କାର ଦିନ ୧୧ରୁ ୧୨ଟା, ମହାସ୍ନାନ ବେଶ ଦିନ ୧୨ଟାରୁ ୧୨ଟା ୪୫, ସୂର୍ଯ୍ୟପୂଜାରୁ ସକାଳ ଧୂପ ଦ୍ୱିପହର ସାଢେ ୨ଟା ମଧ୍ୟରେ, ଭୁବନେଶ୍ୱରୀଙ୍କ ସକାଳଧୂପ ୨ଟା ୪୫, ଭୋଗମଣ୍ଡପ ୩ଟା ୪୫ ସୁଧା ସମାପନ, ଦ୍ୱିତୀୟ ସାହାଣମେଲା ୪ଟା ୪୫ରେ ସମ୍ପନ୍ନ ହେବ। ଛାମୁ ପରିସ୍କାର ସନ୍ଧ୍ୟା ୫ଟା୪୫ ପୂର୍ବରୁ, ବୀରକେଶରୀ ବଲ୍ଲଭରୁ ଭୁବନେଶ୍ୱରୀଙ୍କ ଦତଦୀପହର ଧୂପ ସନ୍ଧ୍ୟା ୭ ଘଟିକା, ୧୦ ମିନିଟ ପାଇଁ ପହୁଡ, ଆଳତୀ ଓ ଟେରାଫିଟା ସନ୍ଧ୍ୟା ସାଢେ ୭ଟାରେ ସମ୍ପନ୍ନ ହେବ । ମାଜଣା ଓ ବେଶ ସାଢେ ୭ରୁ ରାତି ୮ଟା ୧୦, ଶ୍ରୀଜିଉଙ୍କ ଯାତ୍ରା ପୂଜା ଓ ବେଢା ୮ଟା୧୦ରୁ ୮ଟା୫୫, ସନ୍ଧ୍ୟା ଧୂପ ଓ ତୀର୍ଥ ଜଳ ଆନୟନ କରି ମହାଦୀପ ଦର୍ଶନ ନୀତି ରାତି ୧୦ଟାରେ *(ଶେଷ ପୃଷ୍ଠା ଦେଖନ୍ତୁ)*



## ଜାଲ୍ ପାସ୍ ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ: ସିପି

**ଭୁବନେଶ୍ୱର,୧୪।୨
ଏକ୍ସପ୍ରେସ୍ ନ୍ୟୁଜ୍**

ରାତି ପାହିଲେ ଜାଗର। ଏଥିଲାଗି ପୁରା ଚଳଚଞ୍ଚଳ ହୋଇଉଠିଛି ଲିଙ୍ଗରାଜ ମନ୍ଦିର। ଲକ୍ଷାଧିକ ଲୋକଙ୍କ ସମାଗମକୁ ନଜର ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ଉଭୟ ମନ୍ଦିର ବାହାରେ ଓ ଭିତରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଆଖି ଆଗରେ ରଖି ୪୧ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଶୃଙ୍ଖଳିତ ଟ୍ରାଫିକ୍ ପରିଚାଳନା ଲାଗି କଟକଣା ଜାରି କରାଯାଇଥିବାବେଳେ ଗାଡ଼ି ରଖିବା ଲାଗି ମୋଟ ୧୨ଟି ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। ସେପଟେ ମହାଶିବରାତ୍ରିରେ ଜାଲ୍ ପାସ୍ ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ଆଗୁଆ ସତର୍କ କରିଛନ୍ତି ପୁଲିସ୍ କମିଶନର। ଏବଂ କହିଛନ୍ତି ପାସ୍ ବିକ୍ରି ନେଇ ସୋସିଆଲ ମିଡିଆ କଥାକୁ ଗ୍ରହଣ କରନ୍ତୁ ନାହିଁ। ମନ୍ଦିର ପ୍ରଶାସନ ପକ୍ଷରୁ କେବଳ ସେବାୟତଙ୍କୁ ପାସ୍ ଦିଆଯାଇଛି। ପାସ୍‌ରେ କ୍ୟୁଆର୍ କୋଡ୍ ବ୍ୟବସ୍ଥା କରାଯାଇଛି। ଜାଲ୍ ପାସ୍ ନେଇ କିଛି ସେବାୟତ ସିପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଜିଲ୍ଲାପାଳଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ

**କଟକ,୧୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ବଢ଼ିଲା କଟକ ଜିଲ୍ଲାପାଳଙ୍କ ଅଡୁଆ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ରାଜ୍ୟସଭା ସଚିବାଳୟ ନିର୍ଦ୍ଦେଶକଙ୍କ ପକ୍ଷରୁ ନୋଟିସ ଜାରି ହୋଇଛି । ଜାନୁଆରୀ ୨୩ ତାରିଖରେ କଟକ ନେତାଜୀ ଜୟନ୍ତୀ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ଆମନ୍ତ୍ରଣ କରାଯାଇନଥିଲା । କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଦେବାଶିଷ ଅଭିଯୋଗ କରିଥିଲେ ଯେ, କେଉଁ ଆଧାରରେ ଜିଲ୍ଲାପାଳ ମତେ ନିମନ୍ତ୍ରଣ କରିନାହାନ୍ତି । ଏହା ରାଜ୍ୟସଭା ପାଇଁ ଅପମାନ । କଟକ ଜିଲ୍ଲାପାଳଙ୍କ ବିରୁଦ୍ଧରେ ସ୍ୱାଧୀକାର ଭଂଗ ନୋଟିସ ଜାରି ପାଇଁ ଶ୍ରୀ ସାମନ୍ତରାୟ ଦାବି କରିଥିଲେ।

ଅପର ପକ୍ଷରେ, ଏହି ଘଟଣାକୁ ନେଇ ଦେବାଶିଷ ସାମନ୍ତରାୟ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ଏ ବାବଦରେ ମୁଁ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲି । ତାଙ୍କ ନିର୍ଦ୍ଦେଶକ୍ରମେ ଡିଓପିଟି ବିଭାଗ ଘଟଣାର ଅନୁଧ୍ୟାନ କରିବ । ପୂର୍ବରୁ ପ୍ରୋଟୋକଲ ମାନି ମତେ ସରକାରୀ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରିଛନ୍ତି । କିନ୍ତୁ ବର୍ତ୍ତମାନ ମୋ ସହ ଏଭଳି କାହିଁକି କଲେ ମୁଁ ଜାଣିନାହିଁ । ଇମେଲରେ ନିମନ୍ତ୍ରଣ କରିଥିଲେ, ଇମେଲରେ ନିମନ୍ତ୍ରଣ ଯଥେଷ୍ଟ ନୁହେଁ। ରାତି ୮ଟାରେ ଇମେଲ ଆସିଛି ଓ ସକାଳେ କାର୍ଯ୍ୟକ୍ରମ ଥିଲା । ଇମେଲ ମୋ ରାଜ୍ୟସଭା ଅଫିସକୁ ଆସିଛି । ଫଳକ ଏବଂ ନିମନ୍ତ୍ରଣ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୪ ପ୍ରସ୍ତାବକୁ କ୍ୟାବିନେଟର ଅନୁମୋଦନ



**ଭୁବନେଶ୍ୱର,୧୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୩୬ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମୁଖ୍ୟ ଶାସନ ସଚିବଙ୍କ ତଥ୍ୟ ଅନୁସାରେ ଆଜିର କ୍ୟାବିନେଟ ବୈଠକରେ ମୋଟ ୫ଟି ପ୍ରସ୍ତାବ ଆଗତ କରାଯାଇଥିଲା। ତନ୍ମଧ୍ୟରେ ଅର୍ଥ ବିଭାଗ ପକ୍ଷରୁ ଗୋଟିଏ ପ୍ରସ୍ତାବ ୨୦୨୬-୨୭ ବଜେଟ ସମ୍ପର୍କିତ ଥିଲା, ଯାହାର ସବିଶେଷ ଆଗାମୀ ବିଧାନ ସଭା ଅଧିବେଶନରେ ଉପସ୍ଥାପିତ ହେବ। ଅନ୍ୟ ଗୋଟିଏ ପ୍ରସ୍ତାବ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଓ ଅନ୍ୟ ୩ଟି ଜଳସମ୍ପଦ ବିଭାଗ ଥିଲା। ଏସବୁ ୪ଟି ପ୍ରସ୍ତାବ କ୍ୟାବିନେଟରେ ଅନୁମୋଦନ ଲାଭ କରିଛି।

## ଚୌଦ୍ୱାରରୁ ଫେରାର କଏଦୀ ବୃନ୍ଦାବନରୁ ଗିରଫ

**କଟକ,୧୪।୨
ଏକ୍ସପ୍ରେସ୍ ନ୍ୟୁଜ୍**

ଚୌଦ୍ୱାର ସ୍ଥିତ ରାଜ୍ୟର ସର୍ବବୃହତ ମଣ୍ଡଳ କାରାଗାରରୁ ଫେରାର ୨ ଜଣ ଦୁର୍ଦ୍ଦାନ୍ତ ଅପରାଧିଙ୍କ ମଧ୍ୟରୁ ଜଣକୁ କମିଶନରେଟ ପୋଲିସ ଉତ୍ତରପ୍ରଦେଶର ବୃନ୍ଦାବନରୁ ଗିରଫ କରିଛି । ଫେରାର ଅଭିଯୁକ୍ତ ମଧୁକାନ୍ତ ରାଣାକୁ କମିଶନରେଟ ପୋଲିସ ଉତ୍ତରପ୍ରଦେଶରୁ ଗିରଫ କରିଛି। ବୃନ୍ଦାବନର ମଥୁରାରୁ ଅଭିଯୁକ୍ତ ମଧୁକାନ୍ତକୁ ଗିରଫ କରିବାରେ କମିଶନରେଟ ପୋଲିସ ସଫଳ ହୋଇଛି । ସେଠାରେ ଏକ ଗେଷ୍ଟ ହାଉସରେ ନାଁ ବଦଳାଇ ମଧୁକାନ୍ତ କାମ କରୁଥିଲା । ଶନିବାର ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ ଦେବଦତ୍ତ ସିଂହ ଏହି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଅନ୍ୟଜଣେ ଅଭିଯୁକ୍ତକୁ ଶିଘ୍ର ଗିରଫ କରାଯିବ ବୋଲି ପୋଲିସ କମିଶନର କହିଛନ୍ତି ।



ପୋଲିସ ସୂଚନା ମୁତାବକ, ଗତ ଅକ୍ଟୋବର ୩ ତାରିଖ ମଧ୍ୟରାତ୍ରିରେ ଚୌଦ୍ୱାର ସରକଲ ଜେଲରୁ ୨ କଏଦୀ ଅଭିଯୁକ୍ତ ମଧୁକାନ୍ତ ରାଣା ଓ ରାଜା ସାହାଣୀ ଫେରାର ହୋଇଯାଇଥିଲେ । ଲୁହା ରଡ଼, କମ୍ବଳ ଓ ରସି ବ୍ୟବହାର କରି ଉଭୟ ଅନ୍ଧକାରର ସୁଯୋଗ ନେଇ ପାଚେରୀ କାନ୍ଥ ଡେଇଁ କେଉଁଆଡ଼େ ପଳାଇ ଯାଇଥିଲେ । ଏ ସଂପର୍କରେ ଚୌଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ମଧୁକାନ୍ତ ଓ ତା ସହଯୋଗୀକୁ ଧରାଇଦେଲେ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାପରେ କମିଶନରେଟ ପୋଲିସର ଏକ ୨୬ ଜଣିଆ ସ୍ୱତନ୍ତ୍ର ଅଣ୍ଡର କଭର ଟିମ ଗଠନ କରାଯାଇ ଭାରତର ବିଭିନ୍ନ ରାଜ୍ୟରେ ସେମାନଙ୍କୁ ଖୋଜାଖୋଜି କରାଯାଇଥିଲା । ମଧୁକାନ୍ତ ଓ ରାଜା ଆନ୍ତଃରାଜ୍ୟ ଡକାୟତି ଟିମର ସଦସ୍ୟ ଥିଲେ ବୋଲି ପୋଲିସ କମିଶନର ସୂଚନା ଦେଇଛି । ଚୌଦ୍ୱାର ଜେଲରୁ ଫେରାର ହେବା ପରେ ଉଭୟ ଅଭିଯୁକ୍ତ ଟ୍ରେନ ଯୋଗେ ପୁରୀ ଅଭିମୁଖେ ପଳାଇଥିଲେ । ଏହା ଗୋଟିଏ ଦିନ ପରେ ସେମାନେ ପୁଣି ଟ୍ରେନ ଯୋଗେ ବିହାର ପଳାଇ ଯାଇଥିଲେ ବୋଲି ସିପି ଶ୍ରୀ ସିଂହ ସୂଚନା ଦେଇଛନ୍ତି । ଏହା ପରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବିଷ ଚାଖୁଥିଲେ ୫ ନାବାଳିକା: ୪ ମୃତ

**ଔରଙ୍ଗାବାଦ,୧୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ବିହାରର ଔରଙ୍ଗାବାଦ ଜିଲ୍ଲାରେ ଏକ ଭୟଙ୍କର ଓ ଅଜବ ଘଟଣା ଘଟିଛି। ୫ ଜଣ ନାବାଳିକା ସାଙ୍ଗ ବିଷର ସ୍ୱାଦ କିପରି ବୋଲି ଚାଖୁଥିଲେ। ଯାହା ଫଳରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ବଞ୍ଚିଥିବା ଜଣଙ୍କ ସମ୍ପୂର୍ଣ୍ଣ କାହାଣୀକୁ ବର୍ଣ୍ଣନା କହିଛନ୍ତି। ଯାହା ଫଳରେ ଘଟଣାର ପୂରା ସତ ସାମ୍ନାକୁ ଆସିଛି। ଏବେ ଏହି ଘଟଣା ସାରା ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପୋଲିସ ଝିଅଟିର ବୟାନ ରେକର୍ଡ କରିଛି ଏବଂ ଘଟଣାର ତଦନ୍ତ କରୁଛି। ଘଟଣା ଜାନୁଆରୀ ୨୯ ତାରିଖରେ ଔରଙ୍ଗାବାଦ ଜିଲ୍ଲାର ମୋତି ବିହାରା ଗାଁରେ ଘଟିଥିଲା। ୫ ଜଣ ନାବାଳିକା ଝିଅ ଏକ ବିଲକୁ ଯାଇଥିଲେ, କିନ୍ତୁ କେବଳ ଜଣେ ହିଁ ଘରକୁ ଫେରିଥିଲେ। ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଏକମାତ୍ର ବଞ୍ଚିଥିବା ଝିଅ ଘଟଣା ବାବଦରେ ବର୍ଣ୍ଣନା କରିଥିଲେ।

୧୪ ବର୍ଷୀୟା ଝିଅଙ୍କ ଅନୁଯାୟୀ, ସେମାନେ ସମସ୍ତେ ଏକ ନିର୍ଜନ ଅଞ୍ଚଳକୁ ଯାଇ ଏକ ବିଷାକ୍ତ ପଦାର୍ଥ ଖାଇଥିଲେ ଯାହା ସାଧାରଣତଃ ବଗ ମାରିବା ପାଇଁ ବ୍ୟବହୃତ ହେଉଥିଲା। ସେ କହିଥିଲେ ଯେ ସେମାନେ ସମସ୍ତେ ଏହାକୁ ସ୍ୱାଦ ପାଇଁ ଖାଇଥିଲେ। ୫ ଜଣଙ୍କ ମଧ୍ୟରୁ ଜଣେ ବଞ୍ଚିଗଲେ କିପରି ? ଚିକିତ୍ସାଧୀନ ଝିଅଟି କହିଲା, 'ମୋ ବନ୍ଧୁ କହିଲା, ଆସ, ଏହାକୁ ଖାଇ ଦେଖିବା ଏବଂ ଦେଖିବା ଯେ ଆମେ ବଞ୍ଚିବୁ କି ମରିବୁ।' ସେମାନେ ପାଣି ସହିତ ବଗକୁ ମାରିବା ପାଇଁ ବ୍ୟବହୃତ ବିଷ ଚାଖିଥିଲେ। ମୁଁ ବହୁତ କମ୍ ଖାଇଲି ଏବଂ ତୁରନ୍ତ ଛେପ କାଢି ଦେଇଥିଲି, ଯାହା ଫଳରେ ମୁଁ ବଞ୍ଚିଗଲି।' ଅନ୍ୟ ୪ ବନ୍ଧୁଙ୍କୁ ତାଙ୍କ ଆଖି ସାମ୍ନାରେ ଝଟପଟ ହୋଇ



ଆଖିବୁଜିଥିବା ଦେଖିବା କହିଛନ୍ତି। ଭୟଭୀତ ଝିଅଟି ଘରକୁ ଦୌଡ଼ି ଦୌଡ଼ି ତାଙ୍କ ପରିବାରକୁ ସମସ୍ତ ଘଟଣା କହିଥିଲେ। ତାଙ୍କ ପରିବାର ତୁରନ୍ତ ତାଙ୍କୁ ବାନ୍ତି କରାଇବା ପାଇଁ ନିମ୍ବ ପତ୍ରର ଦ୍ରବଣ ଦେଇଥିଲେ ଏବଂ ସେ ବଞ୍ଚିଗଲେ।

ଏନେଇ ଦାଉଦନଗର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଲକ୍ଷେ ଟଙ୍କାରେ ଅଢ଼େଇ ବର୍ଷର ଶିଶୁ ବିକ୍ରି !

**ନୀଳଗିରି,୧୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ନୀଳଗିରି ଥାନା ଅଞ୍ଚଳରେ ଅଭାବନୀୟ ଘଟଣା। ଅଢେଇ ବର୍ଷର ଶିଶୁ ପୁତ୍ରକୁ ବିକି ଦେଲା ବାପା। ପୁଅକୁ ବାପା ଜଣେ ଡାକ୍ତରଙ୍କୁ ବିକି ଦେଇଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନୀଳଗିରି ଏନଏସି ବରିସାହି ଅଞ୍ଚଳର କୁଆ ଓରଫ ରାକେଶ ନାମକ ଯୁବକ ତାଙ୍କ ଅଢେଇ ବର୍ଷର ଶିଶୁକୁ ୨ ଦିନ ପୂର୍ବରୁ ଷ୍ଟେସନସାହି ଅଞ୍ଚଳରେ ପହଞ୍ଚାଇଥିଲେ। ସେଠାରେ ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ଛୁଆକୁ ଦେଇଥିଲେ। ସେମାନେ ମୂଲଚାଲ କରି ଶିଶୁ ବିକ୍ରିଥିଲେ। ଯାହାର ଏକ ଭିଡିଓ ପ୍ରଘଟ ହେବା ପରେ ମହେଶ୍ୱର ଗୋଛାୟତ ନାମକ ଜଣେ ଯୁବକ ଏହା ବିରୋଧରେ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ୫୦ ହଜାର ଟଙ୍କା ନେଇ ଜଣେ ଡାକ୍ତରଙ୍କ ହାତରେ ପିଲାଟିକୁ ଟେକି ଦେଇଥିବା ଅଭିଯୋଗ ହୋଇଛି। ଆଇନ ବିରୋଧୀ କାର୍ଯ୍ୟ କରିଥିବା ଏବଂ ଅନ୍ୟ ସମ୍ପ୍ରଦାୟ ହାତରେ ପିଲାକୁ ବିକ୍ରି କରିଥିବା ଅଭିଯୋଗ କରି ପୁଲିସ ପିଲାର ବାପାଙ୍କ ପାଖରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛି। ସେପଟେ ୧ ଲକ୍ଷ ଟଙ୍କାରେ ଶିଶୁ ବିକ୍ରି ପାଇଁ ଚୁକ୍ତି ହୋଇଥିବାବେଳେ ବାପା ଜଣକ ୫୦ ହଜାର ଟଙ୍କା ଅଗ୍ରୀମ ଆଣିଥିବା ସୂଚନା ମିଳିଛି। ଅଭିଯୁକ୍ତ ବାପାର ପରିବାର ଲୋକଙ୍କ କହିବା କଥା, ବିକ୍ରି କରାଯାଇଥିବା ଶିଶୁଟି ରାକେଶର ଦ୍ୱିତୀୟ ସ୍ତ୍ରୀର ପୁଅ। ରାକେଶର ପ୍ରଥମ ସ୍ତ୍ରୀ ସହ ଦୁଇଟି ସନ୍ତାନ ଥିବାବେଳେ, ଦ୍ୱିତୀୟ ସ୍ତ୍ରୀ ସହ ମଧ୍ୟ ଦୁଇଟି ସନ୍ତାନ ରହିଛି। ଆଉ ଦ୍ୱିତୀୟ ସ୍ତ୍ରୀର ଅଢ଼େଇ ବର୍ଷର ପୁଅକୁ ରାକେଶ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ମେଟ୍ରୋ ପିଲାର ଭୁଶୁଡ଼ି ଜଣେ ମୃତ



**ମୁମ୍ବାଇ,୧୪।୨
ଏକ୍ସପ୍ରେସ୍ ନ୍ୟୁଜ୍**

ମୁମ୍ବାଇର ମୁଲୁଣ୍ଡରେ ଭୁଶୁଡିପଡିଲା ନିର୍ମାଣାଧୀନ ମେଟ୍ରୋ ପିଲାର। ଚଳନ୍ତା ଅଟୋ ଓ କାର ଉପରେ ପିଲାରଟି ପଡିବାରୁ ଜଣେ ମୃତ ଓ ତିନି ଜଣ ଆହତ ହୋଇଛନ୍ତି।

ଶନିବାର ଅପରାହ୍ନରେ ମୁମ୍ବଇର ମୁଲୁଣ୍ଡରେ ଏକ ନିର୍ମାଣାଧୀନ ମେଟ୍ରୋ ପିଲାରର ଏକ ଅଂଶ ଭୁଶୁଡ଼ି ପଡ଼ି ଏକ ଚଳନ୍ତା ଅଟୋରିକ୍ସା ଉପରେ ପଡିଥିଲା। ଫଳରେ ଅଟୋଟି ଚାପି ହୋଇ ଜଣେ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ପିଲାରର ଏକ ଅଂଶ ନିକଟରେ ଯାଉଥିବା ଏକ କାରରେ ପଡି କାରର ମଧ ଅଳ୍ପ କ୍ଷତିଗ୍ରସ୍ତ ହୋଇଛି।

ସୂଚନା ଅନୁସାରେ ଏଲବିଏସ ରୋଡ ଜନସନ୍ ଆଣ୍ଡ ଜନସନ୍ କାରଖାନା ନିକଟରେ ଅପରାହ୍ନ ପ୍ରାୟ ୧୨.୨୦ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ନିର୍ମାଣ ସମୟରେ ପିଲାରର ଏକ ଅଂଶ ସିଧା ଅଟୋରିକ୍ସା ଉପରେ ପଡ଼ିଥିଲା। ଅଟୋରେ ଥିବା ଯାତ୍ରୀମାନେ (ମୃତକ ଏବଂ ଆହତ) ଉତ୍ତର ପ୍ରଦେଶର ଜୌନପୁର ଅଞ୍ଚଳର, ସେମାନେ ପର୍ଯ୍ୟଟକ ଭାବରେ ମୁମ୍ବଇ ଆସିଥିବା ଜଣ ପଡିଛି। ଘଟଣାରେ ରାମଧନ ଯାଦବ (୫୫)ଙ୍କର ମୃତ୍ୟୁ ହୋଇଥିବା ବେଳେ ବବଲୁ ଯାଦବ(୨୫) ଏବଂ ମହେନ୍ଦ୍ର ଯାଦବ (୩୦) ଆହତ ହୋଇଛନ୍ତି।

ଘଟଣା ପରେ ମୁମ୍ବଇ ଅଗ୍ନିଶମ ବାହିନୀ, ସ୍ଥାନୀୟ ପୁଲିସ, ମେଟ୍ରୋ କର୍ତ୍ତୃପକ୍ଷ, ୱାର୍ଡ କର୍ମଚାରୀ ଏବଂ ୧୦୮ ଆମ୍ବୁଲାନ୍ସ ସେବା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ *(ଶେଷ ପୃଷ୍ଠା ଦେଖନ୍ତୁ)*

## ରାଜ୍ୟସଭା ପ୍ରାର୍ଥୀ ନେଇ ପରୋକ୍ଷରେ ପୁରୁଖାଙ୍କୁ ଅଶୋକଙ୍କ ସମର୍ଥନ

**ଭୁବନେଶ୍ୱର,୧୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେଡିର ରାଜ୍ୟସଭା ପ୍ରାର୍ଥିତ୍ୱକୁ ନେଇ ମତ ରଖିଛନ୍ତି ପୂର୍ବତନ ବିଧାୟକ ଅଶୋକ ପଣ୍ଡା। ସେ କହିଛନ୍ତି, ସାଙ୍ଗଠନିକ ଦକ୍ଷତା, ଅଭିଜ୍ଞତା, ଦଳ ପ୍ରତି ଆନୁଗତ୍ୟ ଓ ଅବଦାନ ଦରକାର। ଏସବୁକୁ ସଭାପତି ବିଚାରକୁ ନେଲେ ଭଲ ହେବ। କେଉଁ ପାରାମିଟରରେ କିଏ ଆସୁଛି ସଭାପତି ଚିନ୍ତା କରୁଥିବେ। ଜାତୀୟ ସ୍ତରରେ ଆଞ୍ଚଳିକ ଦଳ ବି ପୁରୁଖା ନେତାଙ୍କୁ ପ୍ରାଧାନ୍ୟ ଦିଅନ୍ତି। ଆମେ ପୁରୁଖା ନେତାଙ୍କୁ ପ୍ରାଧାନ୍ୟ ଦେଲେ ଭଲ ହେବ ବୋଲି ସେ କହିଛନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୧୦ ରାଜ୍ୟରେ ଖାଲି ହେବାକୁ ଥିବା ୩୭ ରାଜ୍ୟସଭା ଆସନ ପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ଓଡ଼ିଶା ସମେତ ୧୦ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ବାଚନ କମିଶନ ଚିଠି ଲେଖିଛନ୍ତି। ଆସନ୍ତା ଏପ୍ରିଲରେ ଖାଲି ହେଉଛି ୧୦ ରାଜ୍ୟର ୩୭ ଆସନ। ମହାରାଷ୍ଟ୍ରର ୭, ତାମିଲନାଡୁ ଓ ବିହାରର ୬, *(ଶେଷ ପୃଷ୍ଠା ଦେଖନ୍ତୁ)*

# କନଜରଭେନ୍ସି ଲେନ୍ ଜବରଦଖଲ ମୁକ୍ତ: ଅଡୁଆରେ ଦୁଇ ବିଭାଗ

**ଭୁବନେଶ୍ୱର,୧୪।୨: ତଥ୍ୟ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରରେ ଥିବା ୪୮୨ଟି କନଜରଭେନ୍ସି ଲେନ୍‌କୁ ଜବରଦଖଲମୁକ୍ତ ଓ ସଫାସୁତୁରା ରଖିବାକୁ ଅଭିଯାନ ଆରମ୍ଭ କରିଥିବାବେଳେ କେତେକ ସ୍ଥାନରେ ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବିଭାଗ ଏଥିରେ ବାଧକ ସାଜିଛି । କାରଣ କନଜରଭେନ୍ସି ଜବରଦଖଲ କରୁଥିବା ଲୋକଙ୍କୁ ଏହି ଦୁଇ ବିଭାଗ ସଂଯୋଗ ଯୋଗାଇ ଦେଉଥିବାରୁ ସେମାନଙ୍କୁ ଉଚ୍ଛେଦ କରିବା ବିଏମ୍‌ସି ପକ୍ଷରେ ସହଜ ହେଉନାହିଁ ।

ରାଜଧାନୀର କନଜରଭେନ୍ସି ଲେନ୍‌ରେ କୋଟି କୋଟି ଟଙ୍କା ଖର୍ଚ୍ଚକରି ପେଭର ବ୍ଲକ ପକାଇବା ପରେ ଏବେ ସେଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଜବରଦଖଲମୁକ୍ତ କରିବା, ବସନ୍ତ ଋତୁରେ ପଡୁଥିବା ପତ୍ରକୁ ସଫା କରିବା ଏପରିକି କନଜରଭେନ୍ସି ଲେନରେ ଯେଭଳି ଲୋକେ ପରିସ୍ରା ନକରନ୍ତି ସେ ଦିଗରେ ପଦକ୍ଷେପ ନେବାକୁ ସ୍ୱଚ୍ଛ ସୁପରଭାଇଜର ଓ ଦାୟିତ୍ୱରେ ଥିବା ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ହେଲେ ଲକ୍ଷ୍ୟ କରାଯାଇଛି ଯେ ଜବରଦଖଲ ହୋଇଥିବା କନଜରଭେନ୍ସି ଲେନ୍‌ରୁ ଜବରଦଖଲ ହଟାଇବା ଏମାନଙ୍କ ପାଇଁ ଏତେଟା ସହଜ ହେଉନାହିଁ । କାରଣ ସେଠାରେ ବସବାସ କରୁଥିବା ଲୋକଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଥିବାବେଳେ ବିଦ୍ୟୁତ୍ ବିଭାଗ ମଧ୍ୟ ବିଜୁଳି ଯୋଗାଇ ଦେଉଛନ୍ତି । ଯେଉଁଠାରେ ବିଦ୍ୟୁତ୍ ଚୋରିହୋଇ ଏଠାକୁ ସଂଯୋଗ ଦିଆଯାଇଛି ସେଥିପ୍ରତି ବିଭାଗ ବି ଆଖିବୁଜି ଦେଇଛି । ସେହିଭଳି କନଜରଭେନ୍ସିରେ ଥିବା ସ୍ୱରେଜ ଲାଇନ୍‌ରେ ଜବରଦଖଲକାରୀମାନେ ସିଧାସଳଖ ଶୌଚାଳୟ କରିଥିଲେ ମଧ୍ୟ ସ୍ଥାନୀୟ



ଜନସ୍ୱାସ୍ଥ୍ୟ ଦପ୍ତରଗୁଡ଼ିକ ଏହାକୁ ଅଣଦେଖା କରୁଛନ୍ତି । ସବୁଠାରୁ ବଡକଥା ହେଲା ଯେତେବେଳେ ଉଚ୍ଛେଦକାରୀ ଟିମ୍ ଏଠାରେ ହାଜର ହେଉଛନ୍ତି ସେତେବେଳେ ବିଦ୍ୟୁତ୍ ଓ ପାଣି ସଂଯୋଗ ଦେଖି ଫେରି ଆସୁଛନ୍ତି । ସ୍ଥାନୀୟ ନେତା ମଧ୍ୟ ଏଥିରେ ହସ୍ତକ୍ଷେପ କରିବାରେ ଲାଗିଛନ୍ତି । ବିଏମ୍‌ସି ପକ୍ଷରୁ ରାଜଧାନୀର ପ୍ରତ୍ୟେକ ୱାର୍ଡରେ ଜଣେ ଜଣେ ୱାର୍ଡ ଅଫିସର, ସାନିଟାରୀ ଇନ୍ସପେକ୍ଟର ନିୟୋଜିତ କରିଛନ୍ତି । ଏମାନେ କିଭଳି କନଜରଭେନ୍ସି ଜବରଦଖଲକୁ ଦେଖିପାରୁ ନାହାନ୍ତି ତାହା ବଡ ପ୍ରଶ୍ନ ହୋଇଛି । କନଜରଭେନ୍ସି ଜବରଦଖଲ ପାଇଁ ଏମାନଙ୍କୁ ପ୍ରଥମେ ଦାୟୀ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି ।

ସେହିଭଳି କନଜରଭେନ୍ସି ସଫା ଦାୟିତ୍ୱରେ ଥିବା ଏଜେନ୍ସି ମଧ୍ୟ ବହୁ ସ୍ଥାନରେ ଅବହେଳା ପ୍ରଦର୍ଶନ କରୁଛନ୍ତି । ନିୟମିତ ଭାବେ ଏହାକୁ ସଫା କରିବା ବଦଳରେ ମନଇଚ୍ଛା ସଫା କରାଯାଉଛି । ସ୍ୱରେଜ ଲାଇନ୍ ସଫା କରୁଥିବା ସଂସ୍ଥା ମଧ୍ୟ ନିଜର ବର୍ଜ୍ୟକୁ ଉଠାଇବାପାଇଁ ଦିନ ଦିନ ବିତାଇ ଦେଉଛନ୍ତି । ଅଧିକାଂଶ ସ୍ଥାନରେ ସ୍ୱରେଜ ମରାମତି ସମୟରେ କନଜରଭେନ୍ସି ଲେନ୍‌ରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୫ ଫେବୃଆରୀ ୨୦୨୬ । ରବିବାର




## ଯୁବକକୁ ମରଣାନ୍ତକ ଆକ୍ରମଣ: ଦମ୍ପତି ଗିରଫ

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ର କରି ସନ୍ଧ୍ୟାରେ ଯୁବକକୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରି କୋର୍ଟଚ଼ାଲାଣ କରିଛି। ସୂଚ଼ନା ମୁତାବକ ନେଉଳପୁର ଗ୍ରାମର ବିଜୟ ରାଉଳ ଓ ତାଙ୍କ ପଡୋଶୀ ବିଷ୍ଣୁ ରାଉଳଙ୍କ ମଧ୍ୟରେ ଜମିବାଡିକୁ ନେଇ ବିବାଦ ଲାଗିରହିଥିଲା। ଏହାକୁ କେନ୍ଦ୍ର କରି ସନ୍ଧ୍ୟାରେ ଉଭୟ ପରିବାର ମଧ୍ୟରେ ଝଗଡା ଲାଗିଥିଲା। ଏଥିରେ ପଡୋଶୀ ବିଷ୍ଣୁ ରାଉଳ ପରିବାର ଲୋକେ ଧାରୁଆ ଅସ୍ତ୍ରରେ ବିଜୟ ରାଉଳକୁ ଆକ୍ରମଣ କରିବାରୁ ତାର ମୁଣ୍ଡ ଓ ହାତରେ ଗଭିର ଆଘାତ ଲାଗିଥିଲା। ପରିବାର ଲୋକେ ତାକୁ ଧର୍ମଶାଳା ଡାକ୍ତରଖାନାରେ ଚ଼ିକିତ୍ସା କରିବା ପରେ ଅବସ୍ଥା ଗୁରୁତର ହେବାରୁ ତାକୁ କଟକ ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକେ ତାକୁ ଭୁବନେଶ୍ୱରର ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚ଼ିକିତ୍ସା ଚ଼ାଲିଥିବା ବେଳେ ଏବେବି ଅବସ୍ଥା ଗୁରୁତର ରହିଥିବା ଜଣାପଡିଛି। ଏନେଇ ବିଜୟର ପରିବାର ପକ୍ଷରୁ ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୫୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚ଼ଳାଇଥିଲା। ଶନିବାର ପୋଲିସ ବିଜୟର ପଡୋଶୀ ଅଭିଯୁକ୍ତ ବିଷ୍ଣୁ ରାଉଳ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ରାଉଳଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଥିବା ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚ଼ନା ଦେଇଛନ୍ତି ।

## ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ

**ବୋରିଗୁମ୍ମା: ଏକ୍ସପ୍ରେସ ନ୍ୟୁଜ୍**

ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ। କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଚାଲାନ ଗୁଡ଼ା ଗାଁରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ପରିବାର ପକ୍ଷରୁ ହତ୍ୟା କରାଯାଇଥିବାର ଆସିଛି ଅଭିଯୋଗ। ମୃତକ ରେହେମାନ ଖାନ୍ ବୋଲି ଜଣାପଡିଛି।

ଖବର ଅନୁଯାୟୀସ ଚାଲାନଗୁଡ଼। ଗାଁର ଆଦର୍ଶ ବିଶୋଇଙ୍କ ଦୋକାନକୁ ରେହେମାନ ମଦ୍ୟପାନ କରି ଯାଇଥିଲେ। କୌଣସି କଥାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ସେହି ସମୟରେ ଦୋକାନୀ ଆଦର୍ଶ ବିଶୋଇ ଉତ୍ୟକ୍ତ ହୋଇ କ୍ରିକେଟ୍ ବ୍ୟାଟରେ ଆକ୍ରମଣ କରିଥିଲେ। ଯାହାଫଳରେ ରେହେମାନ୍ ଖାନ ଗୁରୁତର ହୋଇ ପଡିଯାଇଥିଲେ। ଏହାପରେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପଟେ ଘଟଣା ସଂପର୍କରେ ଖବର ପାଇ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏହାସହ ଆଦର୍ଶ ବିଶୋଇଙ୍କୁ ଅଟକ ରଖି ଜେରା କରୁଛି। ଘଟଣାସ୍ଥଳରେ ସାଇଣ୍ଟିଫିଟ୍ ଟିମ୍ ପହଞ୍ଚି ମଧ୍ୟ ଛାନ୍ ଭିନ୍ କରୁଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

## ନକଲି ଜର୍ଦ୍ଦା ଜବତ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଭଦ୍ରକ ସହରର ଟାଉନ୍ ଥାନା ଓ ପୁରୁଣାବଜାର ଥାନା ଅଞ୍ଚଳ ଦୀର୍ଘବର୍ଷରୁ ନକଲି ଜର୍ଦ୍ଦା ମାଫିଆଙ୍କ ହବ୍ ପାଲଟିଥିବାବେଳେ ପୁରୁଣାବଜାର ଥାନା ଅଧୀନ କାଜିମହଲାରେ ଟାଉନ ପୋଲିସ ଚ଼ଢାଉ କରି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଜର୍ଦ୍ଦା ଜବତ କରିଛି। ଉକ୍ତ ଗ୍ରାମର ରାଜା ଓଲ ହକ୍‌କୁ ଗିରଫ କରାଯାଇଥିବା ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ସୂଚ଼ନା ଦେଇଛନ୍ତି। ସୂଚ଼ନା ମୁତାବକ ବସ୍ ଯୋଗେ ବାରିପଦା ପଠାଇବା ପାଇଁ ଶୁକ୍ରବାର ମଧ୍ୟାହ୍ନରେ ରାଜା ଏକ ସ୍କୁଟିରେ ଜର୍ଦ୍ଦା ବୋଝେଇ ଏକ ବସ୍ତା ନେଇ ବସ୍‌ଷ୍ଟାଣ୍ଡକୁ ଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ଟାଉନ ଥାନାର ପାଟ୍ରୋଲିଂ ପୋଲିସ ଉକ୍ତ ଜର୍ଦ୍ଦା ବସ୍ତାକୁ ଜବତ କରିଥିଲା। ତାକୁ ଯାଞ୍ଚ କରିବା ପରେ ଏହା ନକଲି ଜର୍ଦ୍ଦା ବୋଲି ଜଣାପଡିଥିଲା। ପରେ କାଜିମହଲା ସ୍ଥିତ ତାଙ୍କ ଘରେ ଟାଉନ ପୋଲିସ ଚ଼ଢାଉ ଆରମ୍ଭକରିଥିଲା। ବିଭିନ୍ନ ବ୍ରାଣ୍ଡର ଲୋଗୋ, ରାସାୟନିକ ସାମଗ୍ରୀ, ପ୍ୟାକିଂ ମେସିନ, ସିଲ୍ ମେସିନ ସମେତ ପ୍ରାୟ ୫୦ କେଜିର ନକଲି ଜର୍ଦ୍ଦା ବାହାରିଥିଲା।

## ମଦ ବେପାରୀ ଗିରଫ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଦେଶି ମଦ ଚ଼ାଲାଣ ସୂଚ଼ନା ପାଇ ଜୟପୁର ଅବକାରୀ ଥାନା ଓ ଫ୍ଲାଇଙ୍ଗ ସ୍କାର୍ଡର ମିଳିତ ଚ଼ଢାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ପୁଟ୍ରା ଗ୍ରାମ ରକୃଷ୍ଣ ବିଷୋୟୀ ଓ ନରେନ୍ଦ୍ର ବିଷୋୟୀ, ବଡଓଜେଇ ଶ୍ରୀପତି ଭଇଁସା। ସୂଚ଼ନା ଅନୁଯାଇ ଦେଶି ମଦ ଚ଼ାଲାଣ ସୂଚ଼ନା ପାଇ ପୁଟ୍ରା ଗ୍ରାମ ଓ ବଡ ଓଜେଇ ଗ୍ରାମରେ ଚ଼ଢାଉ କରି ୧୭ ଲିଟର ଦେଶି ମଦ ଓ ୮ଲିଟର ବାହାର ଭାଟି ମଦ ଜବତ କରିଛି। ଗିରଫ ୩ ଅଭିଯୁକ୍ତ କୋର୍ଟ ଚ଼ାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚ଼ନା ଦେଇଛନ୍ତି।

## ଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ହତ୍ୟା

**ଭଞ୍ଜନଗର: ଏକ୍ସପ୍ରେସ ନ୍ୟୁଜ୍**



ଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ହତ୍ୟା। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ସାର୍ଦ୍ଦୁଳ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଶୁକ୍ରବାର ରାତିରେ ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ବାନ୍ଧି ଗ୍ରାମବାସୀମାନେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୋଲିସ ୩୦ଜଣଙ୍କୁ ଅଟକ ରଖିଛି। ଗିରଫ ଭୟରେ ସାର୍ଦ୍ଦୁଳ ଗାଁ ଏବେ ପୁରୁଷ ଶୂନ୍ୟ ହୋଇଯାଇଛି।

ସୂଚ଼ନାନୁଯାୟୀ, ଭଞ୍ଜନଗର ଥାନା ଅନ୍ତର୍ଗତ ସାର୍ଦ୍ଦୁଳ ଗ୍ରାମରେ ଚୋର ସନ୍ଦେହରେ ଜଣେ ଯୁବକଙ୍କୁ କିଛି ଲୋକ ଶୁକ୍ରବାର ରାତିରେ ବାଡେଇ ବାଡେଇ ଗୁରୁତର କରି ଦେଇଥିଲେ। ଶନିବାର ସକାଳ ୮ଟାରେ ଭଞ୍ଜନଗର ମେଡିକାଲରେ ଚ଼ିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣଙ୍କ ହେଲେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଥାନା କୁରୁମୁଙ୍ଗିଆ ଗ୍ରାମର ବାଣଧର ପ୍ରଧାନ (୪୦ ବର୍ଷ)। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚ଼ଳାଇଛି। ଏବେ ସୁଦ୍ଧା ପୋଲିସ ୩୦ ଜଣଙ୍କୁ ଅଟକ ରଖିଛି। ପୋଲିସର ଏକ ଟିମ୍ ସାର୍ଦ୍ଦୁଳ ଗାଁରେ ପହଞ୍ଚି ବାକି ଅଭିଯୁକ୍ତମାନଙ୍କୁ ଖୋଜାଖୋଜି କରୁଛି। ଗିରଫ ଭୟରେ ଗାଁ ଏବେ ପୁରୁଷ ଶୂନ୍ୟ ହୋଇଯାଇଛି।

ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ରାତିରେ ପ୍ରାୟ ୪ଜଣ ଯୁବକ ସାର୍ଦ୍ଦୁଳ ଗ୍ରାମକୁ କୌଣସି କାମରେ ଯାଇଥିଲେ। ଏହି ସମୟରେ କିଛି ଲୋକ ରାତିରେ ଉଠିପଡ଼ି ଉକ୍ତ ଯୁବକମାନେ ଚୋରି କରିବାକୁ ଆସିଥିବା ସନ୍ଦେହ କରି ସେମାନଙ୍କୁ ଗୋଡ଼ାଇଥିଲେ। ଏହାପରେ ଜଣଙ୍କୁ କାବୁ କରି ନିଷ୍ଠୁର ମାଡ ମାରିଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ସକାଳେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଆହତ ଯୁବକଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲା। ହେଲେ ଚ଼ିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଙ୍କ ଗୋଡ଼ ହାତ ଭାଙ୍ଗି ଯାଇଛି। ଏଥିସହ ଗୋଡ଼ ଓ ହାତର ଦୁଇଟି ନଖକୁ ଲୋକେ ଉପାଡ଼ି ଦେଇଛନ୍ତି। ଅସହ୍ୟ ଯନ୍ତ୍ରଣା ସହି ନପାରି ଯୁବକଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଉଛି।

ଏନେଇ ଏଏସପି ରଞ୍ଜନ କୁମାର ଦେ କହିଛନ୍ତି ଯେ, ଯୁବକଙ୍କର କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ତାହାର ତଦନ୍ତ ଚ଼ାଲିଛି। ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡ଼ିବ। ଏହାପରେ ଆବଶ୍ୟକ ପଦକ୍ଷେପ ନିଆଯିବ। ଏନେଇ ଜି.ଉଦୟଗିରି ପୋଲିସ ଏବଂ ମୃତକଙ୍କ ପରିବାରକୁ ସୂଚ଼ନା ଦିଆଯାଇଛି।

## ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜରି ପଞ୍ଚାୟତରେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ମାମଲା। ହତ୍ୟା ଅଭିଯୋଗରେ ୫ ଗିରଫ। ସ୍ୱାମୀ ସହ ଘଟଣାରେ ସଂପୃକ୍ତ ଥିବା ଅନ୍ୟ ୪ ଜଣଙ୍କୁ ବାନ୍ଧିଲା ବିଞ୍ଝାରପୁର ଥାନା ପୋଲିସ।

ସୂଚ଼ନାଯୋଗ୍ୟ ଯେ, ଗତ ବୁଧବାର ଘର ପଛପଟ ବାଡ଼ିରୁ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ହତ୍ୟା ଅଭିଯୋଗ ଆଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମହିଳାଙ୍କ ବାପଘର ଲୋକେ। ମହିଳାଙ୍କ ଘର କେନ୍ଦ୍ରାପଡ଼ା ରାଜକନିକା ଥାନା ଅଞ୍ଚଳରେ ହୋଇଥିବା ବେଳେ ୧୫ ବର୍ଷ ପୂର୍ବରୁ ସେ ଜରି ପଞ୍ଚାୟତର ଦୀନବନ୍ଧୁ ସାମଲଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରଠାରୁ ଶ୍ୱଶୁର ଘର ଲୋକେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ବାପଘରୁ ଅଧିକ ପଇସା ଆଣିବାକୁ ଦାବି କରୁଥିଲେ। କିଛି ଦିନ ହେବ ସ୍ୱାମୀ ଦୀନବନ୍ଧୁ, ତାଙ୍କୁ ୫୦ ହଜାର ଟଙ୍କା ଆଣିବାକୁ ବାଧ୍ୟ କରୁଥିବା ତାଙ୍କ ଭାଉଜ ଅଭିଯୋଗ କରିଛନ୍ତି।

## ଗୋଟିଏ ରାତିରେ ୮ ମନ୍ଦିରରୁ ଚୋରି

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**



ବାଲୁଗାଁରେ ମାତିଛନ୍ତି ଚୋର ଗ୍ୟାଙ୍ଗ। ଶୁକ୍ରବାର ବିଳମ୍ବିତ ରାତିରେ ୫ଟି ସ୍ଥାନରେ ୮ ମନ୍ଦିରରୁ ଚୋରି ହୋଇଛି। ଚୋରମାନେ ମନ୍ଦିରର ଦେବଦେବୀଙ୍କ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି କରି ନେଇଛନ୍ତି। ଏଥିସହ ଦାନ ବାକ୍ସ ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମନ୍ଦିରରୁ ଦେବଦେବୀଙ୍କ ରୁପାର କିରଟି, ବାହୁଟି, ଛତି, କଙ୍କଣ, ବଇଁଶୀ ସହିତ ସୁନାର ଚ଼ିତା, ମଙ୍ଗଳସୂତ୍ର ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ସାନ୍ତରାପୁର ଗ୍ରାମ ମନ୍ଦିରରୁ ଦାନ ବାକ୍ସ ଭାଙ୍ଗି ଲକ୍ଷାଧିକ ଦାନ ଟଙ୍କା ଲୁଟ୍ ହୋଇଛି।

ସୂଚ଼ନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଅନ୍ତର୍ଗତ ବାଲୁଗାଁ ମୁଖ୍ୟ ରାସ୍ତାର ସରଳାପଦର ସ୍ଥିତ ଉତ୍ତରାୟଣୀ ମନ୍ଦିର ଓ ମାଛ ମାର୍କେଟ ସ୍ଥିତ ମା'କାଳିଜାଇ ମନ୍ଦିର, ସାନ୍ତରାପୁର ଗ୍ରାମରେ ଥିବା ଦଧିବାମନ ମନ୍ଦିର, ଲକ୍ଷ୍ମୀ ମନ୍ଦିର, ହନୁମାନ ମନ୍ଦିର, ଗୁପ୍ତେଶ୍ୱର ଦେବ ମନ୍ଦିରରୁ ଚୋରି ହୋଇଛି।

ସେହିପରି ଗାନ୍ଧୀନଗର ସ୍ଥିତ ମା'ଭଗବତୀ ଗିରିଦୁର୍ଗା ମନ୍ଦିର ଓ ବିଦ୍ୟାଧରପୁର ସାହିରେ ଥିବା ମା'ଖିଲାମୁଣ୍ଡା ମନ୍ଦିରରୁ ସମାନ ଢଙ୍ଗରେ ମନ୍ଦିରର ତାଲା ଭାଙ୍ଗି ଚୋରି ହୋଇଛି। ଖବର ପାଇ ଶନିବାର ସକାଳେ ବାଲୁଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ତେବେ ମନ୍ଦିରରୁ ସିରିଜ୍ ଲୁଟ ଘଟଣାକୁ ନେଇ ସାଧାରଣ ଲୋକଙ୍କ ମନରେ ଭୟ ସଞ୍ଚାର ହୋଇଛି।

## ବିପଦଜ୍ଜନକ ଅବସ୍ଥାରେ ହୋର୍ଡ଼ିଂ ବୋର୍ଡ ଫ୍ରେମ୍

**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**



ବୁଗୁଡା ଏନ୍‌ଏସି ଅନ୍ତର୍ଗତ ସୂର୍ଯ୍ୟନଗର ରାସ୍ତା କଡସ୍ଥ ଏକ ହୋର୍ଡ଼ିଂ ବୋର୍ଡର ଲୁହା ଫ୍ରେମଟି ରାସ୍ତା ଉପରକୁ ଢଳି ରହିଛି। ଫଳରେ କେତେବେଳେ କାହା ଉପରେ ପଡିଯିବାର ଭୟ ଘାରୁଛି। ଅନ୍ୟପକ୍ଷରେ ମୁଖ୍ୟ ସଡକ ସହ ସଂଯୁକ୍ତ ରାସ୍ତା କଡରେ ଥିବା ଏହି ଲୁହା ଫ୍ରେମଟି ରାସ୍ତା ଉପରକୁ ଢଳି ରହିଥିବାରୁ ସେହି ପଟରେ କୌଣସି ବଡ ଗାଡି ସହଜରେ ଯାତାୟତ କରିପାରୁନାହିଁ। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢୁଆଳରେ ଏହି ସମସ୍ୟାଟି ରହିଥିବାରୁ ତାହାର କୌଣସି ପ୍ରତିକାର ବ୍ୟବସ୍ଥା ହୋଇପାରୁନଥିବା ଯୋଗୁଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ଏଣୁ, ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ଦିନ ଦ୍ୱିପ୍ରହରରେ ସୁନଗହଣା ଲୁଟ୍

**ମୋରଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜାଠାରେ ଜଣଙ୍କ ଘରୁ ଦୁର୍ବୃତ୍ତମାନେ ଲୁଟ୍ କରିଥିବାର ଜଣାପଡ଼ିଛି। ସୂଚ଼ନା ମୁତାବକ, ଉକ୍ତ ଗ୍ରାମର ଆଲାଦି ଟୁଡୁ ତାଙ୍କ ପରିବାର ଲୋକଙ୍କ ସହିତ ଶନିବାର ପୂର୍ବାହ୍ନରେ ଡ୍ରେସ କିଣିବା ପାଇଁ ମାର୍କେଟକୁ ଯାଇଥିଲେ। ତେବେ ଘରକୁ ଫେରିବା ସମୟରେ ଆଲାଦିଙ୍କ ଘର ସମ୍ମୁଖରେ ଏକ କାର୍ ରହିଥିଲା ଏବଂ କାର୍‌ରେ ଡ୍ରାଇଭର ଥିବା ବେଳେ ଅନ୍ୟ ଦୁଇ ଜଣ ଯୁବକ କାର୍ ବାହାରେ ଥିଲେ। ତେବେ ଆଲାଦି ଘର ଗେଟ୍ ନିକଟରେ ପହଞ୍ଚିବା ବେଳକୁ ଘର ଭିତରୁ ଅନ୍ୟ ଦୁଇ ଜଣ ଯୁବକ ଦୌଡ଼ି ବାହାରକୁ ପଳାଇଥିଲେ ଏବଂ କାର୍ ଭିତରେ ପଶି ଘଟଣାସ୍ଥଳରୁ ଚ଼ମ୍ପଟ ମାରିଥିଲେ। ଆଲାଦି ଘର ଭିତରକୁ ଯାଇ ଦେଖିଲା ବେଳକୁ ଦୁର୍ବୃତ୍ତମାନେ ଘରୁ ୨ଟି ସୁନା ଚେନ୍, ଗୋଟିଏ ମଙ୍ଗଳସୂତ୍ର, ୩ ହଳ ସୁନା କାନଫୁଲ, ୪ ହଳ ପାଉଁଜି, ସାନ୍ତାଳୀ ସମ୍ପ୍ରଦାୟରରୁ ମୋଟ୍ ୧୨ଲକ୍ଷ ଟଙ୍କାର ଜିନିଷ ଚୋରି କରି ନେଇଛନ୍ତି।

## ବିଦ୍ୟାଳୟରେ ଅଜଣା ଯୁବକଙ୍କ ଆତଙ୍କ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା ସଦର କୁମୁଟି ଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିନ ପ୍ରାୟ ୩ଟା ସମୟରେ ଏକ ଅଜଣା ଯୁବକ ପାଚେରୀ ଡେଇଁ ହାତରେ ଏକ ଭଙ୍ଗା କାଚ଼ ବୋତଲ ଧରି ସ୍କୁଲ ମଧ୍ୟରେ ପଶି ଭୟର ବାତାବରଣ ସୃଷ୍ଟି କରିଥିଲା। ଦୀର୍ଘ ସମୟ ଧରି ସେ ଛାତ୍ରଛାତ୍ରୀ ତଥା ସ୍କୁଲ ଶିକ୍ଷକମାନଙ୍କ ଉପରେ ଆଘାତ କରିବାକୁ ଚେଷ୍ଟା କରୁଥିଲା। ପ୍ରାୟ ଅଧ ଘଣ୍ଟା ଧରି ଏପରି ଚ଼ାଲିଥିବା ବେଳେ ଶେଷରେ ଶିକ୍ଷକ ଶ୍ରୀଧର ସାହୁ ନିଜ ଜୀବନକୁ ବାଜି ଲଗାଇ ଉକ୍ତ ଯୁବକ ହାତରୁ ଭଙ୍ଗା କାଚ଼ ବୋତଲ ଛଡେଇ ନେଇଥିଲେ ଓ ଥାନାକୁ ଫୋନ୍ କରିଥିଲେ। ପୋଲିସ ଆସିବା ଭିତରେ ଉକ୍ତ ଯୁବକ ଜଣକ ସେଠାରୁ ଦଉଡ଼ି ପଳାଇଥିଲେ। ଘଟଣାକୁ ନେଇ ସ୍କୁଲର ପ୍ରଧାନଶିକ୍ଷୟତ୍ରୀ ଲକ୍ଷ୍ମୀ ରାଣୀ କୀର୍ତ୍ତନିୟା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ନେଇ ସୂଚ଼ନା ଦେଇଛନ୍ତି। ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଉକ୍ତ ଯୁବକ ଉପରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ଆଗାମୀ ଦିନରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେନେଇ ଅଭିଭାବକମାନେ ଦାବି କରିଛନ୍ତି।

## ମଣ୍ଡି ଓ ଚ଼ାଷୀଙ୍କ ସମସ୍ୟାକୁ ନେଇ ବିଜେଡିର ବିକ୍ଷୋଭ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଚ଼ଳିତ ଖରିଫ ଋତୁ ଧାନ ସଂଗ୍ରହ ସମୟରେ ରାଜ୍ୟର ଅନ୍ନଦାତାମାନେ ବ୍ୟବସ୍ଥାଗତ ଶୋଷଣ, ପ୍ରଶାସନିକ ଉଦାସୀନତା ଓ ନିର୍ବାଚ଼ନ ପ୍ରତିଶ୍ରୁତି ପାଳନରେ ବିଫଳତା ଜନିତ କଷଣର ସମ୍ମୁଖୀନ ହେଉଛନ୍ତି। ୨୦୨୪ ନିର୍ବାଚ଼ନ ସମୟରେ ବିଜେପିର ନିର୍ବାଚ଼ନୀ ଇସ୍ତାହାରର ୨ ନମ୍ବର ପଏଣ୍ଟରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟନୀ-ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ଚ଼ାଷୀ ଭାଇଭଉଣୀମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ବାସ୍ତବ ସ୍ଥିତି ହେଉଛି, ରାଜ୍ୟରେ ଥିବା ମଣ୍ଡିଗୁଡ଼ିକ ଏବେ ଚ଼ାଷୀଙ୍କ ପାଇଁ ନିର୍ଯାତନାର କେନ୍ଦ୍ର ପାଲଟି ଯାଇଛି। ଅନ୍ନଦାତାଙ୍କ ଠାରୁ ବିନା କୌଣସି ଅସୁବିଧାରେ ଧାନ ସଂଗ୍ରହ କରିବାକୁ ବିଜେପି ସରକାର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଆଦ୍ରତା ଓ ନିମ୍ନମାନର ଧାନ ଆଦି ବିଭିନ୍ନ ଆଳରେ ସେମାନଙ୍କ ଠାରୁ କ୍ୱିଣ୍ଟାଲ ପିଛା ୫ରୁ ୭ କେଜି ପର୍ଯ୍ୟନ୍ତ କଟନୀ-ଛଟନୀ କରିବା ପରିତାପର ବିଷୟ ବୋଲି ଦଳ ପକ୍ଷରୁ ଅଭିଯୋଗ କରି ଏହି ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ମିଲର ଓ ସ୍ଥାନୀୟ ଅଧିକାରୀମାନଙ୍କ ମଧ୍ୟରେ ମଧୁଚ଼ନ୍ଦ୍ରିକା ଯୋଗୁଁ ଚ଼ାଷୀମାନେ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପାଉନାହାନ୍ତି। ନିର୍ବାଚ଼ନ ସମୟରେ ବିଜେପି ଦେଇଥିବା ମିଥ୍ୟା ପ୍ରତିଶ୍ରୁତିର ଏହା ଏକ ଉଦାହରଣ ଏବଂ କେବେ ଏ କଟନୀ-ଛଟନୀ ବନ୍ଦ ହେବ ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ସେହିପରି ରାଜ୍ୟର ସବୁ ଚ଼ାଷୀ ଭାଇଭଉଣୀଙ୍କୁ କ୍ୱିଣ୍ଟାଲ ପିଛା ଇନପୁଟ୍ ସବ୍‌ସିଡି ୮୦୦ ଟଙ୍କା ଲେଖାଏଁ ଦେବା ପାଇଁ ବିଜେପି ସରକାର ଘୋଷଣା କରିଥିଲେ। କିନ୍ତୁ ନିକଟରେ ବିଜେପି ସରକାର ଏହି ସବ୍‌ସିଡି ପାଇଁ ଚ଼ାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ଧାର୍ଯ୍ୟ କରିବା, ପ୍ରତିଶ୍ରୁତି ଭଙ୍ଗର ନିଚ଼୍ଛକ ଉଦାହରଣ। ଯାହାକୁ ନେଇ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ବିକ୍ଷୋଭ କରିଛି।

## ବାଣିଜ୍ୟ

## ଏୟାର ଇଣ୍ଡିଆକୁ ଜରିମାନା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ସୂତ୍ର ଅନୁଯାୟୀ, ଭାରତର ବିମାନ ସୁରକ୍ଷା ପର୍ଚର୍ଡଗ୍, ବେସାମରିକ ବିମାନ ଚ଼ଳାଚ଼ଳ ନିର୍ଦ୍ଦେଶାଳୟ (ଡିଜିସିଏ), ଗତ ବର୍ଷ ଅତି କମରେ ୮ଟି ରୁଟରେ ଆବଶ୍ୟକୀୟ ବିମାନ ଯୋଗ୍ୟତା ପ୍ରମାଣପତ୍ର ବିନା ଏୟାରବସ୍ ଏ୩୨୦ନିଓ ବିମାନ ପରିଚ଼ାଳନା ପାଇଁ ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆକୁ ୧ କୋଟି ଜରିମାନା କରିଛି।

ଗତ ବର୍ଷ ଡିସେମ୍ବର ୨ ତାରିଖରେ, କହିଥିଲେ ଯେ ଏହା ବିଭିନ୍ନ କ୍ଷେତ୍ରରେ ଆବଶ୍ୟକୀୟ ବିମାନ ଯୋଗ୍ୟତା ପ୍ରମାଣପତ୍ର ବିନା ଏ୩୨୦ନିଓ ବିମାନ ପରିଚ଼ାଳନା ଘଟଣାର ତଦନ୍ତ କରୁଛି। ଶୁକ୍ରବାର ସୂତ୍ର ଅନୁଯାୟୀ, ଡିଜିସିଏ ଏହି ନିୟମ ଉଲ୍ଲଂଘନ କରିବା ପାଇଁ ବର୍ତ୍ତମାନ ଏୟାରଲାଇନ୍‌କୁ ୧ କୋଟି ଜରିମାନା କରିଛି। ଏୟାରଲାଇନ୍ସ ଏକ ବିବୃତିରେ କହିଛି, ଏୟାର ଇଣ୍ଡିଆ ୨୦୨୫ରେ ସ୍ୱେଚ୍ଛାକୃତ ଭାବରେ ରିପୋର୍ଟ ହୋଇଥିବା ଏକ ଘଟଣା ସମ୍ପର୍କରେ ଡିଜିସିଏ ନିର୍ଦ୍ଦେଶ ଗ୍ରହଣ କରିଥିବା ସ୍ୱୀକାର କରୁଛି। ସମସ୍ତ ଚ଼ିହ୍ନଟ ହୋଇଥିବା ତ୍ରୁଟିଗୁଡ଼ିକୁ ସଠିକ୍ ଭାବରେ ସଂଶୋଧନ କରାଯାଇଛି ଏବଂ କର୍ତ୍ତୃପକ୍ଷଙ୍କ ସହ ସେୟାର କରାଯାଇଛି। ନଭେମ୍ବର ୨୬, ୨୦୨୫ରେ, ଏୟାରଲାଇନ୍ସ ଡିଜିସିଏକୁ ଏ୩୨୦ ବିମାନ ବିଷୟରେ ସୂଚ଼ନା ଦେଇଥିଲା ଯାହାର ମିଆଦ ଶେଷ ହୋଇଥିବା ଏୟାର ଯୋଗ୍ୟତା ସମୀକ୍ଷା ପ୍ରମାଣପତ୍ର (ଏଆରସି) ସହିତ ୮ଟି ରାଜସ୍ୱ କ୍ଷେତ୍ରରେ ଉଡୁଛି। ପ୍ରତିବର୍ଷ ବିମାନର ରକ୍ଷଣାବେକ୍ଷଣ ରେକର୍ଡ, ଶାରୀରିକ ଅବସ୍ଥା ଏବଂ ସମସ୍ତ ବିମାନ ଉଡ଼ାଣ ମାନଦଣ୍ଡର ଅନୁପାଳନ ଯାଞ୍ଚ ପରେ ଏଆରସି ଜାରି କରାଯାଏ। ଏହା ବିମାନର ମୁଖ୍ୟ ବିମାନ ଉଡ଼ାଣ ପ୍ରମାଣପତ୍ରକୁ ବୈଧ କରିଥାଏ। ମାନଦ ଅନୁଯାୟୀ, ଏୟାର ଇଣ୍ଡିଆକୁ ଯେକୌଣସି ବିମାନ ପାଇଁ ଏଆରସି ଜାରି କରିବାର କ୍ଷମତା ଦିଆଯାଇଛି। ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆ ପୂର୍ବରୁ କିଛି ଉଲ୍ଲଂଘନ ପାଇଁ ନିୟାମକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛି।

## ନରସିଂହପୁର ଜଙ୍ଗଲରେ ଦନ୍ତାହାତୀ ମୃତ

**ନରସିଂହପୁର: ଏକ୍ସପ୍ରେସ ନ୍ୟୁଜ୍**

ନରସିଂହପୁର ପଶ୍ଚିମ ବନ ବିଭାଗ ଅଧୀନ ବାଲିକିଆରୀ ଜଙ୍ଗଲ କମ୍ପାଟ୍‌ମେଣ୍ଟ-୨ରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ମୃତ ହାତୀଟି ୫ରୁ ୬ବର୍ଷର ହେବ ବୋଲି ଅନୁମାନ କରାଯାଉଛି। ଦନ୍ତା ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ଗଣମାଧ୍ୟମକୁ ସୂଚ଼ନା ନ ଦେଇ ଘଟଣାକୁ ବନ ବିଭାଗ ଚ଼ପାଇ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏହି ହାତୀକୁ ମିଶାଇ ଚ଼ଳିତ ବର୍ଷ ଗୋଟିଏ ମାସରେ ଦୁଇଟି ହାତୀର ମୃତ୍ୟୁ ଘଟିଛି। ଗତ ୧୪ ମାସରେ ଉଭୟ ପୂର୍ବ ଏବଂ ପଶ୍ଚିମ ବନ ବିଭାଗ ଅଧୀନରେ ମୋଟ ୧୧ଟି ହାତୀଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଉଥିବା ବେଳେ ହାତୀ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହେବ ବୋଲି କୁହାଯାଉଛି। ଏବେ ବି ପଶ୍ଚିମ ବନ ବିଭାଗ ଅଧୀନ ବାଲିକିଆରୀ ଜଙ୍ଗଲରେ ଗୋଟିଏ ୫୦ରୁ ଅଧିକ ବର୍ଷର ମାଈ ହାତୀର ଚ଼ିକିତ୍ସା ଗତ ୨ ତାରିଖରୁ ଚ଼ାଲିଥିବା ବେଳେ ପୂର୍ବ ବନ ବିଭାଗ ଅଧୀନ ସେରମୁଣ୍ଡା ଜଙ୍ଗଲରେ ଅନ୍ୟ ଏକ ୫୦ ବର୍ଷର ଦନ୍ତା ଅସୁସ୍ଥ ଅବସ୍ଥାରେ ବୁଲୁଥିବା ଜଣାପଡିଛି।

ସୂଚ଼ନା ମୁତାବକ, ବାଲିକିଆରୀ ଜଙ୍ଗଲରେ ୧୨ତାରିଖରୁ ଦନ୍ତାହାତୀର ମୃତ୍ୟୁ ଘଟିଲାଣି। ଏ ସମ୍ପର୍କରେ ଜାଣିବା ପାଇଁ ଦୁଇଦିନ ହେଲା ବନ ବିଭାଗ ଅଧିକାରୀଙ୍କୁ ଏକାଧିକ ବାର ଯୋଗାଯୋଗ କରାଯାଇଥିଲା। ହେଲେ ସମ୍ପୃକ୍ତ ବନ ଅଧିକାରୀ ବିଭିନ୍ନ ଆଳ ଦେଖାଇ ଗଣମାଧ୍ୟମଠାରୁ ଦୂରେଇ ରହିବା ପାଇଁ ଉଦ୍ୟମ କରୁଥିବା ଜଣାପଡିଛି। ହାତୀ ମୃତ୍ୟୁ ଖବର ପାଇ ଅନୁଗୁଳ ଆରସିସିଏଫ୍ ସଞ୍ଜୟ କୁମାର ସ୍ୱାଇଁ, ଆଠଗଡ ଡିଏଫ୍‌ଓ ଡ.ବିଶ୍ୱାଳ ଚ଼ିଚ଼ିଲିଚ଼ି, ନରସିଂହପୁର ଏସିଏଫ୍ ମନୋଜ ପାତ୍ର, ରେଞ୍ଜର ପ୍ରଦୀପ କୁମାର ନାୟକ, ଭୁବନେଶ୍ୱର ଜଏଣ୍ଟ ଟାସ୍କଫୋର୍ସ ଓ ନରସିଂହପୁର ପ୍ରାଣୀ ଚ଼ିକିତ୍ସା ଅଧିକାରୀ, ବନ ବିଭାଗ କର୍ମଚ଼ାରୀ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ହାତୀର ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ଏନେଇ ରେଞ୍ଜର ପ୍ରଦୀପ ନାୟକଙ୍କୁ ପଚ଼ାରିବାରୁ ଗୁରୁବାର ବିଳମ୍ବିତ ରାତି ହୋଇଯିବାରୁ ଖବର ଦେଇ ହେଲାନି ବୋଲି ସଫେଇ ଦେଇଛନ୍ତି।

ସେହିପରି ବାଲିକିଆରୀ କମ୍ପାଟ୍‌ମେଣ୍ଟ-୯ରେ ଆଉ ଏକ ମାଈ ହାତୀର ଚ଼ିକିତ୍ସା ଗତ ୧୧ ଦିନ ହେଲା ବନ ବିଭାଗ ପକ୍ଷରୁ କରାଯାଉଛି। ପୂର୍ବ ବନ ବିଭାଗ ଅନ୍ତର୍ଗତ ସେରମୁଣ୍ଡା ଜଙ୍ଗଲରେ କିଛି ଦିନ ହେଲା ଗଣିଆ ନାମକ ୫୦ରୁ ଅଧିକ ବୟସର ଦନ୍ତା ହାତୀ ଅସୁସ୍ଥ ଅବସ୍ଥାରେ ବୁଲୁଥିବା ଜଣାପଡିଛି। ଏନେଇ ରେଞ୍ଜର କୁଳେସ ଚ଼ନ୍ଦ୍ର ସାହୁଙ୍କୁ ପଚ଼ାରିବାରୁ ହାତୀଟି ହିନ୍ଦୋଳ ଅଞ୍ଚଳରୁ କିଛି ଦିନ ପାଇଁ ଆମ ଏରିଆକୁ ପଳାଇ ଆସିଥିଲା। ଏବେ ପୁଣି ହିନ୍ଦୋଳ ଜଙ୍ଗଲକୁ ହାତୀଟି ପଳାଇଥିବା କହିଛନ୍ତି ରେଞ୍ଜର ଶ୍ରୀ ସାହୁ। ଗତ ଜାନୁଆରୀ ୧୪ ତାରିଖରେ ପଶ୍ଚିମ ବନ ବିଭାଗ ଅନ୍ତର୍ଗତ ବୀରସିଂହପୁର ନିକଟରେ ଗୋଟଏ ମାଈ ହାତୀର ମୃତ୍ୟୁ ଘଟିଥିଲା। ଏହାର ବୟସ ୫୦ରୁ ଅଧିକ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚ଼ନା ଦିଆଯାଇଥିଲା। ବର୍ଷ ଆରମ୍ଭରୁ ଏହି ଜଙ୍ଗଲରେ ଦୁଇଟି ହାତୀର ମୃତ୍ୟୁ ଘଟିଥିବା ବେଳେ ଏହାକୁ ମିଶାଇ ନରସିଂହପୁର ଉଭୟ ପୂର୍ବ ଓ ପଶ୍ଚିମ ବନ ବିଭାଗ ଅଧୀନରେ ଗତ ୧୪ ମାସରେ ୧୧ଟି ହାତୀଙ୍କର ମୃତ୍ୟୁ ଘଟିଛି। ସେଥିରୁ ୬ଟି ଦନ୍ତା ଓ ୫ଟି ମାଈ ହାତୀ ଥିବା ଜଣାପଡିଛି। ଏପରି ସ୍ଥିତି ଲାଗି ରହିଲେ କିଛି ବର୍ଷ ମଧ୍ୟରେ ଏହି ଜଙ୍ଗଲ ହାତୀ ଶୂନ୍ୟ ହୋଇଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

## ଭଗବାନ ପର୍ଶୁରାମଙ୍କ ଭୂମିକାରେ ଭିକି

## ସିନେମାଫିନେମା ଟିଭିଫିବି



ବଲିଉଡ୍ ଅଭିନେତା ଭିକି କୌଶଲଙ୍କ ଫିଲ୍ମ 'ଛାବା' ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହେବା ପରେ ତାଙ୍କ ହାତକୁ ଏବେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟରୁ ଅଫର୍ ଆସୁଛି। ସେ ମଧ୍ୟ ଏବେ ଦେଖିଚ଼ାହିଁ ଫିଲ୍ମ ସାଇନ୍ କରୁଛନ୍ତି। ଦର୍ଶକେ ଏବେ ତାଙ୍କ ଆଗାମୀ ଫିଲ୍ମ 'ଲଭ୍ ଆଣ୍ଡ ୱାର୍'କୁ ଅପେକ୍ଷା କରିଛନ୍ତି। ଅପରପକ୍ଷରେ ଭିକି 'ମହାବତାର' ଫିଲ୍ମରେ ଲିଡ୍ ରୋଲରେ ନଜର ଆସିବା କଥା ଘୋଷଣା ହେବା ପରେ ତାଙ୍କ ପ୍ରଶଂସକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଇତି ମଧ୍ୟରେ ଏହାର ପୋଷ୍ଟର୍ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି।

'ଛାବା' ଭଳି 'ମହାବତାର'ରେ ମଧ୍ୟ ଭିକିଙ୍କ ଲୁକ୍‌ରେ ପରିବର୍ତ୍ତନ ଦେଖାଯିବ ବୋଲି ପୋଷ୍ଟରରୁ ଜଣାପଡୁଛି। ଏଥିରେ ଭଗବାନ ପର୍ଶୁରାମଙ୍କ ଭୂମିକାରେ ଅଭିନୟ କରିବା ପାଇଁ ଭିକିଙ୍କୁ ଶାରୀରିକସ୍ତରରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ପଡିବ ବୋଲି କୁହାଯାଉଛି। ଏହି ଫିଲ୍ମ ପାଇଁ ତାଙ୍କୁ ୧୦-୧୨ କେଜି ଓଜନ ବଢାଇବାକୁ ପଡିବ। ତେବେ ଏତେ ଶୀଘ୍ର ଭିକି ତାଙ୍କ ଓଜନ ବଢାଇବେ ନାହିଁ। କାରଣ ସେ ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଅପ୍ରେଲରେ ଏହାର ସୁଟିଂ ସରିଯିବ। ଏହାପରେ ସେ 'ମହାବତାର' ପାଇଁ ନିଜକୁ ପ୍ରସ୍ତୁତ କରିବେ।

ଏହି ସମୟରେ ସେ ନିଜ ଓଜନ ବଢାଇବା ସହ ଯୋଦ୍ଧା ଭୂମିକା ପାଇଁ ବିଭିନ୍ନ ପ୍ରକାରର ତାଲିମ୍ ମଧ୍ୟ ନେବେ ବୋଲି ଜଣାପଡିଛି। ଦିନେଶ ବିଜାନଙ୍କ ମ୍ୟାଡକକ୍ ଫିଲ୍ମସ ଏହାର ନିର୍ମାଣ କରୁଛନ୍ତି। ଅମର କୌଶିକ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏହି ଫିଲ୍ମ ଆସନ୍ତା କ୍ରିସମାସ୍ ଅବସରରେ ପରଦାକୁ ଆସିବ। ଫିଲ୍ମରେ ଅତି ଉଚ୍ଚମାନର ଗ୍ରାଫିକ୍ସ ଓ ଭଏଫେକ୍ସର ବ୍ୟବହାର କରାଯିବ।

# ଚୋରା ମାଟିରେ ଚାଲିଛି ରାସ୍ତା ପ୍ରଶସ୍ତିକରଣ, କାର୍ଯ୍ୟାନୁଷ୍ଠାନ ଦାବି

**୧୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**

କୁଜଙ୍ଗ ତହସିଲ ଠାରୁ ମାତ୍ର ୪ କିଲୋମିଟର ଦୂରରେ ଚୋରା ମାଟିରେ ଚାଲିଛି ତାଳଦଣ୍ଡା-ଅରଖିଆ ରାସ୍ତା ପ୍ରଶସ୍ତିକରଣ । କିନ୍ତୁ ସବୁ ଜାଣି ଚୁପ୍ ବସିଛି ତହସିଲ ପ୍ରଶାସନ। କଟକ - ପାରାଦ୍ୱୀପ ରାଜ୍ୟ ରାଜପଥ ତାଳଦଣ୍ଡା ଠାରୁ ଅରଖିଆ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୬.୮ କିଲୋମିଟର ରାସ୍ତା ନୂତନ ଓ ପ୍ରଶସ୍ତିକରଣ କରାଯାଉଛି । ଏହି ରାସ୍ତା ନିର୍ମାଣର ତଦାରଖ କାର୍ଯ୍ୟ ରାଜ୍ୟ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିଛନ୍ତି । ବିଭାଗ ଦ୍ୱାରା ୫ କୋଟି ୭୮ ଲକ୍ଷ ୯୧ ହଜାର ବ୍ୟୟବରାଦ ହୋଇଥିଲା । ଏହି ପ୍ରକଳ୍ପର ଟେଣ୍ଡର ପାଇଥିଲେ ଲାଇସେନ୍ସ ପ୍ରାପ୍ତ ଠିକାଦାର ବାହୁ ବଜେନ୍ଦ୍ର ମଲ୍ଲିକ । ଏହି କାର୍ଯ୍ୟର ଆରମ୍ଭ ୨୦୨୪ ମସିହା ଜାନୁଆରି ୨୫ ତାରିଖ ଥିବାବେଳେ ସମ୍ପୂର୍ଣ୍ଣ କରିବାର ଅବଧି ସମୟ ୨୦୨୫ ମସିହା ଫେବୃଆରୀ ମାସ ୨୬ ତାରିଖ ଥିଲା । ମାତ୍ର ଅବଧି ସୀମା ସରିଥିଲେ ସୁଦ୍ଧା ଠିକାଦାର ଏପର୍ଯ୍ୟନ୍ତ ୧୦ ପ୍ରତିଶତ କାମ କରିନଥିବା ଦେଖିବାକୁ ମିଳିଛି ।



ତେବେ ଏହି ରାସ୍ତା ନିର୍ମାଣରେ ଏବେ ଶହ ଶହ ଟ୍ରିପ ମାଟି ଚୋରା ଚାଲାଣ ହୋଇ ଏଠାରେ ପଡୁଛି । ଦୈନନ୍ଦିନ ବିଭିନ୍ନ ଘରୋଇ ଜମି କିମ୍ବା ସରକାରୀ ଜମିରୁ ରାଜସ୍ୱ ଅଧିକାରୀଙ୍କ ବିନା ଅନୁମତିରେ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ମାଟି ଉଠା ଯାଇ ରାସ୍ତା ପାର୍ଶ୍ୱରେ ମାଟି ଗଦା କରାଯାଉଛି । ଏନେଇ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ପଚାରିବାରୁ ତହସିଲ ପ୍ରଶାସନ ଏହି ରାସ୍ତା କାର୍ଯ୍ୟରେ ମାଟି ପକାଇବା ନେଇ କୌଣସି ଅନୁମତି ଦେଇନଥିବା କହିବା ସହ ବେଆଇନ୍ ମାଟି ଉଠାଣ ସ୍ଥାନରେ ଖୁବ୍ ଶୀଘ୍ର ଚଢ଼ଉ କରାଯିବ ବୋଲି କହିଥିଲେ । ତେବେ ତହସିଲ କାର୍ଯ୍ୟାଳୟ ଠାରୁ ମାତ୍ର ୪ କିଲୋମିଟର ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମାତ୍ର ୧ କିଲୋମିଟର ଦୂରରେ ରାସ୍ତା ନୂତନ ଓ ପ୍ରଶସ୍ତିକରଣ ପାଇଁ ଚୋରା ମାଟି ବ୍ୟବହୃତ ହେଉଥିବା ବେଳେ ତହସିଲ ପ୍ରଶାସନ ନୀରବ ବସିବା ତାଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଏହି ରାସ୍ତା ପ୍ରଶସ୍ତିକରଣ ପାଇଁ ବ୍ୟବହୃତ ସାମଗ୍ରୀ ଚୋରାରେ ଆସୁଛି କି ନା ଏହାକୁ ତହସିଲ ପ୍ରଶାସନ ତଦନ୍ତ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି । ସରକାର ରାସ୍ତା ପ୍ରଶସ୍ତି କରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ କରୁଥିବା ବେଳେ ଠିକାଦାର ମୋଟା ଅଙ୍କର ମୁନାଫା ଲୋଭରେ ଚୋରା ସାମଗ୍ରୀ ବ୍ୟବହାର କରୁଛନ୍ତି । ତେବେ ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ତଦନ୍ତ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଉଠିଛି ।

## ଆଜିର ରାଶିଫଳ

| ତାରିଖ | ରବିବାର- ତ୍ରୟୋଦଶୀ |
|---|---|
| ୧୫.୨.୨୦୨୬ | ନକ୍ଷତ୍ର- ଉତ୍ତରାଷାଢ଼ା, ମକରଚନ୍ଦ୍ର |

| | |
|---|---|
| ମେଷ | : ଭଲ କାମ କରି ଆନନ୍ଦିତ ହେବେ । |
| ବୃଷ | : ପୂଜାରେ ଖୁସି ପାଇବେ । |
| ମିଥୁନ | : ଯନ୍ତ୍ରଣା ବୃଦ୍ଧି ପାଇବ । |
| କର୍କଟ | : ହସଖୁସିରେ ଦିନ କଟିବ । |
| ସିଂହ | : ଦ୍ରବ୍ୟଲାଭ ଯୋଗ ରହିଛି । |
| କନ୍ୟା | : ସମ୍ମାନ ବୃଦ୍ଧି ପାଇବ । |
| ତୁଳା | : ସଫଳତା ପାଇବା ପାଇଁ ଉଦ୍ୟମ କରିବେ । |
| ବିଛା | : ବ୍ୟବସାୟରେ ଆୟ ବୃଦ୍ଧି ପାଇବ । |
| ଧନୁ | : ଶୁଭ ସମ୍ବାଦ ପାଇବେ । |
| ମକର | : ବନ୍ଧୁମିଳନ ଖୁସି ଦେବ । |
| କୁମ୍ଭ | : ଅଶାନ୍ତିରେ ଦିନ କଟିବ । |
| ମୀନ | : ଯାତ୍ରା ଶୁଭପ୍ରଦ ହେବ । |

## ପଞ୍ଚାୟତ ଗୋଷ୍ଠୀ କେନ୍ଦ୍ର ଠିକାଦାରଙ୍କ ଜବରଦଖଲରେ

**ଦେବଗଡ଼, ୧୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଦେବଗଡ଼ ଜିଲ୍ଲା ପ୍ରଶାସନର ଅବହେଳାରୁ ହେଉ କି ଗ୍ରାମପଞ୍ଚାୟତର ଅଧିକାରୀମାନଙ୍କ ଜ୍ଞାତସାରରେ ହେଉ ବୃଦ୍ଧବୃଦ୍ଧାମାନଙ୍କ ଭତ୍ତା ପ୍ରଦାନ ବେଳେ ଆଶ୍ରୟ ନେବା ପାଇଁ ଓ ପଞ୍ଚାୟତବାସୀଙ୍କ କୌଣସି ପ୍ରକାରର ଜରୁରୀ ବୈଠକ ପାଇଁ ଉଦ୍ଦିଷ୍ଟ ପଞ୍ଚାୟତ ଗୋଷ୍ଠୀ କେନ୍ଦ୍ରକୁ ଜଣେ ଠିକାଦାର ଜବରଦଖଲ କରି ନିଜର ବ୍ୟବସାୟ ଚଳାଉଥିବା ଭଳି ଘଟଣା ଦେଖିବାକୁ ମିଳିଛି । ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକ ଦୁଧିଆନାଳି ଗ୍ରାମପଞ୍ଚାୟତ ସ୍ଥିତ ଜାମୁନାଳୀ ଗ୍ରାମରେ ଥିବା ଗୋଷ୍ଠୀ କେନ୍ଦ୍ରରେ । ସୂଚନାନୁସାରେ ଦୁଧିଆନାଳି ପଞ୍ଚାୟତ ଅନ୍ତର୍ଗତ ଜାମୁନାଳି ଗ୍ରାମରେ ଥିବା ଗୋଷ୍ଠୀ କେନ୍ଦ୍ରକୁ ଜବରଦଖଲ କରିଥିବା ଠିକାଦାରଙ୍କ ମ୍ୟାନେଜରଙ୍କୁ ଏ ସମ୍ପର୍କରେ ପଚାରିବାରୁ ସରପଞ୍ଚ ଏ ଘର ଆମକୁ ଦେଇଛନ୍ତି ବୋଲି କହିଥିବା ବେଳେ ବାସ୍ତବରେ ସରପଞ୍ଚ ବ୍ୟକ୍ତିଗତ ଭାବେ ମାସିକିଆ ଭଡା ସୂତ୍ରରେ ଦିଆଯାଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ଏ ମର୍ମରେ ତିଳେଇବଣି ଗୋଷ୍ଠୀ ଅଧିକାରିଣୀଙ୍କୁ ଫୋନ ଯୋଗେ ଜଣାଇବା ପରେ ଅଭିଯୋଗର ତଦନ୍ତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ । ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏ ଘଟଣାକୁ ହସ୍ତକ୍ଷେପ କରି ପଞ୍ଚାୟତବାସୀଙ୍କ ପାଇଁ ଉଦ୍ଦିଷ୍ଟ ଗୃହକୁ ସାଧାରଣ ଲୋକଙ୍କ ବ୍ୟବହାରରେ ଲଗାଇବାକୁ ଦାବି ହେଉଛି ।

## ନିଆଳି ଅଞ୍ଚଳରେ ଚୋରି

**ନିଆଳୀ, ୧୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କୋରକୋର ଗ୍ରାମରେ ଏକ ବଡ଼ ଧରଣର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି । ସୂଚନା ମୁତାବକ, ଉକ୍ତ ଗ୍ରାମର ବିଭୂତି ଭୂଷଣ ରାଉତ ଗତ ୧୦ ତାରିଖ ମଙ୍ଗଳବାର ଦିନ ସପରିବାର କୌଣସି କାମରେ ଭୁବନେଶ୍ୱରକୁ ଯାଇଥିଲେ । ଏହାର ସୁଯୋଗ ନେଇ ଚୋରମାନେ ଘରର ଝରକା ତାଡ଼ି ଭିତରେ ଥିବା ଆଲମାରିରୁ ୫୦ ଭରି ସୁନା ଗହଣା ଏବଂ ନଗଦ ପ୍ରାୟ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଥିବା ନେଇ ନିଆଳୀ ଥାନାରେ ଅଭିଯୋଗ ହୋଇଛି । ନିଆଳୀ ଥାନା ପୋଲିସ ଏହି ଘଟଣାରେ ୯୧/୨୬ ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ସ୍ନିଫର ଡଗ୍ ସହାୟତାରେ ତଦନ୍ତ ଚଳାଇଛି । ପୋଲିସ କୁକୁର ତଦନ୍ତ ସମୟରେ ଗ୍ରାମର କିଛି ସ୍ଥାନକୁ ଯାଇ ଅଟକି ଯାଇଥିଲା, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚୋରି ପଛରେ କୌଣସି ପରିଚିତ ବ୍ୟକ୍ତି ବା ଗୋଷ୍ଠୀର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି ।

## ଦାଦା ବଟି ପାଇଁ ଗୋଷ୍ଠୀ ସଂଘର୍ଷ

**ବାଲେଶ୍ୱର, ୧୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦାଦା ବଟି ପାଇଁ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଗୁଜୁରୀ ବଜାର ଛକଠାରେ ଶନିବାର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଦେଖାଦେଇଛି । ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରାଯାଇଛି । ଯୁବକଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି । ଗୁରୁତର ଯୁବକ ହେଲେ ତୁଟାପାଳ ଅଞ୍ଚଳର ଦିଲ୍ଲୀପ ମହାଳିକ । ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଦାଦା ବଟି ଆଦାୟକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ସୂଚନା ମିଳିଛି । ଉଭୟ ପକ୍ଷରୁ ଢେଲା ମାଡ ଓ ମାରଣାସ୍ତ୍ରରେ ଆକ୍ରମଣ ହୋଇଥିବାବେଳେ ଚାରି, ପାଞ୍ଚ ଜଣ ଆହତ ହୋଇଥିବା ସୂଚନା । ଗୁରୁତର ଯୁବକ ଗ୍ରୋସରୀ ଦୋକାନରେ ରହିଥିବାବେଳେ ଦୋକାନ ସମ୍ମୁଖରେ ବାଇକରେ ଆସି ଅତର୍କିତ ଭାବରେ ଆକ୍ରମଣ କରିଥିଲେ ଦୁଇ ଯୁବକ । ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛିଛ ବିଭିନ୍ନ ସମୟରେ ଗୁଜୁରି ବଜାର ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଦେଖା ଦେଉଥିବାବେଳେ ପୋଲିସର ଏଥିପ୍ରତି ନିଘା ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

# ମଣିନାଥପୁର ନଦୀକୂଳ ଶ୍ମଶାନରୁ ଶବ ଚୋରି

**ଭଣ୍ଡାରିପୋଖରୀ, ୧୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ବୈତରଣୀ କୂଳ ଥିବା ଗ୍ରାମ ଶ୍ମଶାନରୁ ଗତ ଗୁରୁବାର ରାତ୍ରରେ ଏକକାଳୀନ ୫ଟି ଶବ ଚୋରି ହୋଇଥିବା ଜଣାଯାଇଛି । ଗତ ୨ ମାସ ମଧ୍ୟରେ ମୃତ୍ୟୁବରଣ କରିଥିବା ଗ୍ରାମର ଖଗେଶ୍ୱର ସାମଲ, ହାଡବନ୍ଧୁ ବେଉରିଆ, କାର୍ତ୍ତିକ ନାୟକ, ସରସ୍ୱତୀ ବେହେରା ଓ କାଳନ୍ଦୀ ବେହେରାଙ୍କ ଶବ ଚୋରି ହୋଇଥିବା ଜଣାଯାଇଛି । ଗ୍ରାମ ଶ୍ମଶାନରୁ ଶବ ଚୋରି ହେବା ନୂଆ ନୁହେଁ । ୨୦୧୬ ମସିହାରେ ଶବ ଚୋରି ହୋଇଥିବା ସମ୍ପର୍କରେ ଗ୍ରାମବାସୀମାନେ ପ୍ରଥମେ ଅବଗତ ହୋଇଥିଲେ । ନଦୀର ବାଲି ଖାଲରେ ବୁଡ଼ିଯାଇ ପ୍ରାଣ ହରାଇଥିବା ଶିଶୁର ଶବ ପୋତା ଯିବାର ଦୁଇମାସ ପରେ ଖୋଳି ନିଆଯାଇଥିଲା । ସେହିବର୍ଷ ଗ୍ରାମବାସୀ ଅନାମ ବେହେରାଙ୍କ ଶବ ପୋତାଗାତରୁ ଖୋଳି ନିଆଯାଇଥିଲା। ୨୦୧୭ ମସିହାରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବସନ୍ତ ଦାସ ଓ ରାଜ୍ୟପାଳ ପୁରସ୍କୃତ ପ୍ରଧାନଶିକ୍ଷକ ବାସୁଦେବ ଦାସଙ୍କ ଶବକୁ ମଧ୍ୟ ଖୋଳି ନିଆଯାଇଥିବା ଜଣାପଡ଼ିଥିଲା । ୨୦୧୬ ଓ ୨୦୧୭ ବର୍ଷରେ ସଂସ୍କାର ପରେ ପୋତାଯାଇଥିବା ପ୍ରାୟ ଚାରିଟି ଶବ ଖୋଳି ନିଆଯାଇଥିବା ଗ୍ରାମବାସୀମାନେ ଚିହ୍ନଟ କରିଥିଲେ। ଗତ ଗତ ୨୦୨୩ ମସିହା ଜୁନ ୨୩ ତାରିଖ ରାତ୍ରରେ ଏକକାଳୀନ ୩ ଶବ ଗାଏବ ହୋଇଯାଇଥିବା ନେଇ ଗ୍ରାମବାସୀମାନେ ଥାନାରେ ଅଭିଯୋଗ କରିଥିଲେ। ସଦ୍ୟ ସଂସ୍କାର ହୋଇଥିବା ୩ଟି ଗାତରୁ ପୋତାଯାଇଥିବା ଶବ ନଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ତତ୍କାଳୀନ ଜିଲ୍ଲା ପୁଲିସ ଅଧିକ୍ଷକ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେବା ପରେ ପୁଲିସ ଉପଖଣ୍ଡ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଗତ ୨୦୨୩ ମସିହା ଅପ୍ରେଲ ୨୪ ତାରିଖରେ ମୃତ୍ୟୁବରଣ କରିଥିବା ଗ୍ରାମର ଶ୍ରୀକାନ୍ତ ବେହେରା, ୩ ତାରିଖରେ ମୃତ୍ୟୁବରଣ କରିଥିବା ଅକ୍ଷୟ ବେହେରା ଓ ଅନନ୍ତ ନାଥଙ୍କ ଶବ ନଥିବା ଚିହ୍ନଟ ହୋଇଥିଲା। ଖୋଳାଯାଇଥିବା ୩ଟି ଗାତ ନିକଟରୁ ସଂସ୍କାର ସମୟରେ ଶବର ପିନ୍ଧାବସ୍ତ୍ର ପଡିଥିଲା। ଏହାର୨୨ ଦିନ ପୂର୍ବେ ମୃତ୍ୟୁବରଣ କରିଥିବା ଗ୍ରାମର ଅକ୍ଷୟ ଓ ଅନନ୍ତଙ୍କ ସଢାମାଂସ କଢାଯାଇ ପଡିଥିଲା। ୨୦୨୫ ଅପ୍ରେଲ ୧ ତାରିଖରେ ହୃଦଘାତରେ ମୃତ୍ୟୁବରଣ କରିଥିବା ଗ୍ରାମର ରୁକ୍ମଣୀ ସାମଲଙ୍କ ଦଶାହ ପାଳନ ପାଇଁ ମୁଖାଗ୍ନି ଦେଇଥିବା ପୁତ୍ର ଶବପୋତା ସ୍ଥାନକୁ ଆସି ଗାତ ଖୋଳାଯାଇ ଓ ଶବ ଚୋରି ହୋଇଥିବା ଦେଖିଥିଲେ। ସେଠାରେ ପାଣି ଓ ମଦ ବୋତଲ ପଡିଥିବା ପ୍ରାୟ ୨ଶହ ମିଟର ଘୋଷରା ଯାଇଥିବା ସ୍ଥାନରେ ପଚାମାଂସ ଓ ଅନ୍ତଃବସ୍ତ୍ର ପଡିଥିବା ଦେଖିଥିଲେ । ମୃତକଙ୍କ ସ୍ୱାମୀ ଶ୍ରୀମନ୍ତ ଥାନାରେ ଏଥିନେଇ ଅଭିଯୋଗ କରିଥିଲେ। ଏଥିନେଇ ଗ୍ରାମରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମର ବୈତରଣୀ ନଦୀ ପଠାରେ ଥିବା ସ୍ୱର୍ଗଦ୍ୱାର ଶ୍ମଶାନରେ ମୃତ୍ୟୁ ପରେ ସଂସ୍କାର କରାଯାଇ ଶବକୁ ପୋତି ଦିଆଯାଇଥାଏ । ଏହା ଗୁଣିଗାରେଡି ଅଥବା ବିଜ୍ଞାନ ପରୀକ୍ଷାଗାର କିମ୍ବା ଡାକ୍ତରୀ ଶିକ୍ଷା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଚୋରି କରାଯାଇ ଥାଇପାରେ ବୋଲି ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି । ସ୍ଥାନୀୟ ବ୍ୟକ୍ତିବିଶେଷ ଏହି ଘଟଣାରେ ସଂପୃକ୍ତ ଥିବା ଓ ନିର୍ଦ୍ଦିଷ୍ଟ ସୂଚନା ଦେଇ ଶବ ଚୋରିରେ ସାମିଲ ଅଛନ୍ତି ବୋଲି ସନ୍ଦେହ କରାଯାଉଛି। ଏଭଳି କୁତ୍ସିତ ଚୋରିକୁ ରୋକା ଯିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏଥିନେଇ ଥାନାରେ ହେଉଥିବା ଅଭିଯୋଗ ପ୍ରତି ପୁଲିସ ଗୁରୁତ୍ୱ ଦେଇନାହିଁ ।



# କଳଙ୍କି ରଡରେ ନିର୍ମାଣ ହେଉଛି ଅଙ୍ଗନବାଡି ଗୃହ

**ନିଆଳୀ, ୧୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ବ୍ଲକ ଏରଞ୍ଚ ପଞ୍ଚାୟତ ୩ ନମ୍ବର ୱାର୍ଡର ମୁଦୁଲି ସାହି ଅଙ୍ଗନବାଡି କେନ୍ଦ୍ରରେ ନୂତନ ଗୃହ ନିର୍ମାଣ କାମ ଆରମ୍ଭ ହୋଇଛି । ଉକ୍ତ କାମଟି ବର୍ଷକ ତଳେ ଆରମ୍ଭ ହୋଇଥିବା ବେଳେ କୌଣସି କାରଣ ବଶତଃ ଏହା ବନ୍ଦ ରହିଥିଲା । ଏବେ ପୁନର୍ବାର ସେହି ଅଙ୍ଗନବାଡି ଗୃହ କାମ ଆରମ୍ଭ ହୋଇଛି । ସେତେବେଳେ ନିର୍ମାଣ ହୋଇଥିବା ପିଲରର କଳଙ୍କି ଲାଗି ନଷ୍ଟ ହୋଇଯାଇଥିବା ବେଳେ ବିଭାଗୀୟ ଯନ୍ତ୍ରୀ ସେହି କଳଙ୍କି ରଡରେ ଗୃହ କାମ ଆରମ୍ଭ କରିଥିବା ନେଇ ଅଭିଯୋଗ ହୋଇଛି । ଯାହାକୁ ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରଶ୍ନ ଉଠୁଛି ଯନ୍ତ୍ରୀଙ୍କ ନାମରେ କାମ ଥାଇ ଯଦି ଏଭଳି ଭାବରେ କାମ ହୁଏ ଏବେ ଲୋକେ କାହା ନିକଟରେ ଅଭିଯୋଗ କରିବେ । ସମ୍ପୃକ୍ତ ଯନ୍ତ୍ରୀ ଯଦି ଉକ୍ତ କଳଙ୍କି ରଡ଼ରେ କାମ କରନ୍ତି ତାଙ୍କ ନାମରେ କୋର୍ଟରେ ମାମଲା ରୁଜୁ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।



# ମଣ୍ଡିରେ ଧାନ ଦେଇ ନପାରି ଚାଷୀ ଫେରିଗଲେ

**ବୈଶିଙ୍ଗା, ୧୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ଖରିଫ୍ ଧାନ କିଣାରେ ବ୍ୟାପକ ହେଉଥିବା ଅନିୟମିତତା ଅଭିଯୋଗ ଧୀରେଧୀରେ ଚାଷୀଙ୍କ ମନୋବଳ ଭାଙ୍ଗିଦେଉଛି । ବିଜେପି ସରକାର ଗତବର୍ଷ ଠାରୁ ଧାନ କ୍ୱିଣ୍ଟାଲ ପିଛା ଆଠ ଶହ ଟଙ୍କା ବୋନସ ଆକାରରେ ଦେବା ଯୋଗୁଁ ଧାନ ଚାଷ ପାଇଁ ଚାଷୀ ମନ ବଳାଇବା ଯୋଗୁଁ ଅନ୍ୟ ପନିପରିବା ଚାଷ ଛାଡି ଧାନ ଚାଷରେ ମନ ବଳାଇଥିଲେ । ଫଳରେ ଏକର ପିଛା ଆମଦାନୀ ବଢ଼ି ଯାଇଥିଲା । ଏପରେ ସରକାର ଡ୍ରୋନ ମାଧ୍ୟମରେ ସର୍ଭେ କରି ଟୋକନରେ ଧାନ କିଣିବାଟା କମାଇ ଦେଇଥିଲେ ।

ଅନ୍ୟପଟରେ ମିଲର ଏବଂ ସରକାରଙ୍କ ମଧୁଚନ୍ଦ୍ରିକା ପାଇଁ ମିଲରମାନେ ମନ ଇଚ୍ଛାରେ ଧାନ କିଣିଲେ । ଫଳରେ ଚାଷୀଙ୍କ ଧାନ ବର୍ତ୍ତମାନ ସୁଦ୍ଧା କିଣା ହୋଇ ପାରିନାହିଁ । ସମବାୟ ସଂସ୍ଥା ଓ ବେତନଟୀ ଆରଏମସି ଧାନ କିଣିବା ପାଇଁ ବିଭିନ୍ନ ମଣ୍ଡିରେ ବ୍ୟବସ୍ଥା କରିଥିଲେ ମଧ୍ୟ ଧାନର ମାନ ପରୀକ୍ଷଣ ନାଁରେ ୭/୧୦ କିଗ୍ରା ଧାନ କଟ୍‌ନୀ ଛଟନୀ କରୁଥିବାର ଅଭିଯୋଗ ଆସୁଛି । ଗତକାଲି ଗୁରୁବାର ନଡପୁର ଲ୍ୟାମ୍ପସ୍‌ରେ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀମାନେ ହଟହଟା ହୋଇଥବାର ଘଟଣା ସାମନାକୁ ଆସିଛି । ଚାଷୀମାନଙ୍କ ମଧ୍ୟରେ ଜୟନ୍ତ ମହାନ୍ତି, ରଞ୍ଜନ ସାହୁ, ବିପିନ ବିହାରୀ ନନ୍ଦୀ, କୃଷ୍ଣ ମୋହନ ଗିରି, ଯୁଗ ଜେନା, ମାୟାଧର ଗିରି, ହେମେନ୍ଦ୍ର ହାଁସଦା, ଜୟନ୍ତୀ ଗିରି ପ୍ରମୁଖ ଧାନ ବିକ୍ରି କରିବା ପାଇଁ ଆଣିଥିଲେ । ଧାନ କଟତି ଘଟଣାକୁ ନେଇ ଚାଷୀ ଓ ମିଲର ମଧ୍ୟରେ କଥା କଟାକଟି ହେବା ପରେ ମିଲର ଓ ସମବାୟ ସଂସ୍ଥା ଫେରି ଯାଇଥିଲେ ଛ ଫଳରେ ରାତି ତମାମ ଚାଷୀ ବସି ରହିଥିଲେ । ଶୁକ୍ରବାର ଧାନ କିଣିବାକୁ ଆସି ନଥିଲେ । ଏଥିପାଇଁ ଚାଷୀମାନେ ମନସ୍ତାପରେ ଥିବାର ଜଣାଯାଇଛି ।



# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**ବ୍ରହ୍ମଗିରି, ୧୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗିଲିନାସି ଗ୍ରାମର ଗଣେଶ ଚନ୍ଦ୍ର ପ୍ରଧାନ (୪୦)ଙ୍କର ଦୁଇଟି କିଡ଼ନୀ ନଷ୍ଟ ହୋଇଛି । ଓଳିଏ ଖାଇଲେ ଦି' ଓଳି ଉପାସ ରହୁଥିବା ଗଣେଶ ଏତେ ବଡ ରୋଗରୁ କେମିତି ମୁକ୍ତି ପାଇବେ ସେନେଇ ଚିନ୍ତାରେ ପଡ଼ିଛନ୍ତି । ଡାକ୍ତର କହିଛନ୍ତି, ଡାଇଲିସିଶିସ୍ ହେବା ସହ କିଡ଼ନୀ ପ୍ରତିରୋପଣ ହେବ । କିନ୍ତୁ ଚିକିତ୍ସା ପାଇଁ ବାଧକ ସାଜିଛି ଅର୍ଥ । ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଛ ପରିବାର ଭରଣପୋଷଣ ପାଇଁ ବେଙ୍ଗାଲୁରୁରେ ଶ୍ରମିକ ଭାବେ ଦୀର୍ଘ ୮ ବର୍ଷ ହେବ କାର୍ଯ୍ୟ କରୁଥିଲେ । ଦେହ ଅସୁସ୍ଥ ପରେ ସେ ଏବେ ଘରକୁ ଫେରି ମୁଣ୍ଡରେ ହାତ ଦେଇ ବସିଛନ୍ତି । କାକୁତିମିନତୀ ହୋଇ ହାତ ପାତି ସହାୟତା ପାଇଁ ଗୁହାରି କରୁଛନ୍ତି । ତାଙ୍କ ସ୍ତ୍ରୀ ଭାରତୀ ପ୍ରଧାନ ସରକାରଙ୍କୁ ସହାୟତା ପାଇଁ ନିବେଦନ କରିଛନ୍ତିଛ ଗଣେଶଙ୍କ ଚିକିତ୍ସା ପାଇଁ ଗ୍ରାମର କିଛି ଯୁବକ ଅଣ୍ଟା ଭିଡ଼ିଛନ୍ତି ।

# ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

**ସୋର, ୧୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ପୌରପାଳିକା ଅନ୍ତର୍ଗତ କ୍ଷୀରକୋଣୀ ଗ୍ରାମରେ ଦମ୍ପତିଙ୍କୁ ମରଣାନ୍ତକ ହୋଇଥିବା ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି । ଅଭିଯୋଗ ଅନୁସାରେ ଗତକାଲି ଅପରାହ୍ନରେ କ୍ଷୀରକୋଣି ଗ୍ରାମର ଶୁଭମ ବିଶ୍ୱାଳ ଏବଂ ଲକ୍ଷ୍ମଣ ବିଶ୍ୱାଳ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ନୀଳକଣ୍ଠ ବେହେରା ଏବଂ ଭଗବତୀ ବେହେରାଙ୍କୁ ତାଙ୍କ ଘରେ ପଶି ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ନୀଳକଣ୍ଠ ଏବଂ ଭଗବତୀ ଗୁରୁର ଆହତ ହୋଇଥିଲେ । ଗ୍ରାମବାସୀମାନେ ଉଭୟଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଉଭୟଙ୍କ ଅବସ୍ଥା ଗୁରୁର ଥିବାରୁ ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଏ ବାବଦରେ ନୀଳକଣ୍ଠଙ୍କ ଝିଅ ଦିବ୍ୟାଭାରତୀ ବେହେରା ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୧୪୬/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଗତକାଲି ବିଳମ୍ବିତ ରାତିରେ ପୁଲିସ ଲକ୍ଷ୍ମଣ ବିଶ୍ୱାଳ(୨୬)କୁ ଗିରଫ କରିଥିଲା। ଶୁକ୍ରବାର ଅପରାହ୍ନରେ ସୋର ମେଡ଼ିକାଲରେ ଡା'ର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି। ତେବେ ଅନ୍ୟ ଜଣେ ଅଭିଯୁକ୍ତ ଶୁଭମ ଫେରାର ଅଛି ।

## ଡିଭାଇଡର ଅଧାପନ୍ତରିଆ, ବଢୁଛି ଜନଅସନ୍ତୋଷ

**ବୁଗୁଡ଼ା, ୧୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ରାସ୍ତାର ସୌନ୍ଦର୍ଯ୍ୟକରଣ ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ରାସ୍ତାରେ ହୋଇଥିବା ଡିଭାଇଡର ବ୍ୟବସ୍ଥା ଅଧପନ୍ତରିଆ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଥମ କରି ୨୦୧୪-୧୫ ଆର୍ଥିକ ବର୍ଷରେ ବୁଗୁଡ଼ା ସହର ଦେଇ ଯାଇଥିବା ୩୩ନଂ ରାଜ୍ୟ ରାଜପଥରେ ଡିଭାଇଡର ବ୍ୟବସ୍ଥା ହୋଇଥିଲା । ତେବେ କେବଳ ମଦନ ମୋହନ ଛକ ଠାରୁ ସିନେମା ହଲ୍ ଛକ ପର୍ଯ୍ୟନ୍ତ ଡିଭାଇଡର ନିର୍ମାଣ ହୋଇଥିଲେ ହେଁ ମୁଖ୍ୟ ବଜାର ସହିତ ହାଇସ୍କୁଲ ଛକ ଠାରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଥିଲେ ସୁଦ୍ଧା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହୋଇ ଶୀତଳ ଭଣ୍ଡାରରେ ପଡି ରହିଛି । ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାର ସଂକୀର୍ଣ୍ଣତା ଯୋଗୁଁ ଡିଭାଇଡର ହୋଇପାରୁ ନଥିବା ଦର୍ଶାଉଥିବା ବେଳେ ପୋଲସରା ସହରର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତାରେ ଡିଭାଇଡର ବ୍ୟବସ୍ଥା ହୋଇଥିଲେ ହେଁ ସେହି ଏକା ନିର୍ବାଚନ ମଣ୍ଡଳୀରେ ଆସୁଥିବା ବୁଗୁଡ଼ା ସହର ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଅସମ୍ପୂର୍ଣ୍ଣ ଡିଭାଇଡରକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।



### ଚର୍ଚ୍ଚାରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ!

# ଇସ୍ତଫା ଦେଇ କାମ କରୁଛନ୍ତି ବିଦ୍ୟାଳୟ ସଭାପତି

**କବିସୂର୍ଯ୍ୟନଗର, ୧୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚର୍ଚ୍ଚାରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ । ଜିଲ୍ଲାର ଅଧିକାରୀ ହେଲେ ମଧ୍ୟ ବିଶେଷ କରି କବିସୂର୍ଯ୍ୟନଗର ବ୍ଲକକୁ ଆକ୍ରୋଶମୂଳକ ଦୃଷ୍ଟି ଦେଉଥିବା ଏବେ ଅଭିଯୋଗ ହେଉଛି । ଏପରିକି ଡିଇଓଙ୍କ ନିୟନ୍ତ୍ରଣରେ ଥିବା ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ଦୁର୍ନୀତିକୁ ଚପାଇ ଦେଇ ପ୍ରାଥମିକ ବିଦ୍ୟାଳୟ ଗଣଶିକ୍ଷକଙ୍କ ପ୍ରତି ଆକ୍ରୋଶ ରଖି ଜୈନିକ ଶିକ୍ଷକଙ୍କୁ ବାରମ୍ବାର ବଦଳି କରିବା ଭଳି ଘଟଣାକୁ ନେଇ ଅସନ୍ତୋଷ ବଢୁଛି ।

ଗଞ୍ଜାମ ଜିଲ୍ଲା ବିସୂର୍ଯ୍ୟନଗର ବ୍ଲକ ବରିଡା ସ୍ଥିତ ହାଇସ୍କୁଲରେ ବହୁ ଅନିୟମିତତା ଲାଗିରହିଥିଲେ ମଧ୍ୟ ସବୁ ଜାଣି ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ନୀରବତା ଶିକ୍ଷା ବିଭାଗରେ ଚର୍ଚ୍ଚା ଆଲୋଚନା ଚାଲିଛି । ନିକଟରେ ସେହି ବିଦ୍ୟାଳୟର ଜଣେ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରାଙ୍କୁ ଡିଇଓଙ୍କ ଚାପରେ ଜାନୁୟାରୀ ମାସରେ ଶିକ୍ଷା ବର୍ଷ ମଧ୍ୟରେ ବେଆଇନ ଭାବେ ଅନ୍ୟତ୍ର ବଦଳି କରିବା ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା । ଉତ୍ତେଜନା ଦିନକୁ ଦିନ ଜଟିଳ ହେବା ପରେ ଫେବୃଆରୀ ୪ ତାରିଖରେ କବିସୂର୍ଯ୍ୟନଗର ବିଇଓ, ଶିକ୍ଷକ ଶ୍ରୀ ବେହେରା, ପ୍ରଧାନଶିକ୍ଷକ ଏବଂ ଗଞ୍ଜାମ ଡିଇଓଙ୍କ ମଧ୍ୟରେ ଏକ ଆଲୋଚନା ପରେ ନିଷ୍ପତି ହେଲା । ପ୍ରଧାନଶିକ୍ଷକ ଏବଂ ଗଣଶିକ୍ଷକ ଉଭୟଙ୍କୁ ଅନ୍ୟତ୍ର ଡେପୁଟେସନ କରିଯିବ । ହେଲେ ବିଇଓଙ୍କ ନିୟନ୍ତ୍ରଣରେ ଗଣଶିକ୍ଷକଙ୍କୁ ୫ ଫେବୃୟାରୀରେ ଚିଠି ନଂ ୨୬୮ ପ୍ରକାରେ କବିସୂର୍ଯ୍ୟନଗର ବିଇଓ, ଚନ୍ଦ୍ରଶେଖର ହାଇସ୍କୁଲକୁ ବଦଳି କଲେ । ବଦଳି କରାଯିବା ପରେ ଡିଇଓଙ୍କ ନିୟନ୍ତ୍ରଣରେ ଥିବା ପ୍ରଧାନ ଶିକ୍ଷକଙ୍କୁ ଆଉ ଡିଇଓ ବଦଳି କଲେ ନାହିଁ । କାହା ଚାପରେ ଡିଇଓ ଏଭଳି ଆକ୍ରୋଶମୂଳକ ପଦକ୍ଷେପ ନେବାକୁ ଅଣ୍ଟା ଭିଡ଼ିଛନ୍ତି ତାହାକୁ ନେଇ ରାଜନୀତି ଆରମ୍ଭ ହେଲାଣି । ଯାହା ସୂଚନା ରହିଛି ଗଞ୍ଜାମ ଡିଇଓଙ୍କ ଅଧୀନରେ ଥିବା ଦଧିବାମନ ହାଇସ୍କୁଲରେ ବହୁ ଅନିୟମିତତା ଲାଗିରହିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଜଣେ ଗଣଶିକ୍ଷକ ପ୍ରତି ଏଭଳି ଆକ୍ରୋଶ ହେବା କ'ଣ କାରଣ ବୋଲି ପ୍ରଶ୍ନ ଉଠୁଥିବା ବେଳେ ଗଣଶିକ୍ଷକଙ୍କ ବଦଳିକୁ ନେଇ ବିଦ୍ୟାଳୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବା, ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ଘଟଣାକୁ ଚପାଇଦେବା, ଗତ ୧୬ ଜାନୁୟାରୀରେ ବିଦ୍ୟାଳୟ ସଭାପତି ଇସ୍ତଫା ଦେବା ପରେ ପୁଣି ବେଆଇନ ଭାବେ ସଭାପତିଙ୍କୁ ରଖିବା, ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ବ୍ୟୟବହୁଳ ଖର୍ଚ୍ଚର ତଦନ୍ତ ନକରିବା ଭଳି ବହୁ ଅଭିଯୋଗକୁ ଗଞ୍ଜାମ ଡିଇଓଙ୍କ ନୀରବତା ଏବେ ପ୍ରଶ୍ନ ଉଠୁଥିବା ବେଳେ ବିଦ୍ୟାଳୟକୁ ଜିଲ୍ଲା କାର୍ଯ୍ୟାଳୟ ଯାଏଁ ଲମ୍ବିଛି ଦୁର୍ନୀତିର ଚେର ବୋଲି ଆଲୋଚନା ହେଉଛି । ଜିଲ୍ଲା ଶିକ୍ଷାଧିକାରୀ ଦାୟିତ୍ୱ ନେବା ପରେ କେଉଁ କେଉଁ ଦିନ ଦଧିବାମନ ହାଇସ୍କୁଲକୁ ପରିଦର୍ଶନରେ ଆସିଛନ୍ତି । କ'ଣ ତଦନ୍ତ କରିଛନ୍ତି ବୋଲି ଲୋକେ ପ୍ରଶ୍ନ କରୁଥିବା ବେଳେ ୧୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେହି ବିଦ୍ୟାଳୟରେ ଥିବା ପ୍ରଧାନ ଶିକ୍ଷକ ଓ ଜଣେ ସରକାରୀ କର୍ମଚାରୀ ବିଦ୍ୟାଳୟର ସଭାପତି ରହିବା ଭଳି ବେନିୟମ କାମ ପ୍ରତି କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ତାହାର ତଦନ୍ତ ପାଇଁ ଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା କମିଶନରଙ୍କୁ ଅଭିଯୋଗ କରାଯଇଥିବା ଶୁଣାଯାଉଛି । ଏପଟେ ସରକାରୀ ଅଧିକାରୀ ହୋଇ ବିନା ଚିଠିରେ ତଳିଆ ଅଧିକାରୀଙ୍କୁ ମୌଖିକ ଆଦେଶ ଏବଂ ଅଲିଖିତ ନିର୍ଦ୍ଦେଶ ଦେଇ ଶିକ୍ଷା ବିଭାଗକୁ ବିଶୃଙ୍ଖଳା କରିବା ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛ । ଗଣ ଶିକ୍ଷାମନ୍ତ୍ରୀ, କମିଶନର କ'ଣ ନେଉଛନ୍ତି ପଦକ୍ଷେପ ତାହା ଦେଖିବାକୁ ରହିଲା ।



■ ବିହାର ବିଧାନ ପରିଷଦରେ ଏକ ପ୍ରଶ୍ନୋତ୍ତର କାଳରେ ସରକାର ସୂଚନା ଦେଇଛନ୍ତି ଯେ ଏପ୍ରିଲ ୨୦୧୬ରୁ ୩୧ ଡିସେମ୍ବର ୨୦୨୫ ମଧ୍ୟରେ ରାଜ୍ୟରେ ପ୍ରାୟ ୧୬ଲକ୍ଷରୁ ଅଧିକ ଲୋକଙ୍କୁ ମଦ ନିଷେଧ ଆଇନ୍ ଉଲ୍ଲଂଘନ ଅଭିଯୋଗରେ ଗିରଫ କରାଯାଇଛି । ଏଇ ଦଶନ୍ଧି ମଧ୍ୟରେ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବରେ ପ୍ରାୟ ୪.୫ କୋଟି ଲିଟର ବେଆଇନ୍ ମଦ ଜବତ କରିଛି । ଯାହା ରାଜ୍ୟରେ ମଦ ମାଫିଆଙ୍କ ବିରୋଧରେ ଚାଲିଥିବା କଠୋର କାର୍ଯ୍ୟାନୁଷ୍ଠାନକୁ ଦର୍ଶାଉଛି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୫ ଫେବୃଆରୀ ୨୦୨୬ | ରବିବାର

# ଓଡ଼ିଶା ଏକ୍ସପ୍ରେସ୍

## ଆମ ରାଜ୍ୟରେ ଅସମ୍ଭବ କାହିଁକି?

ଆମ ରାଜ୍ୟ ସରକାର କହନ୍ତି- ମଦକୁ ନିଷିଦ୍ଧ କରାଗଲେ କାଳେ ମଦ୍ୟପମାନେ ନକଲି ମଦ ପିଇ ଅସୁସ୍ଥ ହୋଇପଡ଼ିବେ କିମ୍ବା ଅନ୍ୟ ରାଜ୍ୟରୁ ଚୋରା ମଦ ଆମ ରାଜ୍ୟକୁ ଆସିବ ସେଥିପାଇଁ ବିଶୁଦ୍ଧ ଅସଲି ସରକାରୀ ମଦ ଦୋକାନ ଲୋକଙ୍କ ପାଇଁ ଖୋଲାଯାଉଛି । ଆଉ ଏକ ବଡ଼ କାରଣ ହେଲା- ମଦ ରାଜସ୍ୱ ଦେଉଛି ।

ସରକାର ମଦ ବିରୋଧୀ ସଚେତନତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଅନ୍ୟପଟେ ବିଦେଶୀ ମଦ ଦୋକାନ ଖୋଲିବାରେ ଲାଗିଛି । ନିକଟରେ ବନ୍ଦ ହୋଇଯାଇଥିବା ୭୦ଟି ମଦ ଦୋକାନକୁ ପୁଣିଥରେ ଖୋଲିବାର ଅନୁମତି ଦେଇଛନ୍ତି ସରକାର ।

ଏଇଠି ପ୍ରଶ୍ନ ଉଠେ- ବିହାରରେ ମଦ ନିଷିଦ୍ଧ ହେବା ସହିତ ସମତାଳରେ ଅନ୍ୟାନ୍ୟ ନିଶା ଏବଂ ଚୋରା କାରବାର ଉପରେ ମଧ୍ୟ ପ୍ରଶାସନ ସଜାଗ ରହିପାରୁଛି କେମିତି? ଏହା ଏବେ ଚାଲେଞ୍ଜ ହେଲେ ମଧ୍ୟ ଏହାକୁ ରୋକିବାର ଚେଷ୍ଟା ଅବ୍ୟାହତ ରହିଛି । ବିହାରରେ ମଦ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲାଗୁ ହେବାର ପ୍ରାୟ ୧୦ ବର୍ଷ ବିତିଗଲାଣି । ସେ ରାଜ୍ୟ ପୁଣି ଚାଲିଛି କେମିତି?

ଲୋକେ କିଭଳି ମଦ କିମ୍ବା ନିଶା ଦ୍ରବ୍ୟ ନକରିବେ ସେଥିପାଇଁ ସରକାର ମଦ ଦୋକାନ ଖୋଲିବାର ନିଷ୍ପତ୍ତି ନେଉନାହାନ୍ତି ସେଠାରେ, ବରଂ ଏସବୁକୁ କିଭଳି ଦମନ କରାଯାଇପାରିବ ସେ ଦିଗରେ ପ୍ରଶାସନ ତତ୍ପର ଏବଂ ସଜାଗ ରହିଛି । ଡ୍ରଗ୍ସ ଏବଂ ମଦ'ର ବିକଳ୍ପ ସ୍ଥିତିରେ ଏବଂ ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଥିନର ଉପରେ ମଧ୍ୟ କଡ଼ା ନଜର ରଖାଯାଉଛି । ମଦ'ର ବିକଳ୍ପ ଭାବରେ ମଦ୍ୟପମାନେ ଏସବୁର ବ୍ୟବହାର କରୁଛନ୍ତି । ଆମ ରାଜ୍ୟରେ କିନ୍ତୁ କାଳେ ଲୋକେ ନକଲି ମଦ ଖାଇ ଅସୁସ୍ଥ ହୋଇପଡ଼ିବେ ସେଥିପାଇଁ ଅଧିକ ଚିନ୍ତିତ ବୋଲି ଜଣାଯାଉଛି ।

ବିହାର ବିଧାନ ପରିଷଦରେ ଏକ ପ୍ରଶ୍ନୋତ୍ତର କାଳରେ ସରକାର ସୂଚନା ଦେଇଛନ୍ତି ଯେ ଏପ୍ରିଲ ୨୦୧୬ରୁ ୩୧ ଡିସେମ୍ବର ୨୦୨୫ ମଧ୍ୟରେ ରାଜ୍ୟରେ ପ୍ରାୟ ୧୬ଲକ୍ଷରୁ ଅଧିକ ଲୋକଙ୍କୁ ମଦ ନିଷେଧ ଆଇନ୍ ଉଲ୍ଲଂଘନ ଅଭିଯୋଗରେ ଗିରଫ କରାଯାଇଛି । ଏଇ ଦଶନ୍ଧି ମଧ୍ୟରେ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବରେ ପ୍ରାୟ ୪.୫ କୋଟି ଲିଟର ବେଆଇନ୍ ମଦ ଜବତ କରିଛି । ଯାହା ରାଜ୍ୟରେ ମଦ ମାଫିଆଙ୍କ ବିରୋଧରେ ଚାଲିଥିବା କଠୋର କାର୍ଯ୍ୟାନୁଷ୍ଠାନକୁ ଦର୍ଶାଉଛି ।

ଆଲୋଚନା ସମୟରେ ଏହା ମଧ୍ୟ ପ୍ରକାଶ ପାଇଥିଲା ଯେ ମଦ ଉପରେ କଡ଼ା ନିଷେଧାଦେଶ ଲାଗୁ ହେବା ପରେ ବିକଳ୍ପ ନିଶା ଦ୍ରବ୍ୟର ଚୋରା କାରବାର ଓ ବ୍ୟବହାର ବୃଦ୍ଧି ପାଇଛି । ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଥିନର ଏବଂ ବିଭିନ୍ନ ଡ୍ରଗ୍ସର ବ୍ୟବହାର ପୋଲିସ ପାଇଁ ଚାଲେଞ୍ଜ ହୋଇଛି । ବିହାର ସରକାର ସ୍ପଷ୍ଟ କରିଛନ୍ତି ଯେ କେବଳ ମଦ ନୁହେଁ ବରଂ ସମସ୍ତ ପ୍ରକାର ମାଦକଦ୍ରବ୍ୟ ନିଶାଦ୍ରବ୍ୟର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଏବଂ ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜାରି ରହିଛି । ସରକାରଙ୍କ ରିପୋର୍ଟ ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ୧୦ ଲକ୍ଷ ଏଫ୍ଆଇଆର୍ ରୁଜୁ କରାଯାଇଥିବା ବେଳେ ଚୋରା ମଦ ବେପାରୀଙ୍କ ବିରୋଧରେ । ଚାଲାଣ ବେଳେ ବ୍ୟବହୃତ ହେଉଥିବା ପ୍ରାୟ ୧.୬ ଲକ୍ଷ ଯାନବାହାନକୁ ମଧ୍ୟ ଜବତ କରାଯାଇଛି । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ୨୦୧୬ ମସିହାରେ ମହିଳାମାନଙ୍କ ଦାବିକୁ ସମ୍ମାନ ଜଣାଇ ବିହାରରେ ମଦ ନିଷିଦ୍ଧ ଓ ନୂଆ ଅବକାରୀ ଆଇନ୍ ଲାଗୁ କରିଥିଲେ । ଘରୋଇ ହିଂସା ହ୍ରାସ କରିବା ଏବଂ ଗରିବ ପରିବାରର ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ଏହାର ମୂଳ ଲକ୍ଷ୍ୟ ଥିଲା । ଆମ ରାଜ୍ୟରେ ଯେ ମଦ'ର ପ୍ରଭାବ ଘରୋଇ ହିଂସା, ଅପରାଧ ଏବଂ ଦୁର୍ଘଟଣାର କାରଣ, ଏ ଯୁକ୍ତିକୁ କ'ଣ ଏଡ଼େଇଦେଇ ହେବ? ସର୍ବେକ୍ଷଣରୁ ଏହା ପ୍ରମାଣିତ ।

ଆମ ରାଜ୍ୟରେ ମହିଳାମାନଙ୍କୁ ସଶକ୍ତ କରାଇବା ପାଇଁ 'ସୁଭଦ୍ରା' ଯୋଜନାରେ ଟଙ୍କା ବଣ୍ଟାଯାଉଛି, କିନ୍ତୁ ଆମ ରାଜ୍ୟରେ ଯେ ମଦ ଦୋକାନ ବନ୍ଦ କରିବା ମହିଳାମାନଙ୍କର ଦାବି ରହିଛି ଏକଥାକୁ ମଧ୍ୟ ଏଡ଼େଇ ଦେଇହେବନି । ବିହାରରେ ଯଦି ମଦ ନିଷେଧ କରିବା ସମ୍ଭବ ହେଉଛି ଆମ ରାଜ୍ୟରେ ହେବନି କାହିଁକି??

# ବ୍ୟାଙ୍କ ଶିଳ୍ପରେ ପରାଧୀନତା

## ମୂଲ୍ୟବୋଧ



ଅରବିନ୍ଦ ରାଉତରାୟ

ବ୍ରିଟିଶ ଶାସନ ଅଧୀନରୁ ଭାରତ ମୁକ୍ତ ହେବାର ବାଇଶ ବର୍ଷ ପରେ ଦେଶର ବ୍ୟାଙ୍କ ଶିଳ୍ପ ପରାଧୀନତାକୁ ବାରଣ କରିଥିଲା । ୧୯୬୯ ଜୁଲାଇ ୧୯ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଅର୍ଡିନାନ୍ସ ବଳରେ ବେସରକାରୀ ପରିଚାଳନା ଅଧୀନରେ ଥିବା ଚଉଦଟି ବାଣିଜ୍ୟିକ ବ୍ୟାଙ୍କକୁ ସରକାରୀ ଅଧୀନକୁ ଆଣିଥିଲେ । ସେଦିନ ଦେଶର ପରାଧୀନ ବ୍ୟାଙ୍କ ଶିଳ୍ପ ଓ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଏକପ୍ରକାର ସ୍ୱାଧୀନତା ଉପଲବ୍ଧି ହୋଇଥିଲା । ଘରୋଇ ବୃହତ ଶିଳ୍ପପତି ଓ ବ୍ୟବସାୟୀଙ୍କ ଅଧୀନରେ ବହୁଦିନରୁ ପରିଚାଳିତ ହୋଇ ଆସୁଥିବା ବିତ୍ତାନୁଷ୍ଠାନରେ ସରକାରୀ ପୁଞ୍ଜି ବିନିଯୋଗର ସୂତ୍ରପାତ ହୋଇଥିଲା । ମାତ୍ର ପଚାଶ କୋଟି ପୁଞ୍ଜି ବିନିଯୋଗରେ ବ୍ୟବସାୟ ଚଳାଇଥିବା ଘରୋଇ ବ୍ୟାଙ୍କ ମାଲିକଙ୍କୁ ସେଦିନ ସରକାରଙ୍କ ନିଷ୍ପତ୍ତି ଆଗରେ ସମର୍ପିତ ହେବାକୁ ପଡିଥିଲା । ଏହି ଐତିହାସିକ ନିଷ୍ପତ୍ତିରେ ଅମଙ୍ଗ ହେଉଥିବା ତତ୍କାଳୀନ ଅର୍ଥମନ୍ତ୍ରୀ ମୋରାରଜୀ ଭାଇ ଦେଶାଇଙ୍କ ହାତରୁ ଅର୍ଥମନ୍ତ୍ରଣାଳୟ ଦାୟିତ୍ୱ କାଢି ନେଇ ଶ୍ରୀମତୀ ଗାନ୍ଧୀ ଦେଶବାସୀଙ୍କୁ ସରକାରୀ ବ୍ୟାଙ୍କ ବ୍ୟବସ୍ଥା ଟେକି ଦେଇଥିଲେ ସେହି ଅର୍ଡିନାନ୍ସ ବଳରେ । ସଫଳତା ପଛରେ ଦେଶର ବୃହତ ବ୍ୟାଙ୍କ କର୍ମଚାରୀ ସଂଗଠନ ଏଆଇବିଇଏର ଅତୁଳନୀୟ ଅବଦାନର ବୀଜବପନ ହୋଇଥିଲା ୧୯୪୬ ମସିହାରୁ । ଦେଶ ସ୍ୱାଧୀନ ହେବା ପୂର୍ବରୁ ଦେଶବାସୀଙ୍କ ହାତପାହାନ୍ତାରେ ବ୍ୟାଙ୍କ ସେବା ଉପଲବ୍ଧି କରାଇବାର ସ୍ୱପ୍ନ ଦେଖିଥିଲା ସେହି କର୍ମଚାରୀ ସଂଗଠନ । କେତେ ରାଜନୈତିକ ଘାତପ୍ରତିଘାତ ଓ ଆଇନଗତ ପ୍ରତିବନ୍ଧକକୁ ବେଖାତିର କରି ସଂଗ୍ରାମ ଜାରି ରଖିଥିବା କର୍ମଚାରୀ ସଂଗଠନର ବଳିଷ୍ଠ ଭୂମିକା ବ୍ୟାଙ୍କ ସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏକ ଦଶନ୍ଧି ପରେ ୧୯୮୦ରେ ଆଉ ଛଅଟି ଘରୋଇ ବ୍ୟାଙ୍କ ଜାତୀୟକରଣ ପ୍ରକ୍ରିୟାରେ ସାମିଲ ହୋଇଥିଲା । ଲକ୍ଷ୍ୟ ଥିଲା ଦେଶ ଓ ଦଶ ଗଠନ କ୍ଷେତ୍ରରେ ବ୍ୟାଙ୍କ ସେବାର ଶତପ୍ରତିଶତ ବିନିଯୋଗ ସହିତ ସାମାଜିକ ଓ ଅର୍ଥନୈତିକ ବିକାଶ ସାଧନ । ଗ୍ରାମାଞ୍ଚଳ କୃଷି ଓ କ୍ଷୁଦ୍ର ବ୍ୟବସାୟର ବିକାଶ କ୍ଷେତ୍ରରେ ବ୍ୟାଙ୍କ ଶିଳ୍ପର ସଫଳ ପ୍ରୟୋଗ ହିଁ ଦେଶରୁ ଗରିବୀ ଦୂର କରିବାରେ ସମର୍ଥ ହୋଇପାରିବ । ଏଥିପାଇଁ ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳ ଅଧିବାସୀଙ୍କ ହାତ ପାଆନ୍ତାରେ ବ୍ୟାଙ୍କ ସେବାର ଉପଲବ୍ଧି ଜରୁରୀ ଥିଲା । କେବଳ ସେତିକି ନୁହେଁ, ଘରୋଇ ମାଲିକାନାରେ ପରିଚାଳିତ ବିତ୍ତାନୁଷ୍ଠାନ ତ୍ରୁଟିପୂର୍ଣ୍ଣ ପରିଚାଳନା ହେଉ ବା ବ୍ୟକ୍ତିଗତ ଲାଭ ଆୟ ଆଶାରେ ହେଉ, ବୁଡିଯାଉଥିବା ବେଳେ, ନିରୀହ ଜମାକାରୀଙ୍କ ଝାଳବୁହା ଜମା ରାଶି ଏକପ୍ରକାର ସମୁଦ୍ରରେ ଲୀନ ହେବା ସ୍ଥିତିରେ ରହୁଥିଲା । ୧୯୪୯ରେ ରାଷ୍ଟ୍ରାୟତ୍ତ ମାନ୍ୟତା ହାସଲ କରିଥିବା କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟ ଜମାକାରୀଙ୍କ ଜମାର ସୁରକ୍ଷା କ୍ଷେତ୍ରରେ ଅସହାୟତା ପ୍ରକାଶ କରୁଥିଲା । ଏ କ୍ଷେତ୍ରରେ ବ୍ୟାଙ୍କ ଶିଳ୍ପ ଓ ବ୍ୟାଙ୍କ ବ୍ୟବସ୍ଥା ଉପରୁ ଜମାକାରୀଙ୍କ ବିଶ୍ୱାସ ତୁଟିବା ସ୍ୱାଭାବିକ । ଥରେ ବିଶ୍ୱାସ ତୁଟିଲେ ଜମାରାଶିର କାୟା ବୃଦ୍ଧି ଅସମ୍ଭବ ଓ ନିମ୍ନମୁଖୀ ବ୍ୟାଙ୍କ ଜମା ରାଶିରେ ବିତ୍ତାନୁଷ୍ଠାନ ଚଳାଇବା ମଧ୍ୟ ଅସମ୍ଭବ । ଜମାକାରୀଙ୍କ ଜମାରାଶିର ସୁରକ୍ଷା ସରକାରଙ୍କ ଉପରେ ଥିବାରୁ ସେତେବେଳେ ବ୍ୟାଙ୍କ ଜାତୀୟକରଣର ଆବଶ୍ୟକତା ଉପଲବ୍ଧି ହୋଇଥିଲା । କେହି କେହି ଏଥିପାଇଁ ରାଜନୈତିକ କାରଣ ଦର୍ଶାଇବାକୁ ମଧ୍ୟ ପଛାଇ ନାହାନ୍ତି । ସରକାରଙ୍କ ସପକ୍ଷରେ ସକରାତ୍ମକ 'ହାୱା' ନଥିବାରୁ ପ୍ରଧାନମନ୍ତ୍ରୀ ପୁନର୍ବାର କ୍ଷମତାକୁ ଫେରିବା ପାଇଁ ଏହି ଐତିହାସିକ ପଦକ୍ଷେପ ନେବାକୁ ବାଧ ହୋଇଥିଲେ ବୋଲି କହିବା ମଧ୍ୟ ଅତ୍ୟୁକ୍ତି ହେବନାହିଁ । କାରଣ ସବୁବେଳେ ରାଷ୍ଟ୍ରହିତ ଆଧାରିତ ନିଷ୍ପତ୍ତି ପରବର୍ତ୍ତୀ ସମୟରେ ଦେଶବାସୀଙ୍କ ମନୋବଳ ସୁଦୃଢ଼ କରିବାରେ ସହାୟକ ହୋଇଥାଏ । ତାହାହିଁ ହେଲା ଏବଂ ପରବର୍ତ୍ତୀ ୧୯୭୧ ସାଧାରଣ ନିର୍ବାଚନରେ ଇନ୍ଦିରା ସରକାର ପୁନର୍ବାର ଗଠିତ ହେଲା । ବାସ୍ତବିକ ଆବଶ୍ୟକତା ଆଗରେ ବିରୋଧୀ ରାଜନୈତିକ ଦଳର ବିଚାରଧାରା ହାର ମାନିଲା । ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା କୋଡ଼ିଏ ଛୁଇଁଲା । ଇମ୍ପେରିଆଲ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ନୂଆ ରୂପ ନେଇଥିବାରୁ ତାହା ସଂପୂର୍ଣ୍ଣ ରାଷ୍ଟ୍ରାୟତ୍ତ ପରିଚାଳନାଧୀନ ଥିଲା ଓ ସରକାରୀ ରାଶି ଏବେ ମଧ୍ୟ ଅଗ୍ରାଧିକାର ଭିତ୍ତିରେ ସେହି ବିତ୍ତାନୁଷ୍ଠାନରେ ସୁରକ୍ଷିତ ।

ସ୍ୱାଧୀନ ଭାରତରେ ଭିତ୍ତିଭୂମି ବିକାଶ ଠାରୁ ଆରମ୍ଭ କରି ଶିଳ୍ପାୟନ, ବ୍ୟାବସାୟିକ ସମୃଦ୍ଧି, ଗରିବୀ ସୀମାରେଖା ତଳେ ଦିନ କାଟୁଥିବା ଲୋକଙ୍କ ଉତ୍ଥାନ ଓ ଗ୍ରାମାଞ୍ଚଳରେ କୃଷି ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ପୁଞ୍ଜି ଲଗାଣ ସମ୍ଭବ ହେଲା ବ୍ୟାଙ୍କ ଶିଳ୍ପର ଜାତୀୟକରଣ ପ୍ରକ୍ରିୟାରେ । ସାମଗ୍ରିକ ଦୃଷ୍ଟିରୁ ଦେଶ ଓ ଦଶର ବିକାଶ ସହିତ ଜାତୀୟ ସୁରକ୍ଷା ସମ୍ଭବ ହେଲା ଏହି ଐତିହାସିକ ଜାତୀୟକରଣ ନିଷ୍ପତ୍ତିରେ । ଦେଶ ସ୍ୱାଧୀନ ହେବାର ଅମୃତ ମହୋତ୍ସବ ପାଳନ କରୁଥିବା ସରକାର ବ୍ୟାଙ୍କ ଶିଳ୍ପର ସ୍ୱାଧୀନତାକୁ ଦେଶ ବ୍ୟାପି ପାଳନ କରିବାରେ ଆଜି ଅସମର୍ଥ । କିଛି ନ ହେଲେ ବ୍ୟାଙ୍କ ଜାତୀୟକରଣର ସୁବର୍ଣ୍ଣ ଜୟନ୍ତୀ ପାଳନରେ ବାଧା କେଉଁଠି? କାରଣ ହେଉଛି ବିଚାରଧାରାରେ ପରିବର୍ତ୍ତନ । ପରିବର୍ତ୍ତିତ ବିଚାରଧାରା ସକରାତ୍ମକ ହେଲେ ଗ୍ରହଣୀୟ । କାରଣ ଜାତୀୟ ସ୍ୱାର୍ଥ ସର୍ବୋଦୌ ଗ୍ରହଣଯୋଗ୍ୟ । ମାତ୍ର ସଂକୁଚିତ ବିଚାରଧାରାରେ ଏହି ଜାତୀୟ ସ୍ୱାର୍ଥ ପ୍ରତି ଚରମ ଉପେକ୍ଷା ଗ୍ରହଣୀୟ ହେବ ବା କେମିତି ? କଥାରେ ଅଛି– 'ମୂଲୁ ମାଇଲେ ଯିବ ସରି... ଆଗକୁ କାହିଁକି ଏତେ କଳି' । ଯେଉଁ ଘରୋଇ କ୍ଷେତ୍ରରେ ବିଫଳତା ଓ ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ରାଷ୍ଟ୍ର ଜାତୀୟକରଣକୁ ଯାଇଥିଲା, ଏବେ ପୁଣି ଫେରିବ ସେହି ଘରୋଇକରଣ ପ୍ରକ୍ରିୟାକୁ । ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶିଳ୍ପରେ ଉତ୍ପାଦିକତାର ଅଭାବ ଓ କ୍ଷତିର କାୟା ବୃଦ୍ଧି ଆଳରେ ମିଶ୍ରଣ ପ୍ରକ୍ରିୟାର କାର୍ଯ୍ୟକାରୀତା କେତେ ଯଥାର୍ଥ ? ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ଅଧିକ ରହିଲେ, ଜଣେ ଋଣ ଗ୍ରହୀତା ଏକାଧିକ ଋଣ ମାଧ୍ୟମରେ ଅନାଦେୟ ପୁଞ୍ଜି ବୃଦ୍ଧିକୁ ସଫଳ କରିବାର ଯୁକ୍ତି କେତେ ଗ୍ରହଣୀୟ । ପ୍ରଚଳିତ ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ଋଣ ମଞ୍ଜୁରୀ ସହଜ ହେବା ମଧ୍ୟ ଅସମ୍ଭବ । ଏହାସତ୍ତ୍ୱେ ଅନାଦେୟ ପୁଞ୍ଜି ରାଶି କାୟାବିସ୍ତାର କରିବାର କାରଣ କ'ଣ ? ହଜାର ହଜାର କୋଟି ଟଙ୍କାର ଋଣ ଗ୍ରହୀତାଙ୍କ ବିଦେଶ ପଳାୟନ ଓ ବୃହତ ବ୍ୟାବସାୟିକ କ୍ଷେତ୍ରକୁ ପନ୍ଦର ଲକ୍ଷ କୋଟି ଟଙ୍କାର ଋଣ ଛାଡ଼ର ଆବଶ୍ୟକତା କାହିଁକି ଆସିଲା । ବ୍ୟାଙ୍କ ଶିଳ୍ପ ପରିଚାଳନା କ୍ଷେତ୍ରରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରୋତ୍ସାହନ ଓ ବୃହତ ଋଣ ମଞ୍ଜୁରୀ କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପର କାରଣ ଦେଶବାସୀଙ୍କୁ ଅଳ୍ପବହୁତେ ଅବଗତ । ଘରୋଇ ବିନୁଷ୍ଠାନ 'ୟେସ୍ ବ୍ୟାଙ୍କ'ର ଦେବାଳିଆ ସ୍ଥିତି ପାଇଁ କେଉଁ କ୍ଷେତ୍ର ଦାୟୀ, ସରକାରୀ ନା ବେସରକାରୀ? ଜମାକାରୀଙ୍କୁ ଜମାରାଶି ଫେରାଇବାରେ ବିଫଳ ସ୍ଥିତିକୁ ଘୋଡାଇବାକୁ ଯାଇ ରାଷ୍ଟ୍ରାୟତ୍ତ ଷ୍ଟେଟ୍ ବ୍ୟାଙ୍କକୁ ଦାୟିତ୍ୱ ଦେବାର ଅର୍ଥ କ'ଣ? ଯେଉଁଠି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସଫଳତା ଘରୋଇ ଦେବାଳିଆ ବିତ୍ତାନୁଷ୍ଠାନକୁ ନିୟନ୍ତ୍ରଣ କରିପାରୁଛି, ସେ କ୍ଷେତ୍ରରେ ରାଷ୍ଟ୍ରାୟ ବ୍ୟାଙ୍କର ପୁନଃ ଘରୋଇକରଣର ଆବଶ୍ୟକତା କେଉଁଠୁ ଆସୁଛି ? ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା କୋଡ଼ିଏରୁ ବାର'ରେ ପହଞ୍ଚି ସାରିଥିଲେ ସୁଦ୍ଧା ସରକାରଙ୍କ ଘରୋଇ କ୍ଷେତ୍ରକୁ ପ୍ରୋତ୍ସାହନ ବିଚାରଧାରାରେ ପରିବର୍ତ୍ତନ ନ ଆସିବା ଅର୍ଥନୀତି ଦୃଷ୍ଟିରୁ ଦୁର୍ଭାଗ୍ୟଜନକ ନୁହେଁ କି?

ସରକାରୀ ବ୍ୟାଙ୍କରୁ ସହସ୍ରାଧିକ କୋଟି ଟଙ୍କାର ଋଣ ନେଇ ଦେବାଳିଆ ସ୍ଥିତିରେ ପହଞ୍ଚିଥିବା ଦଶଟି କମ୍ପାନୀକୁ ଶାଗମାଛ ଦରରେ ଆଦାନୀ ଗୋଷ୍ଠୀକୁ ଟେକି ଦେବା କେଉଁ ଜାତୀୟ ସ୍ୱାର୍ଥରେ ଗଣା? ପ୍ରାୟ ୬୨ ହଜାର କୋଟି ଟଙ୍କାର ଅନାଦେୟ ପୁଞ୍ଜି ସୃଷ୍ଟିକାରୀ ସେହି କମ୍ପାନୀଗୁଡ଼ିକୁ ୭୪ ପ୍ରତିଶତ ରିହାତି ଦରରେ, ମାତ୍ର ୧୬ ହଜାର କୋଟି ଟଙ୍କାରେ ହସ୍ତାନ୍ତର କରାଯାଇଛି । ଋଣ ସୁଝିବାରେ ବିଫଳ ସେହି ବ୍ୟାବସାୟୀକ କ୍ଷେତ୍ର ଅନାଦେୟ ପୁଞ୍ଜି ସୃଷ୍ଟିରେ ଆଗୁଆ ଥିବା ବେଳେ ସେସବୁର ପୁନଃ ଥଇଥାନ ପାଇଁ ସାନି ବ୍ୟାଙ୍କ ଋଣ ବିନିଯୋଗ ଅର୍ଥନୀତି ଉପରେ ବୋଝ ବ୍ୟତୀତ କ'ଣ ହୋଇପାରେ?

ବିଗତ ଦଶନ୍ଧି ଅର୍ଥାତ୍ ୨୦୧୪ରେ ଦେଶର ଅନାଦେୟ ପୁଞ୍ଜି ମାତ୍ର ପରବର୍ତ୍ତୀ ଚାରିବର୍ଷ ମଧ୍ୟରେ ଚାରିଗୁଣ ସ୍ଥିତିରେ ପହଞ୍ଚିଥିଲା । ଅର୍ଥାତ୍ ୨୦୧୮ରେ ନଅଲକ୍ଷ କୋଟି ଟଙ୍କା ଛୁଇଁଥିଲା । ସରକାରଙ୍କ ବ୍ୟାପକ ଋଣ ଛାଡ଼ ଓ ରାଇଟ୍ସ ଅଫ୍ ଯୋଜନା ଯୋଗୁ ଚଳିତ ବର୍ଷ ତାହା ୩ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି । ବିତ୍ତୀୟ ପରିଚାଳନା କ୍ଷେତ୍ରର ଅପାରଗତା ଏନ୍‌ପିଏ ବୃଦ୍ଧିର ମୂଳ କାରଣ ହୋଇଥିବା ବେଳେ କେନ୍ଦ୍ରୀୟ ବ୍ୟାଙ୍କ ଓ ସରକାରୀ ଯାଞ୍ଚ ପ୍ରକ୍ରିୟା ଏକପ୍ରକାର ବିଫଳ କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ବିଗତ ନଅବର୍ଷର ଶାସନକାଳରେ କେନ୍ଦ୍ର ସରକାର ବ୍ୟାଙ୍କ ଶିଳ୍ପରେ ପ୍ରାୟ ପଚିଶ ଲକ୍ଷ କୋଟି ଟଙ୍କାର ଋଣ ବାବଦ ପୁଞ୍ଜିକୁ ରାଇଟ୍ଅଫ୍ କରିଛନ୍ତି । ପ୍ରଚଳିତ ପରିବେଶରେ ବ୍ୟାଙ୍କ ବ୍ୟବସ୍ଥା ଉପରୁ ଜମାକାରୀଙ୍କ ବିଶ୍ୱାସ ନିମ୍ନଗାମୀ ହେବା ସ୍ୱାଭାବିକ । କଷ୍ଟ ଅର୍ଜିତ ନିଜସ୍ୱ ଜମାରାଶିର କାୟା ବୃଦ୍ଧି ପରିବର୍ତ୍ତେ ସୁରକ୍ଷା ପ୍ରସଙ୍ଗ ଚିନ୍ତାର କାରଣ ପାଲଟିଛି । ଫଳତଃ ଜମାକାରୀଙ୍କ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶିଳ୍ପରୁ ଜମାରାଶି ଉଠାଣ ବଢିଛି ଓ ବ୍ୟାଙ୍କ ହାତରେ ନଗଦ ରାଶି ଋଣ କ୍ଷେତ୍ରରେ ବିନିଯୁକ୍ତ ରାଶିଠାରୁ ନିମ୍ନରେ ରହିଛି । ଏହି ପରିସ୍ଥିତି ଆଗକୁ ଜାରି ରହିଲେ ଜମାକାରୀଙ୍କୁ ବଡ଼ ପରିମାଣ ରାଶି ଉଠାଇବା ପାଇଁ ଅଧିକ ସମୟ ବ୍ୟାଙ୍କରେ ଅପେକ୍ଷା କରିବାକୁ ପଡିବ । କିଛି ଅସମ୍ଭବ ନୁହେଁ ।

ବ୍ୟାଙ୍କ ଶିଳ୍ପରେ ଅଧୋଗତିର କୁପ୍ରଭାବ ଯେ ଅର୍ଥନୀତି ଉପରେ ନ ପଡୁଛି ତାହା ନୁହେଁ । ନିର୍ମାଣ ଓ ସେବା କ୍ଷେତ୍ରର ଉତ୍ପାଦନ ହ୍ରାସ ଯୋଗୁଁ ଦେଶରେ ନିଯୁକ୍ତି ସୁଯୋଗ ସଂକୁଚିତ ହେବା ସ୍ୱାଭାବିକ । ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ଓ ରପ୍ତାନି କ୍ଷେତ୍ରର ନିମ୍ନମୁଖୀ ଗତି ଆଗକୁ ଶ୍ରମିକ ଛଟେଇର ମୁଖ୍ୟ କାରଣ ପାଲଟିବାରେ ବିଳମ୍ବ ହେବନାହିଁ । ବ୍ୟକ୍ତିଗତ ଆୟ ହ୍ରାସ ଲୋକଙ୍କ କ୍ରୟ ଶକ୍ତିକୁ ସଂକୁଚିତ କରିବା ଯୋଗୁ ଶିଳ୍ପକ୍ଷେତ୍ର ବଜାର ଚାହିଦା ହ୍ରାସ ପାଇଁ ଉତ୍ପାଦନ ପ୍ରକ୍ରିୟାକୁ ସଂକୁଚିତ କରିବାକୁ ବାଧ ହେବ । ଏହାର କୁପ୍ରଭାବ ଯେ କେବଳ ବେକାରୀ ବୃଦ୍ଧିରେ ସହାୟକ ହେବ ତାହା ନୁହେଁ, ମୁଦ୍ରାର ଅବମୂଲ୍ୟାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହେବା କିଛି ଅସମ୍ଭବ ହୋଇନପାରେ । ମୁଦ୍ରାସ୍ଫୀତି ହାର ବୃଦ୍ଧିର ପ୍ରଭାବ ଅର୍ଥନୀତିକୁ ଅଧିକ ବିପର୍ଯ୍ୟସ୍ତ କରିବ ଓ ଆମଦାନୀ ବାଣିଜ୍ୟ ଉର୍ଦ୍ଧ୍ୱମୁଖୀ ହେବା ସହଜ ହୋଇଯିବ ।

ବ୍ୟାଙ୍କ ଶିଳ୍ପରେ ଘରୋଇ ପଞ୍ଜି ନିବେଶ ବୃଦ୍ଧି କରି ପୁନର୍ବାର ପରାଧୀନତା ଆଡକୁ ଠେଲି ଦେବାରେ ଅର୍ଥନୈତିକ ସଫଳତା କ୍ଷଣସ୍ଥାୟୀ ହେବ ସିନା ଦୀର୍ଘସ୍ଥାୟୀ ହୋଇନପାରେ । ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶିଳ୍ପର ଉତ୍ପାଦିକତା ଅଧିକ ନିମ୍ନମୁଖୀ ହେବ ଓ ଉର୍ଦ୍ଧ୍ୱମୁଖୀ ହେବାର ସୁଯୋଗ ହାତଛଡ଼ା ହୋଇଯିବ ।

**ବରିଷ୍ଠ ସାମ୍ବାଦିକ, କଟକ**
*ମୋ– ୯୪୩୭୧୩୪୪୦୦*

# ଶିବ ଧର୍ମ

■ ଡ. ଅରୁନ୍ଧତୀ ଦେବୀ ■

ମହାଶିବ ରାତ୍ରୀ ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଦିବ୍ୟ ଜ୍ୟୋତିର୍ଲିଙ୍ଗ ପ୍ରକଟ ହେବାର ଶୁଭ ସମୟ । ଏହି ସମୟରେ ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବ । ମହାଶିବ ରାତ୍ରୀରେ ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ । ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ । ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର । ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ । ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି । ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ । ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ । ସେ ଚତୁଷ୍ପଦା ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ । ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ । ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗତୀରୁ ରକ୍ଷା କରିଥାଏ । ତେବେ ତନ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି । ଏହାକୁ ଶିବ ଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ, ଭକ୍ତିର ତିନୋଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି । ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ । ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଶମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ ।

ଓଡ଼ିଶାରେ ଶିବଙ୍କ ଉଦ୍ଦେଶ୍ୟରେ ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଯେଉଁ ପର୍ବ ପାଳିତ ହୁଏ, ତାହା ମହାଶିବରାତ୍ରି ପର୍ବ ଭାବରେ ସର୍ବଜନ ବିଦିତ । ଏହିଦିନ ଶିବ ବ୍ରତ ପାଳନ କରି ମନୁଷ୍ୟ ତ୍ରିତାପରୁ ମୁକ୍ତିଲାଭ କରେ ଓ ଶିବ ସନ୍ତୁଷ୍ଟ ହୋଇ ମାନବ ସମାଜର କଲ୍ୟାଣ ସାଧନ କରନ୍ତି । ଶିବରାତ୍ରି ବ୍ରତର ଉପବାସ, ଜାଗରଣ ଓ ଶିବପୂଜା ପ୍ରଧାନ । ବ୍ରତର ଅର୍ଥ ବେଦବୋଧିତ ଇଷ୍ଟ ପ୍ରାପ୍ତି ନିମିତ୍ତ କର୍ମ । ଦାର୍ଶନିକମାନେ ଅଭ୍ୟୁଦୟ ଓ ନିଃଶ୍ରେୟସ କର୍ମକୁ ବ୍ରତ କୁହନ୍ତି । ବ୍ରତ ଅର୍ଥ ନିୟମ । ପୁରାଣରେ ବ୍ରତ – ଧର୍ମ ଅଟେ । ଯେଉଁ କର୍ମ ଦ୍ୱାରା ଭଗବାନଙ୍କର ସାନିଧ୍ୟଲାଭ ହୋଇଥାଏ, ତାକୁ ବ୍ରତ କୁହାଯାଏ । ଉପବାସ ଜୀବାତ୍ମାର ଶିବଙ୍କ ସମୀପରେ ବାସ କରିବାକୁ ଉପବାସ କୁହାଯାଏ । ଦେବୀ ପୁରାଣରେ ଉଲ୍ଲେଖ ଅଛି, ଭଗବାନ ଶିବଙ୍କର ଧ୍ୟାନ, ଜପ, ତାଙ୍କର ସ୍ନାନ (ଅଭିଷେକ) ଓ ତାଙ୍କର ମହିମା ଶ୍ରବଣ କୀର୍ତ୍ତନ କରି କାଳଯାପନ କରିବା ଉପବାସ କରୁଥିବା ବ୍ୟକ୍ତିର କର୍ତ୍ତବ୍ୟ । ବ୍ରତୀ ନିମି ସମସ୍ତ ପ୍ରକାର ବିଷୟ ଭୋଗର ବର୍ଜନ ଅତ୍ୟନ୍ତ ପ୍ରୟୋଜନ । କେବଳ ଅନଶନ କରିବାକୁ ଉପବାସ କୁହାଯାଏନା । ଜାଗରଣ–ମୁମୁକ୍ଷୁ ଜୀବାତ୍ମା ନିମିତ୍ତ ଜାଗରଣର ଆବଶ୍ୟକ ଅଛି । 'ଯାନିଶା ସର୍ବଭୂତାନାଂ ତସ୍ୟାଂ ଜାଗ୍ରତୀ ସଂଯମୀ' ବିଷୟାସକ୍ତ ସଂସାରୀ ଲୋକଙ୍କ ପାଇଁ ଯେ ରାତ୍ରୀ, ସେହି ସମୟରେ ସଂଯମୀ ବ୍ୟକ୍ତି ଜାଗ୍ରତ ରୁହେ । ତେଣୁ ଶିବରାତ୍ରିରେ ଜାଗରଣ ରହିବା ଆବଶ୍ୟକ । ଶିବପୂଜାର ଅର୍ଥ, ପୁଷ୍ପ, ଚନ୍ଦନ, ବିଲ୍ୱପତ୍ର ଅର୍ପଣ କରିବା ସଙ୍ଗେ ସଙ୍ଗେ ଶିବନାମର ଜପଧ୍ୟାନ କରିବା ଦ୍ୱାରା ଚିତ୍ତ ବୃତ୍ତି ନିରୋଧ ହୋଇ ଜୀବ ପରମାତ୍ମା ଶିବଙ୍କ ସହିତ ମିଳନ ହେବା । ଏହା ହିଁ ବାସ୍ତବିକ୍ ଶିବପୂଜା । ମନୁଷ୍ୟର ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ସହିତ ମନ, ଅହଙ୍କାର ଚି ଓ ବୁଦ୍ଧିକୁ ନିରୋଧ କରି ଶିବରାତ୍ରି ପାଳନ କରିବା ବାସ୍ତବ ଶିବରାତ୍ରି ଅଟେ । କର୍ମଯୋଗ କିମ୍ବା ଜ୍ଞାନଯୋଗ ଦ୍ୱାରା ହେଉ ଭକ୍ତିର ସମ୍ମିଶ୍ରଣ ଦୁଇଙ୍କ ମଧ୍ୟରେ ରହିବା ଜ୍ଞାନ ପ୍ରଧାନ । ଜ୍ଞାନପ୍ରଧାନ ଭକ୍ତି ଅଥବା କର୍ମପ୍ରଧାନ ଭକ୍ତି ଦ୍ୱାରା ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ବ୍ରତ ପାଳନ କଲେ ମୁକ୍ତିମିଳେ । ସମସ୍ତ ମନୁଷ୍ୟଙ୍କ ନିମିତ୍ତ ମହାଶିବରାତ୍ରି ବ୍ରତ କଲ୍ୟାଣକାରୀ ଅଟେ । ଶିବଙ୍କ ମନ୍ଦିରରେ ମହାଦୀପ ଜଳାଇବା ଅର୍ଥ ନିଜର ସହସ୍ରାରେ ଜ୍ୟୋତିଃ ଦର୍ଶନ କରି ରାତ୍ରିଉଜାଗର ହେଲେ, ଶିବଙ୍କ ସହିତ ଶକ୍ତିଙ୍କର ମିଳନ ଦ୍ୱାରା ଜୀବନ୍ମୁକ୍ତ ହୋଇଥାଏ । ସନାତନ ଧର୍ମରେ ବ୍ରତ ସହିତ ମନୁଷ୍ୟର ଆଧ୍ୟାତ୍ମିକ ବିକାଶ ପ୍ରଚ୍ଛନ୍ନ ଭାବରେ ଜଡ଼ିତ ରହିଅଛି । ତେଣୁ – ''ଶୁନ୍ୟ ଶୁନ୍ୟ ମହାଶୁନ୍ୟ ଶୁନ୍ୟ ମଧ୍ୟ ନିରାମୟ, ନିରାମୟ ମଧ୍ୟେ ଜ୍ୟୋତିଃ ସଃ ଜ୍ୟୋତି ଭଗବାନୟୋ'' ହେ ପରମ ଜ୍ୟୋତି ସ୍ୱରୂପ ପରମ ଶିବ ଏ ମର ସଂସାରର ସମସ୍ତ ପ୍ରାଣୀଙ୍କୁ ଅଜ୍ଞାନରୂପୀ ଅନ୍ଧକାରରୁ ଆଲୋକ ଦିଗକୁ ଏବଂ ଅସତ୍ୟରୁ ସତ୍ୟ ଦିଗକୁ ନେଇ ଯାଆନ୍ତୁ । ମହାଶିବରାତ୍ରି ପାଳନ ଅବସରରେ ଏହା ହିଁ କାମନା । ''ଅସତୋମାଂ ସଦ୍ ଗମୟ, ତମସୋମାଂ ଜ୍ୟୋତିର୍ଗମୟ, ମୃତ୍ୟୁ ମାଂ ଅମୃତୋ ଗମୟ''।

***ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,***
***ମୋ. ୯୯୩୭୧୭୨୮୧୦***

# ଦେବତାମାନଙ୍କ ଭୂମି : ମହେନ୍ଦ୍ରଗିରି



ଡ. ଭାଗ୍ୟଲିପି ମଲ୍ଲ

ମହେନ୍ଦ୍ରଗିରି ପର୍ବତ, ଯେଉଁ ପର୍ବତ ଦିନେ ଥିଲା ଶ୍ୱେତକମଣ୍ଡଳ ରାଜ୍ୟର ଅଂଶବିଶେଷ, ଯେଉଁ ପର୍ବତକୁ ନିଜ କବିତାରେ ସ୍ଥାନ ଦେଇଛନ୍ତି ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ଦାସ ଏବଂ କବିବର ରାଧାନାଥ ରାୟ, ଯାହାର ଶିଖରରେ ରହିଛି ଦ୍ୱାପର ଯୁଗର 'ମହାଭାରତ'ର କଥା, ସେହି ମହେନ୍ଦ୍ରଗିରିର ମହିମା ଆଜି ସମଗ୍ର ଭାରତବର୍ଷରେ ପୁଣ୍ୟ ତୀର୍ଥଭୂମି ରୂପେ ପରିଚୟ ଲାଭକରିଛି। ମହେନ୍ଦ୍ରଗିରି, ଯାହା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ, ତାହାର ଆଧ୍ୟାତ୍ମିକ ଗୌରବ ମଧ୍ୟ ଅତୁଳନୀୟ। ଏହା ଓଡ଼ିଶାର ଦକ୍ଷିଣରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ ଅନ୍ତର୍ଗତ ସଦରମହକୁମା ପାରଳାଖେମୁଣ୍ଡିଠାରେ ଅବସ୍ଥିତ । ବହୁ ପ୍ରାଚୀନ ଯୁଗରୁ ଗଞ୍ଜାମ–ଗଜପତି ପର୍ବତାଞ୍ଚଳରେ ମହେନ୍ଦ୍ରଗିରି ଦେବଦେବ ମହାଦେବଙ୍କର ନିବାସସ୍ଥଳୀ ହୋଇଥିବାରୁ ଏଠାରେ ମହାଶିବରାତ୍ରୀ ମହାସମାରୋହରେ ପାଳିତ ହୋଇଥାଏ । ଗୋଦାବରୀ ନଦୀ ନିକଟରେ ଥିବା ପୂର୍ବଘାଟ ପର୍ବତମାଳାକୁ ମହେନ୍ଦ୍ରଗିରି କୁହାଯାଏ । ପାଦଦେଶରେ ମହେନ୍ଦ୍ରତନୟା ନଦୀ । ସପ୍ତକୁଳ ପର୍ବତ ମଧ୍ୟରେ ଏହା ଅନ୍ୟତମ ଶ୍ରେଷ୍ଠ ପର୍ବତଭାବେ ପରିଗଣିତ । ସେହି ପର୍ବତଗୁଡ଼ିକ ଯଥାକ୍ରମେ- ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମାନ, ଋକ୍ଷ ପର୍ବତ, ବିନ୍ଧ୍ୟ ପର୍ବତ ଓ ପାରିଜାତ । ହିନ୍ଦୁମାନଙ୍କର ପବିତ୍ର କାର୍ଯ୍ୟରେ ବ୍ୟବହାର ହେଉଥିବା ପ୍ରାୟ ନଦୀଗୁଡ଼ିକ ମହେନ୍ଦ୍ରତନୟା ନାମରେ ପରିଚିତ ଯଥା–ତ୍ରିସାମା, ଋଷିକୂଲ୍ୟା, ଇକ୍ଷୁଳା, ତ୍ରିଦିବା, ଅଚଳା, ଲାଙ୍ଗୁଳିନୀ, ବଂଶଧାରା ଓ ମହେନ୍ଦ୍ରତନୟା ଇତ୍ୟାଦି । ମହେନ୍ଦ୍ରଗିରି ସର୍ବୋପାପର ମୁଖ୍ୟ ସ୍ଥାନ । ଏହି ସ୍ଥାନ ଦେବଦେବ ମହାଦେବ ମହେନ୍ଦ୍ରଙ୍କର ଅନ୍ୟତମ ନିବାସ ସ୍ଥାନ ଏବଂ ବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମଙ୍କର ତପସ୍ୟାସ୍ଥଳୀ ଭାବେ ପ୍ରସିଦ୍ଧିଲାଭ କରିଛି । ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ମହେନ୍ଦ୍ରଗିରିର ସୂର୍ଯ୍ୟୋଦୟ, ଖରା, ବର୍ଷା, ଶୀତର ଲୁଚକାଳି ଖେଳ, ସବୁଜବନାନୀ ଓ ଘଞ୍ଚ ଅରଣ୍ୟ ଆଦି ଅନସ୍ୱୀକାର୍ଯ୍ୟ । ଶୈଳୋଦ୍ଭବ ରାଜାମାନଙ୍କର ଅଭିଲେଖରୁ ମହେନ୍ଦ୍ରଗିରିର ପ୍ରାଚୀନତା ଜଣାପଡ଼େ । ମହେନ୍ଦ୍ର ଅର୍ଥାତ୍ ମହୀର ଯିଏ ଇନ୍ଦ୍ର ବା ଶ୍ରେଷ୍ଠ, ସେ ହେଉଛନ୍ତି ଦେବଦେବ ମହାଦେବ । ଏହି ମହେନ୍ଦ୍ରଗିରିର ଶିବ ହିଁ ଅଧିପତି ଦେବତା । ଏହା ଭାରତବର୍ଷର ଅନ୍ୟତମ ବିଶିଷ୍ଟ ତୀର୍ଥଭୂମି । ମହେନ୍ଦ୍ରଗିରିରେ ଷଡ଼ଋତୁଙ୍କର ଦିନକରେ ସମାଗମ ପରିଦର୍ଶକଙ୍କୁ ଯେତିକି ଚମତ୍କୃତ କରେ, ପର୍ବତ ଦେହରେ ଥିବା ପ୍ରାଚୀନ ମନ୍ଦିର ଯଥା–କୁନ୍ତୀ ମନ୍ଦିର, ଭୀମ ମନ୍ଦିର, ଯୁଧିଷ୍ଠିର ମନ୍ଦିର, ପର୍ଶୁରାମ କୁଟୀର, ପାଣ୍ଡବ ଗୁମ୍ଫା, ଗୋକର୍ଣ୍ଣେଶ୍ୱର ମନ୍ଦିର, ପୁଟେଶ୍ୱର ମନ୍ଦିର ଆଦିସ୍ଥ ସେତିକି ଆଧ୍ୟାତ୍ମିକ ଚେତନାରେ ବ୍ୟକ୍ତିର ହୃଦୟକୁ ସିକ୍ତ କରେ ।

ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ଶୋଭା କେବଳ ଜନମନକୁ ହରଣ କରେନାହିଁ, ବରଂ ଯୁଗଯୁଗ ଧରି କବି, ସାହିତ୍ୟିକମାନଙ୍କୁ ଆକୃଷ୍ଟ କରିଛି । ମହେନ୍ଦ୍ରଗିରି କେବଳ ସାହିତ୍ୟ ବା ପୁରାଣରେ ସ୍ଥାନ ପାଇନାହିଁ, ବରଂ ତା'ର ଜୈବବିବିଧତା ପାଇଁ ପରିବେଶବିତ୍‌ମାନଙ୍କୁ ମଧ୍ୟ ଆକର୍ଷିତ କରିଛି । ତା'ର ଜୈବବିବିଧତା ଗଭୀର ଅଧ୍ୟୟନର ଅପେକ୍ଷା ରଖେ । ମହେନ୍ଦ୍ରଗିରି ପର୍ବତ ଓଡ଼ିଶାର ଦକ୍ଷିଣାଞ୍ଚଳର ପରିବେଶକୁ ସନ୍ତୁଳିତ କରି ରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ।

ମହେନ୍ଦ୍ରଗିରିର ଶିବମହିମା ମହାଭାରତ, ରାମାୟଣ, ବିଷ୍ଣୁପୁରାଣ, ବାୟୁପୁରାଣ, ଅଧ୍ୟାତ୍ମ ରାମାୟଣ, ସାରଳା ମହାଭାରତ ଓ ବିଭିନ୍ନ ଶିଳାଲେଖରେ ଦେଖିବାକୁ ମିଳେ । ଏହି ମହେନ୍ଦ୍ରଗିରି ସହିତ ଯୋଡ଼ିହୋଇ ରହିଛି ରାମାୟଣ, ମହାଭାରତର ଓ ଶିବଙ୍କର ଅପୂର୍ବ ମହିମାର କଥା । ଦେବଦେବ ମହାଦେବ ଏହି ଗିରିଶୃଙ୍ଗ ଉପରେ ଯେଉଁଠାରେ ଧ୍ୟାନମଗ୍ନ ଥିଲେ, ମାତା ସୀତାଙ୍କୁ ରକ୍ଷା କରିବା ପାଇଁ ସେହି ଶିଖରରୁ ହନୁମାନ ଲଙ୍କାକୁ ଲମ୍ଫ ପ୍ରଦାନ କରିଥିଲେ । ଏହାର ସ୍ମୃତିସ୍ୱରୂପ ମହେନ୍ଦ୍ରଗିରିରେ ହନୁମାନ କୁଦ, ହନୁମାନ ମନ୍ଦିର ଓ ହନୁମାନ ପଦଚିହ୍ନ ଅଦ୍ୟାବଧି ଦେଖିବାକୁ ମିଳେ । ଏଥିସହ ଶିବଙ୍କର ଅତୁଳନୀୟ ମହିମା ସେହିଯୁଗରୁ ହିଁ ରହିଆସିଛି ।

ମହାଭାରତ ସମୟରେ ପାଣ୍ଡବମାନେ ଯେତେବେଳେ ଅଜ୍ଞାତବାସ କରୁଥିଲେ ସେତେବେଳେ ପିତା ପଣ୍ଡୁଙ୍କର ଶ୍ରାଦ୍ଧଦିବସ ପଡ଼ିଥିବାରୁ ମାତା କୁନ୍ତୀଙ୍କର ଆଦେଶପୂର୍ବକ ସେମାନେ ମହେନ୍ଦ୍ରଗିରିର ଘଞ୍ଚଜଙ୍ଗଲ ଭିତରକୁ ପିଣ୍ଡଦାନ ନିମିତ୍ତ ଏକ ଗଣ୍ଡା ଶିକାର କରିବାକୁ ଆସିଥିଲେ । ମାତ୍ର ଗଣ୍ଡା ବଦଳରେ ସେଠାରେ ବୁଲୁଥିବା ଏକ ବିଚିତ୍ର ଗାଈକୁ ସେମାନେ ବଧ କରିଦେଇଥିଲେ । ପୁରାଣପ୍ରସିଦ୍ଧ ଏହି ପବିତ୍ର ଗାଈର ନାମ ଥିଲା କପିଳା । କପିଳା ଗାଈର ହତ୍ୟା ସମ୍ପର୍କରେ ମାତା କୁନ୍ତୀଙ୍କୁ ଜଣାଇବା ପରେ ଗୋହତ୍ୟା ଦୋଷରୁ ପୁତ୍ରମାନେ କିପରି ମୁକ୍ତି ପାଇବେ ପାଣ୍ଡବଙ୍କ ସଖା ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ । ତତ୍‌କ୍ଷଣାତ୍ ସଖା କୃଷ୍ଣ ଉପଗତ ହୋଇ ମହେନ୍ଦ୍ରଗିରିର ଶୃଙ୍ଗ ଉପରେ ପର୍ଶୁରାମ ଏବଂ ନାରଦମୁନିଙ୍କ ସହାୟତାରେ ଦେବସଭାର ଆୟୋଜନ ସହ ଯଜ୍ଞାଦି ଅନୁଷ୍ଠାନ କରାଇଲେ । ଏହି ସଭାରେ ବ୍ରହ୍ମା, ଶିବ, ବିଷ୍ଣୁ ଓ ବହୁ ଦେବଦେବୀଙ୍କ ସହ ମୁନିଋଷିମାନେ ମଧ୍ୟ ଉପସ୍ଥିତ ଥିଲେ । ସମସ୍ତ ଦେବଦେବୀଙ୍କ ମତାନୁସାରେ ତଥା କୁନ୍ତୀ ଓ ପାଣ୍ଡବଙ୍କ ପ୍ରାର୍ଥନାରେ ଯୋଗୀରାଜଙ୍କର ଧ୍ୟାନଭଙ୍ଗ ହେଲା ଓ ପାଣ୍ଡବଙ୍କ ପାପକୁ ସେ ନିଜଦେହରେ ବୋଳି ଗୋହତ୍ୟାଜନିତ ପାପରୁ ମୁକ୍ତ କରାଇଥିଲେ । ମୃତଧେନୁ କପିଳାର କର୍ଣ୍ଣ ଯେଉଁଠାରେ ପଡ଼ିଲା ତାହା ଗୋକର୍ଣ୍ଣେଶ୍ୱର, ପୁଟି ଯେଉଁଠାରେ ପଡ଼ିଲା ତାହା ପୁଟେଶ୍ୱର ନାମରେ ମନ୍ଦିର ହେବାସହ ବହୁ ଶିବଲିଙ୍ଗଯୁକ୍ତ ମନ୍ଦିର ଏହି ପର୍ବତଶ୍ରେଣୀରେ ଗଢ଼ିଉଠିଲା । କପିଳାଗାଈର ନାମକରଣକୁ ନେଇ ବହୁ ଶରୀରଭେଦୀ ଓଡ଼ିଆ ଭଜନ ଦେଖିବାକୁ ମିଳେ: କପିଳା ବୋଲିଣ ଗାଈ ସେ–ସଦା ସର୍ବଦା ଯୁବା... ।

ଲୋକମାନଙ୍କର ବିଶ୍ୱାସ ସହିତ ଶିବଭକ୍ତ ଏବଂ ପ୍ରାୟତଃ ସବୁ ଦେବଦେବୀଙ୍କର ଏହି ପର୍ବତରେ ଦେବସଭା ଓ ଯଜ୍ଞ ଯୋଗୁଁ ମହେନ୍ଦ୍ରଗିରି ଏକ ଆଧ୍ୟାତ୍ମିକ ଗିରିଭାବେ ପ୍ରସିଦ୍ଧି ଅର୍ଜନ କରିପାରିଛି । ମହାଦେବ ଅକୁଣ୍ଠ ଚିତ୍ତରେ ପାଣ୍ଡବଙ୍କୁ ପାପମୁକ୍ତ କରାଇଥିବାରୁ ସେହି ନୀଳକଣ୍ଠଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ ଯୋଗୁଁ ଏଠାରେ ମହାଶିବରାତ୍ରୀ ବହୁ ଆଡ଼ମ୍ବରରେ ପାଳିତ ହୁଏ । ଆଖପାଖର ସହସ୍ରାଧିକ ଲୋକଙ୍କର ଶିବମନ୍ତ୍ର ଧ୍ୱନିରେ ସମଗ୍ର ପରିମଣ୍ଡଳ ଉଛୁଳିପଡ଼େ । ଏଥିସହିତ ଯୋଡ଼ି ହୋଇଯାଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କିମ୍ବଦନ୍ତୀ । ଏହି କିମ୍ବଦନ୍ତୀ ଅନୁସାରେ କଳିଙ୍ଗ ମହାରାଜାଙ୍କର ବିଦ୍ୟାପତିଙ୍କ ମାଧ୍ୟମରେ ନୀଳମାଧବଙ୍କ ଦର୍ଶନ ସହିତ ମହେନ୍ଦ୍ରଗିରିର ପାଦଦେଶରେ ଥିବା ଏକ ସୁନ୍ଦର ପୁଷ୍କରିଣୀ ନିକଟରେ ଆଦିବାସୀ ଲଳନା ଲଳିତାଙ୍କ ସହିତ ବିଦ୍ୟାପତିଙ୍କର ସାକ୍ଷାତ ହେବା ଯୋଗୁଁ ତା'ର ପ୍ରମାଣସ୍ୱରୂପ ଏବେ ମଧ୍ୟ ସେହି ଲଳିତା ପୁଷ୍କରିଣୀ ବିଦ୍ୟମାନ । ମହାଶିବରାତ୍ରୀରେ ଏହି ପୁଷ୍କରିଣୀ ପରିଦର୍ଶନାର୍ଥେ ବହୁ ଜନସମାଗମ ହୋଇଥାଏ ।

ତେଣୁ ମହେନ୍ଦ୍ରଗିରି କେବଳ ଏକ ପ୍ରାକୃତିକ ସୁଷମାଘେରା ସୁନ୍ଦର ପାହାଡ଼ଟିଏ ନୁହେଁ, ଏହା ଦେବଦେବ ମହାଦେବଙ୍କର ନିତ୍ୟ ନିବାସସ୍ଥଳୀ ଓ ପର୍ଶୁରାମଧାମ ହୋଇଥିବାରୁ ଏହାକୁ ଏକ ଆଧ୍ୟାତ୍ମିକ ସ୍ଥାନଭାବେ ଭକ୍ତମାନେ ଗ୍ରହଣ କରିଥାନ୍ତି। ଦେବଦେବ ମହେନ୍ଦ୍ର ଓ ପର୍ଶୁରାମଙ୍କର ସ୍ଥାୟୀ ଉପସ୍ଥିତି ଯୋଗୁଁ ଏଠାକୁ ବହୁ ଦେବଦେବୀ ଓ ଋଷିମାନଙ୍କର ଆତଯାତ ହୋଇଥାଏ । ତେଣୁ ମହେନ୍ଦ୍ରଗିରି ସମଗ୍ର ଭାରତବର୍ଷରେ ଏକ ଶକ୍ତିଶାଳୀ ଧାର୍ମିକ ପୀଠଭାବେ ନିଜର ପରିଚୟ ସୃଷ୍ଟି କରିପାରିଛି । ତେଣୁ ମହେନ୍ଦ୍ରଗିରିକୁ ନେଇ ଗଢ଼ିଉଠିଥିବା କିମ୍ବଦନ୍ତୀ, ଇତିହାସ, ମନ୍ଦିର ଓ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ହିଁ ଏହାର ମୂକସାକ୍ଷୀ । ଶିବରାତ୍ରୀ ମହୋତ୍ସବ ମହେନ୍ଦ୍ରଗିରିର ଏକ ଗୁରୁତ୍ୱପୂର୍ଣ୍ଣ ଦିବସଭାବେ ପରିଗଣିତ ।

ସଂସ୍କୃତି ବିଶେଷଜ୍ଞ

ଏହି ଦେଶରେ ତଥା ସମଗ୍ର ବିଶ୍ୱରେ ଫାଲ୍‌ଗୁନ ମାସ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଶିବରାତ୍ରି ଉତ୍ସବ ପାଳନ କରାଯାଏ । ଏହି ଦିନ ଭଗବାନ ଶିବ ଶଙ୍କରଙ୍କର ଜନ୍ମ ଦିବସ ହୋଇଥିବାରୁ ହିନ୍ଦୁମାନେ ଉପବାସ ରହିବା ପୂର୍ବକ ଭଗବାନ ଶଙ୍କରଙ୍କର ଆରାଧନା କଲେ ଅଶେଷ ପୁଣ୍ୟ ଲାଭହୁଏ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । ପ୍ରତ୍ୟେକ ପର୍ବ ପାଳନ ପଛରେ କୌଣସି ନା କୌଣସି ଉଦ୍ଦେଶ୍ୟ ରହିଛି, ଯାହା ଜନ କଲ୍ୟାଣ ଲାଗି ପ୍ରେରିତ ।



# ମହାଶିବରାତ୍ରି

ଶିବରାତ୍ରିର ପାଳନ ବିଧି ସମ୍ପର୍କରେ ଏଠାରେ ସାମାନ୍ୟ ଆଲୋଚନା କରାଯାଇପାରେ । ଶିବ ! ଏହି ଦୁଇଟି ଅକ୍ଷର ସଂସାରର ସାର । ଯିଏ ଏହି ଦୁଇ ନାମକୁ ବିଶ୍ୱାସ ଓ ଭରସା କରିଛି, ସେ ଏ ଭବ ସାଗରରୁ ପାର ପାଇଯାଇଛି । ଶିବ ନାମକ ନୌକାରେ ଅରୋହଣ କରିଥିବା ବ୍ୟକ୍ତି ଜନ୍ମମୃତ୍ୟୁ ଚକ୍ରରୁ ବାହାରି ଯାଏ । ମାଘ ମାସର ଶେଷରେ ବା ଫାଲଗୁନ ମାସ ପ୍ରଥମରେ ଯେଉଁ କୃଷ୍ଣ ଚତୁର୍ଦ୍ଦଶୀ ହୁଏ, ତାହାକୁ ଶିବରାତ୍ରି କହନ୍ତି । ମହାଦେବ ସ୍ୱୟଂ କହିଛନ୍ତି , ଶିବରାତ୍ରିରେ ଉପବାସ ହିଁ ପ୍ରଧାନ କର୍ମ । ସ୍ନାନ, ବସ୍ତ୍ର, ଧୂପ ବା ପୁଷ୍ପ ଦ୍ୱାରା ପୂଜା କଲେ ମୁଁ ଯେଉଁପରି ପ୍ରୀତ ନ ହୁଏ କେବଳ ଉପବାସରେ ତତୋଦ୍ଧିକ ପ୍ରୀତ ହୋଇଥାଏ । ଏହି ବ୍ରତରେ ସାଧାରଣ ଦ୍ରବ୍ୟ ଛଡ଼ା ଦଧି, ଦୁଗ୍ଧ, ଘୃତ, ମଧୁ ଓ ବିଲ୍ୱପତ୍ର ଦେଇ ଆରାଧନା କଲେ ଶିବ ସନ୍ତୁଷ୍ଟ ହୋଇଥାନ୍ତି । ଏହାଛଡ଼ା ନୈବେଦ୍ୟ ପାଇଁ ଫଳ, ମୂଳ, ଘୃତପକ୍ୱ ଏବଂ ମିଷ୍ଟାନ୍ନାଦି ଆବଶ୍ୟକ ହୁଏ । ଏହି ବ୍ରତର ମାହାତ୍ମ୍ୟ ଓ ବିଧିବିଧାନଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

ଏକଦା ମାତା ପାର୍ବତୀ ଭଗବାନ ଶିବଙ୍କୁ ପଚାରିଥିଲେ , ହେ ପ୍ରଭୁ! ଶିବ ରାତ୍ରିର ମାହାତ୍ମ୍ୟ କ'ଣ? ଶିବରାତ୍ରି କଲେ ମନୁଷ୍ୟଙ୍କୁ କି ଫଳ ମିଳିଥାଏ? ସେ ଉତ୍ତର ଦେଇଥିଲେ– ପୂର୍ବକାଳରେ କୃଷ୍ଣ ଶର୍ମା ନାମକ ଜଣେ ବ୍ରାହ୍ମଣ ଥିଲେ । ସେ ସର୍ବଗୁଣରେ କୁଶଳ ଥିବା ସହ ଉତ୍ତମ ସ୍ୱଭାବର ମଧ୍ୟ ଥିଲେ । ପ୍ରତ୍ୟେହ ବେଦାଦି ଅଧ୍ୟୟନ କରିବା, ଦେବତା, ଅତିଥିଙ୍କର ସେବା କରିବା, ସତ୍ୟ, ଦୟା ଓ କ୍ଷମା ଆଦି ସଦ୍‌ଗୁଣର ଅଧିକାରୀ ଥିଲେ । ଥରେ ସେ ପୋଖରୀକୁ ସ୍ନାନ ନିମନ୍ତେ ଯାଇ, ସେଠାରେ ପଡ଼ିଥିବା ଏକ ଇଟାରେ ଗୋଡ଼ ଘଷି ଜଳକୁ ପ୍ରବେଶ କଲା । ପରଦିନ ପ୍ରଭାତରେ ଶୌଚ ହେଉଥିବା ବେଳେ କାଳସର୍ପଟିଏ ଦଂଶନ କରିବାରୁ ତାଙ୍କର ପ୍ରାଣ ଚାଲିଗଲା । ଯମାଲୋକରେ ତାଙ୍କର ପାପପୁଣ୍ୟ ହିସାବରୁ ଜଣାଗଲା ତାଙ୍କର ଜୀବନ ଯାକର ପୁଣ୍ୟ ଶିବଙ୍କ ଦ୍ରବ୍ୟ ହରଣ କରିଥିବା ଯୋଗୁଁ ନଷ୍ଟ ହୋଇଯାଇଛି । ଶିବ, ବ୍ରାହ୍ମଣ ଓ ସନ୍ନ୍ୟାସୀର ଦ୍ରବ୍ୟ ହରଣ କରୁଥିବା ବ୍ୟକ୍ତି ହଳାହଳ ବିଷପାନର ଫଳ ପାଇବ ଏବଂ ତା'ର ସମସ୍ତ ସୁକୃତର ଫଳ ନଷ୍ଟ ହୋଇଯିବ । ଯେହେତୁ କୃଷ୍ଣ ଶର୍ମା ଅଜ୍ଞାନରେ ଶିବ ଦ୍ରବ୍ୟ ହରଣ କରିଥିବାରୁ ସେ ପିଶାଚ ହୋଇ ଉକ୍ତ ପୋଖରୀ ହୁଡ଼ାରେ ବାସ କରିବାକୁ ଏବଂ କୌଣସି ଶିଷ୍ୟ ନିଜର ଶିବରାତ୍ରି ପୁଣ୍ୟଫଳ ପ୍ରଦାନ କଲେ ତେବେ ସେ ଏହି ମହାପାପରୁ ମୁକ୍ତି ପାଇବେ ବୋଲି ଯମରାଜ କହିଦେଲେ । ବ୍ରାହ୍ମଣଙ୍କ ଠାରୁ କୃଷ୍ଣ ଶର୍ମା ଜାଣିଲେ ଯେ ପୂର୍ବକାଳରେ କାଶ୍ମୀରର ଜଣେ ନୈଷ୍ଠିକ ବ୍ରାହ୍ମଣ ଭଗମାଳି ନାମକ ଜନୈକ ବ୍ରାହ୍ମଣଙ୍କୁ ଆତିଥ୍ୟତା ପ୍ରଦାନ ପୂର୍ବକ କିଛି ଫଳମୂଳ ଭକ୍ଷଣ ନିମନ୍ତେ ପ୍ରଦାନ କରିବାରୁ,ସେ ତାହା ଶିବ ପୂଜା କରି ନ ଥିବାରୁ ଭକ୍ଷଣ କରିବେ ନାହିଁ ବୋଲି କହି ଥିଲେ। ସେ କହିଥିଲେ ଆଜି ଶିବରାତ୍ରିରେ ଉପବାସ ରହି ଆସନ୍ତାକାଲି ମଧ୍ୟାହ୍ନରେ ଭୋଜନ ଗ୍ରହଣ କରିବି । ଯେଉଁ ମନୁଷ୍ୟ ଶିବଲିଙ୍ଗ ପୂଜା ନ କରି ଭୋଜନ କରେ ସେ ପିଶାଚ ଭାବରେ ଜନ୍ମ ପାଇଥାଏ । ଏ ସବୁ ଜାଣି କିପରି ମୁଁ ଭୋଜନ କରିବି ? ତେଣୁ ଏହିଠାରେ ଶିବଲିଙ୍ଗ ପ୍ରତିଷ୍ଠା କରିବା ସହ ପୂଜାର୍ଚ୍ଚନା କରିବା ପାଇଁ ସେ ବ୍ରାହ୍ମଣଙ୍କୁ ଅନୁରୋଧ କଲେ । ଶିବ ଲିଙ୍ଗ ଦର୍ଶନ, ସ୍ପର୍ଶ ଓ ପୂଜନରେ କି ଲାଭ ହୁଏ ବୋଲି ପ୍ରଶ୍ନ କରିବାରୁ ବ୍ରାହ୍ମଣ ଏହାର ମାହାତ୍ମ୍ୟ ବର୍ଣ୍ଣନା କରି କହିଥିଲେ–ଶିବଲିଙ୍ଗ ଦର୍ଶନରେ ସହସ୍ରେକ ଅଶ୍ୱମେଧ ଯଜ୍ଞର ଫଳ ଲାଭ ହୁଏ, ମଧ୍ୟାହ୍ନ କାଳରେ ଶୁଚିମନ୍ତ ହୋଇ ଯିଏ ଶିବଲିଙ୍ଗ ଦର୍ଶନ କରେ ତାହାର ଜନ୍ମଜନ୍ମାନ୍ତରର ପାପ ନଷ୍ଟ ହୋଇଯାଏ । ସନ୍ଧ୍ୟା କାଳରେ ଯିଏ ଶିବ ଲିଙ୍ଗ ଦର୍ଶନ କରେ, ସେ ଇହଲୋକରେ ମହାସୁଖୀ ହେବା ସହ ମୃତ୍ୟୁ ଅନ୍ତେ ନନ୍ଦୀଶ୍ୱର ସମ ହୋଇ ଶିବ ଲୋକରେ ବାସ କରିଥାଏ । ପ୍ରାତଃକାଳରେ ଶିବଲିଙ୍ଗ ଦର୍ଶନରେ ତାହାର ଅତୁଳ ସମ୍ପତ୍ତି ଲାଭ ହୋଇଥାଏ । ତ୍ରିକାଳରେ ସନ୍ଧ୍ୟା ସାରି ଯେଉଁ ଲୋକ ଶିବଲିଙ୍ଗ ଦର୍ଶନ କରେ, ସେ ଯେତେ ବଡ଼ ପାପୀ ହୋଇଥିଲେ ମଧ୍ୟ ମୁକ୍ତି ପାଇ ଯାଇଥାଏ । ପ୍ରତିଦିନ ଶିବଲିଙ୍ଗ ଦର୍ଶନ କରୁଥିବା ଲୋକ ଶିବଙ୍କର ଅତ୍ୟନ୍ତ ପ୍ରିୟ ଗଣେଶ ଓ କାର୍ତ୍ତିକ ସହ ସମାନ ହୋଇଥାନ୍ତି । ଯେଉଁ ବ୍ୟକ୍ତି କୋଷେ ଦୂର ଅତିକ୍ରମ କରି ଶିବଲିଙ୍ଗ ଦର୍ଶନ କରନ୍ତି, ତା ଦେହରେ ପାପ ରହି ପାରେନାହିଁ । ଯେଉଁ ଲୋକ ଶିବଲିଙ୍ଗ ପ୍ରଦକ୍ଷିଣ କରେ, ଲକ୍ଷେ ଗୋ–ଦାନର ଫଳ ତାକୁ ମିଳିଥାଏ । ଶିବରାତ୍ରିରେ ଉଜାଗର ରହି ଶିବ ଆଳୟରେ ଘୃତଦୀପ ଜାଳିଲେ ଅଶେଷ ପୁଣ୍ୟ ସଞ୍ଚୟ ହୋଇଥାଏ । ଶିବରାତ୍ରିରେ କେତକୀ ଫୁଲ ଶିବଙ୍କୁ ଅର୍ପଣ କରି, ଶିବ ପଞ୍ଚାକ୍ଷର ମନ୍ତ୍ରରେ ପଞ୍ଚ ଉପଚାରରେ ପୂଜା କଲେ ବ୍ରତୀର ଅନେକ ପୁଣ୍ୟ ହୋଇଥାଏ । ଶିବ ରାତ୍ରିର ମହିମା ଅସୀମ, ବ୍ରତକାରୀର ସମସ୍ତ ପାପ ନଷ୍ଟ କରିଦେଇଏହି ବ୍ରତ ତାକୁ ଐଶ୍ୱର୍ଯ୍ୟ ପ୍ରଦାନ କରିଥାଏ । ବ୍ରାହ୍ମଣଙ୍କ ମୁହଁରୁ ଏହିପରି କଥା ଶୁଣି ଋଷି ଧନ୍ୟ ହେଲେ ।

ସେହି ବ୍ରାହ୍ମଣ, ଋଷି ଅନୁରୋଧରୁ ଏକ ଶିବଲିଙ୍ଗ ସେଠାରେ ନିର୍ମାଣ ପୂର୍ବକ ବିଧିବିଧାନରେ ପୂଜା କରିବା ସହିତ, ତା' ପରଦିନ ପ୍ରଭାତରୁ ସ୍ନାନ ସାରି ସନ୍ଧ୍ୟା ତର୍ପଣ ସାରି ଆନନ୍ଦରେ ଫଳମୂଳ ଭକ୍ଷଣ କରି ବ୍ରତ ପାଳନ କଲେ । ତତ୍‌ପଶ୍ଚାତ ଭଗମଳି ସେଠାରେ ମନ୍ଦିରଟିଏ ନିର୍ମାଣ କରି ଶିବ ଲିଙ୍ଗ ସ୍ଥାପନା କଲେ ଏବଂ ପୋଖରୀଟିଏ ଖୋଳାଇଲେ । ମୁନିଙ୍କ ମୃତ୍ୟୁ ପରେ ଜୀର୍ଣ୍ଣଶୀର୍ଣ୍ଣ ହୋଇ ମନ୍ଦିରଟି ଭାଙ୍ଗିପଡ଼ି ଖଣ୍ଡଖଣ୍ଡ ହୋଇଗଲା । ସେହି ଇଟା ପୋଖରୀ ଆଡ଼ିରେ ପଡ଼ିଥିଲା, ଯାହାକୁ ନେଇ ପାଦ ଘଷିବାରୁ ଶିବସ୍ୱ ହରଣ ଦୋଷରୁ କୃଷ୍ଣ ଶର୍ମାଙ୍କୁ ପିଶାଚ ହେବାକୁ ପଡ଼ିଲା । କିଛିକାଳ ପିଶାଚ ରୂପେ ସେଠାରେ ବାସ କରିବା ପରେ କୃଷ୍ଣ ଶର୍ମାଙ୍କର ଜନୈକ ଶିଷ୍ୟ ନିରିଘ ଆସି ସେଠାରେ ବାସ କଲେ । ସେ ଏକଦା ଶିବରାତ୍ରିରେ ଉପବାସ ବ୍ରତ ପାଳନ କରୁଥିବା ବେଳେ ଏହି ଯନ୍ତ୍ରଣାରୁ ଉଦ୍ଧାର କରିବା ପାଇଁ କୃଷ୍ଣ ଶର୍ମା ନିରିଘଙ୍କୁ ଅନୁରୋଧ କରିଥିଲେ । ନିରିଘ ସୂର୍ଯ୍ୟଙ୍କୁ ସାକ୍ଷୀ ରଖି ମୋ' ଶିବରାତ୍ରିର ଫଳ ତୁମକୁ ପ୍ରଦାନ କଲି ବୋଲି ଶପଥ କରିଥିଲେ। ଏହାପରେ କୃଷ୍ଣ ଶର୍ମା ନିଜ ରୂପ ଫେରି ପାଇଲେ ଏବଂ ପରେ ଯାଇ କୈଳାସରେ ବାସ କଲେ । ଶିବରାତ୍ରି ବ୍ରତ ପ୍ରସଙ୍ଗରେ ଏହି କାହାଣୀଟି ଶିବ ପାର୍ବତୀଙ୍କୁ କହିଥିଲେ । ଯେଉଁ ବ୍ୟକ୍ତି ଶିବରାତ୍ରି ବ୍ରତ କରେ ସେ ବହୁପୁଣ୍ୟର ଅଧିକାରୀ ହୋଇଥାଏ । ଭକ୍ତି ସହକାରେ ଯିଏ ଏହା ପଢ଼େ ବା ଶୁଣେ ତାକୁ ପରମ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇଥାଏ । ଏବଂ ତା' ଦେହରେ ପାପ ରହିପାରେ ନାହିଁ । ଏହି ବ୍ରତ ଯିଏ ଉଜାଗର ରହି ପାଳନ କରେ ତାକୁ ଯମପୁରକୁ ଯିବାକୁ ପଡ଼େନା । ଇହକାଳରେ ସୁଖ ପାଇବା ବେଳେ ମୃତ୍ୟୁ ପରେ ଶିବ ଲୋକ ପ୍ରାପ୍ତ ହୋଇଥାଏ । ଏଣୁ ବିଧିବିଧାନର ସହିତ ଶିବରାତ୍ରି ବ୍ରତ ପାଳନ କରିବା ଉଚିତ ।

'ଶିବ'ଶବ୍ଦ ଏକ ସାର୍ବଭୌମ ଈଶ୍ୱରୀୟ ସତ୍ତାର ଗୁଣବାଚକ ନାମ । 'ଶିବ'ଅର୍ଥ କଲ୍ୟାଣକାରୀ । 'ରାତ୍ରି'ର ଆଧ୍ୟାତ୍ମିକ ଅର୍ଥ ଅଜ୍ଞାନ ଅନ୍ଧକାର । ଅର୍ଥାତ୍ ସୃଷ୍ଟିଚକ୍ରର ଯେଉଁ କାଳଖଣ୍ଡରେ ମାନବ ସମାଜର ସର୍ବାଧିକ ତମୋଗୁଣର ପ୍ରଭାବ ଦେଖାଯାଏ ତାହା ହେଉଛି 'ରାତ୍ରି'ର ପର୍ଯ୍ୟାୟବାଚକ । ଆଜିର ମନୁଷ୍ୟ ସେହି କାଳଖଣ୍ଡର କାଳାତିପାତ କରୁଛି । ଫଳରେ ମନୁଷ୍ୟ ପାଖରେ ହିଂସା, ଦ୍ୱେଷ, କଳହ, କ୍ଲେଶ, ଭ୍ରଷ୍ଟାଚାର, ଅନୈତିକତା ଆଦି ନକରାତ୍ମକ ପ୍ରବୃତ୍ତି ବସା ବାନ୍ଧିଛି । ଏଣୁ 'ଶିବରାତ୍ରି' କହିଲେ ସମସ୍ତ ପ୍ରକାର ଅଜ୍ଞାନ ରୂପକ ଅନ୍ଧକାରକୁ ନାଶକରି ଏକ କଲ୍ୟାଣ ବା ମଙ୍ଗଳକାରୀ ସମୟକୁ ବୁଝାଏ, ଯେଉଁଠି ଉପରୋକ୍ତ ନକାରତ୍ମକ ଭାବ ଦୂର ହୋଇ ସମସ୍ତଙ୍କ ମଧ୍ୟରେ ଆନ୍ତରିକତାର,ପ୍ରେମର ଫଲଗୁ ପ୍ରବାହିତ ହେବ ।





ଏକାମ୍ରକ୍ଷେତ୍ର ଏକମାତ୍ର ଶୈବକ୍ଷେତ୍ର, ଯେଉଁଠାରେ ମହାଦେବ 'ଲିଙ୍ଗରାଜ' ରୂପରେ ପୂଜା ପାଉଛନ୍ତି। ପୁନଶ୍ଚ ଲିଙ୍ଗରାଜ ମନ୍ଦିର ସାରା ପୃଥିବୀର ସବୁ ଶିବମନ୍ଦିରମାନଙ୍କ ଠାରୁ ଭିନ୍ନ ଅଟେ। ଏହି ଲିଙ୍ଗରାଜ



ମନ୍ଦିରର ଚୂଡ଼ାରେ ଶିବଙ୍କ ଆୟୁଧ (ଅସ୍ତ୍ର) ତ୍ରିଶୂଳ ବଦଳରେ ପିନାକ ଧନୁ ଶୋଭାପାଏ। ଅନ୍ୟ ସବୁ ଶୈବପୀଠରେ ଶିବଙ୍କ ମୁଖ୍ୟ ଦ୍ୱାରାରେ ସମ୍ମୁଖ ଭାଗରେ ବୃଷଭ ଥାଏ ଏବଂ ଅହରହ ଅପଲକ ନୟନରେ ଶିବଙ୍କୁ ଚାହିଁ ରହିଥାଏ, ଯେତେବେଳେ ଯାହା ନିର୍ଦ୍ଦେଶ ହେବ ତାହା ପାଳନ କରିବା ଉଦ୍ଦେଶ୍ୟରେ । ଏଠାରେ ପୂର୍ଣ୍ଣ ସମର୍ପଣ ଭାବ ପ୍ରଦର୍ଶିତ ହୋଇଥାଏ ।





# ତ୍ର୍ୟମ୍ବକଂ ଯଯାମହେ ସୁଗନ୍ଧି ପୃଷ୍ଟିବର୍ଦ୍ଧନଂ

**ଡ଼. ମନସା ଶ୍ରୀଚନ୍ଦନରାୟ**

ଆମ ପରମ୍ପରା ଓ ସଂସ୍କୃତିର କ୍ରମବିକାଶ ମଣିଷକୁ ଶୃଙ୍ଖଳିତ, ନିୟମିତ ଓ ରଚିଶୀଳ କରାଏ, ସେଥିପାଇଁ ଉତ୍କଳୀୟମାନେ କାହିଁ କେଉଁ ଅନାଦି କାଳରୁ ପରମ୍ପରା ଓ ସଂସ୍କୃତି ପ୍ରତି ସଚେତନ ହୋଇ ନିଜର ରୀତିନୀତି, ଧର୍ମବିଶ୍ୱାସ ପୂଜାପଦ୍ଧତି, ଜୀବନଶୈଳୀରେ ସାଂସ୍କୃତିକ ଚେତନାକୁ ପ୍ରତିଫଳିତ କରାଇଛନ୍ତି । ଉତ୍କଳୀୟ ପରମ୍ପରା ଓ ସଂସ୍କୃତିରେ ପଞ୍ଚଦେବତାଙ୍କ ଉପାସନା ଦେଖିବାକୁ ମିଳେ । ଯଥା– ଶିବ, ଶକ୍ତି, ବିଷ୍ଣୁ, ଗଣେଶ, ସୂର୍ଯ୍ୟ । ଏଥିମଧ୍ୟରୁ ଯେଉଁ ଧର୍ମ ଶିବଙ୍କୁ କେନ୍ଦ୍ରକରି ଉପାସନାର ପଦ୍ଧତି ସ୍ଥିର କରାଯାଇଥିଲା ତାହାକୁ ଶୈବଧର୍ମ କୁହାଗଲା, 'ଶିବ' ନାମଟି ଦେବୋତ୍ତର ଯୁଗର ସୃଷ୍ଟି ହେଲେ ମଧ୍ୟ ପ୍ରାକ୍ ବୈଦିକ ଯୁଗରେ ଶୈବଚେତନାର ଉନ୍ମେଷ ଘଟିଥିଲା । ପ୍ରାଚୀନ ଓ ମଧ୍ୟଯୁଗୀୟ ଅଭିଲେଖ ଗୁଡ଼ିକରୁ ଶୈବ ସଂସ୍କୃତିର ପ୍ରଧାନ୍ୟ ଅନୁଭୂତ ହୁଏ । ଏହି ସଂସ୍କୃତି ରାଜାଶ୍ରୟୀ ହୋଇଥିବାରୁ ସାଧାରଣ ଜନତା ଏହି ଧର୍ମପ୍ରତି ଆନୁଗତ୍ୟ ପ୍ରକାଶ କରୁଥିଲେ ।

ଶୈବ ସଂସ୍କୃତିକୁ ଭିତ୍ତିକରି ଓଡ଼ିଶାରେ ପର୍ବପର୍ବାଣି ଓ ଓଷାବ୍ରତ ପାଳିତ ହୁଏ । ଶିବ ହେଉଛନ୍ତି ମଙ୍ଗଳମୟ ମାତ୍ର ସେ ହେଉଛନ୍ତି ରୁଦ୍ର ଓ ଭୟଙ୍କର ସେ ପୁଣି କୋପେବର ଅବା ତପେବର । ସେ ମହାବଳୀ, ସୁନ୍ଦର, ସ୍ୱାସ୍ଥ୍ୟବାନ୍, କପାଳୀ, ଦିଗମ୍ବର, ଚନ୍ଦ୍ରଚୂଡ଼, ତ୍ରିଶୂଳ ପିନାକାଧାରୀ, ବୃଷାରୂଢ଼, ପଞ୍ଚାନନ, ସୂର୍ଯ୍ୟଚନ୍ଦ୍ର ଅଗ୍ନିନୟନ ସେ ସର୍ବବ୍ୟାପି, ସର୍ବନିୟାମକ ସମସ୍ତ ସତ୍ତାଭିତରେ ତାଙ୍କ ଅସ୍ତିତ୍ୱକୁ ସ୍ୱୀକାର କରାଯାଏ । ତେଣୁ 'ମହାନାରାୟଣ ଉପନିଷଦ'ରେ କୁହାଯାଇଛି ଯେ,

ଈଶାନଃ ସର୍ବବିଦ୍ୟା ନାମୀଶ୍ୱରଃ
ସର୍ବଭୂତାନାଂ ବ୍ରହ୍ମାଧିପତି
ବ୍ରହ୍ମଣୋଧିପତି ବ୍ରହ୍ମା ଶିବୋ ମେସ୍ତୁ
ସଦାଶିବୋମ୍

ଶିବ ଶବ୍ଦର ତାତ୍ପର୍ଯ୍ୟପୂର୍ଣ୍ଣ ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି ଯେ, 'ଶ'କାର ସୁଖ ଶୟନ ଯାହା ସୁଷୁପ୍ତି ଅଥବା ସମାଧି ଅଟେ । 'ଇ' କାର ଅଭୀଷ୍ଟୋପଲବ୍ଧି, 'ବ' କାର ଅମୃତବୀଜ ଓ ବରୁଣାଦି ଅଧିଦେବଙ୍କୁ ବୁଝାଏ । ଆର୍ଯ୍ୟତ୍ତୋର ଦେବତା, ଶିବ ବୈଦିକ ଯୁଗରେ ରୁଦ୍ରଙ୍କ ସହ ସମଧର୍ମୀ ହୋଇ ଖ୍ରୀ.ପୂ. ୨ୟ ଶତାବ୍ଦୀ ବେଳକୁ ଭାରତୀୟ ସଂସ୍କୃତିରେ ପୂଜିତ ହେଲେ, ଋକବେଦ'ରେ ଉଭୟ ଶିବଙ୍କର ଶାନ୍ତରୂପ ଓ ରୁଦ୍ରଙ୍କର ଭୀମରୂପ ବର୍ଣ୍ଣିତ ହୋଇଛି । ସେ ହସ୍ତରେ ଧନୁ ଓ ଶର ଧାରଣ କରିଛନ୍ତି ଏବଂ ବଜ୍ର ବିଦ୍ୟୁତ ନିକ୍ଷେପ କରିଛନ୍ତି, ଭକ୍ତମାନେ ତାଙ୍କ କ୍ରୋଧରୁ ରକ୍ଷାପାଇବା ପାଇଁ ତାଙ୍କୁ ଯେତେବେଳେ ଆକୁଳ ପ୍ରାର୍ଥନା କରନ୍ତି ସେତେବେଳେ ସେ ଆଶୁତୋଷ ହୋଇ କୃପା ଦେଖାନ୍ତି । ସେ ରକ୍ଷାକାରୀ ଓ ସଂହାରକାରୀ, ସେ ପୁଣି ସର୍ବରୋଗହାରୀ ମହାବୈଦ୍ୟଭାବେ ମଧ୍ୟ ବର୍ଣ୍ଣିତ । ସେ ଅଗ୍ନି, ଜଳ ବନସ୍ପତି ଆଦି ସର୍ବଭୂତରେ ବିଦ୍ୟମାନ, କୌଷିତକ ବ୍ରାହ୍ମଣ ଓ ଶତପଥ ବ୍ରାହ୍ମଣ ଗ୍ରନ୍ଥ ଅନୁସାରେ ରୁଦ୍ର ଉଷାଙ୍କ ପୁତ୍ର ଥିଲେ । ବଡ଼ ହେଲାପରେ ବ୍ରହ୍ମା ତାଙ୍କର ଆଠଗୋଟି ନାମ ପ୍ରଦାନ କରିଥିଲେ, ସେଥିମଧ୍ୟରୁ ଚାରୋଟି (ରୁଦ୍ର, ଶର୍ବ, ଉଗ୍ର, ଅଶନି) ବିନାଶକାରୀ ଶକ୍ତି ବୋଧକ ଏବଂ ଅନ୍ୟ ଚାରୋଟି ଭବ, ପଶୁପତି, ମହାଦେବ ଓ ଈଶାନ କଲ୍ୟାଣକାରୀ ଶକ୍ତିବୋଧକ ଅଟନ୍ତି ।

ସେହି ଦେବଦେବ ମହାଦେବ ଶିବଙ୍କର ପୂଜା ମଧ୍ୟରେ ଶିବରାତ୍ରିର ପ୍ରାଧାନ୍ୟ ଅନସ୍ୱୀକାର୍ଯ୍ୟ, ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ, ପୃଥିବୀର ଛାୟା ପୃଷ୍ଠରେ ଚନ୍ଦ୍ର ବିଲୀନପ୍ରାୟ ବାସନ୍ତୀ ବାସନ୍ତୀ ବିମୁଗ୍ଧ ଅମାବାସ୍ୟାର ରାତ୍ରୀ ମହାଶିବରାତ୍ରି । ମହାଶିବରାତ୍ରି ସମ୍ପର୍କରେ 'ଈଶାନ ସଂହିତା'ରେ କୁହାଯାଇଛି ଯେ,

ଶିବରାତ୍ରି ବ୍ରତଂ ନାମ ସର୍ବପାପ
ପ୍ରଣାଶନମ୍
ଆଚାଣ୍ଡାଳ ମନୁଷ୍ୟଣାଂ ଭୁକ୍ତିମୁକ୍ତି
ପ୍ରଦାୟକମ୍ ।

ଏହି ଦିନକୁ କେହି କେହି ଶୈବ ବସନ୍ତଉତ୍ସବ ମଧ୍ୟ କହିଥାନ୍ତି । ବସନ୍ତର ମୃଦୁମୃଦୁ ମଳୟ ପବନ ଲୋକଙ୍କ ମନରେ ଉନ୍ମାଦନା ଭରିଦିଏ । ଫଳରେ ଉନ୍ମାଦିତ ମନୁଷ୍ୟ ହୁଏ ଉଚ୍ଛୃଙ୍ଖଳିତ, ଅନିୟମିତ, ଅସଂଯମିତ, କାମନା ବାସନାରେ ଚିରଜାଗ୍ରତ, ଏହି ଭାବରୁ ମୁକ୍ତି ପାଇଁ ପରମଯୋଗୀ ଶିବଙ୍କ ପାଖରେ ଭକ୍ତ ହୁଏ ଶରଣାଗତ, ପାଳନକରେ ମହାଶିବରାତ୍ରିର ଜାଗରବ୍ରତ ।

ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ପାଶ୍ଚାଦ୍‌ପଟରେ ରହିଛି ଅନେକ ପୌରାଣିକ ଆଖ୍ୟାନ, ଉପାଖ୍ୟାନ, ଜନଶ୍ରୁତି ଇତ୍ୟାଦି, ରାମାୟଣରେ ଉଲ୍ଲେଖ ଅଛି ଯେ, ପୂର୍ବେ ରାଜା ଭଗୀରଥ ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଏକ ହଜାର ବର୍ଷ ତପସ୍ୟା କଲେ, ତପସ୍ୟାର କାରଣ ଥିଲା ପୂର୍ବ ପୁରୁଷମାନଙ୍କର ମୁକ୍ତି, ଗଙ୍ଗାଙ୍କୁ ମଧ୍ୟ ପୂର୍ବ ପୁରୁଷଙ୍କ ଭସ୍ମକୁ ଧୋଇ ପାପମୁକ୍ତ କରିବା ପାଇଁ ଧରାବତରଣ ହେବାକୁ ଅନୁରୋଧ କଲେ । ମାତ୍ର ଗଙ୍ଗାଧାରାକୁ ସହ୍ୟ କରିବା କାହାପକ୍ଷରେ ସମ୍ଭବ ନୁହେଁ । ଶିବ ହିଁ ଏକମାତ୍ର ଶକ୍ତି ଯିଏ ଗଙ୍ଗାଧାରାକୁ ସହିପାରିବେ ତେଣୁ ଭାଗୀରଥି ପ୍ରଥମେ ଶିବଙ୍କୁ ପ୍ରାର୍ଥନା କରି ସନ୍ତୁଷ୍ଟ କରିବା ପରେ ତାଙ୍କ ଜଟାଦେଇ ଗଙ୍ଗାବତରଣ ସମ୍ଭବ ହେଲା, ତେଣୁ ଏହି ମହାଶିବରାତ୍ରିରେ ଲିଙ୍ଗସ୍ନାନ ଗଙ୍ଗାଙ୍କର ମର୍ତ୍ତ୍ୟବତରଣକୁ ପ୍ରତିକିତ କରାଏ । 'ରାମାୟଣ'ରେ ଶିବଙ୍କୁ ମହାଦେବ, ତ୍ରିଲୋଚନ, ତ୍ର୍ୟମ୍ବକ ଓ ଭୂତନାଥ ନାମରେ ନାମିତ କରାଯାଇଛି ।

ମାର୍କଣ୍ଡେୟ ଋଷିଙ୍କ ମତରେଦିନେ ସମଗ୍ର ବ୍ରହ୍ମାଣ୍ଡ ଅତଳଗର୍ଭରେ ବିଲୀନଥିଲା, ଶିବଲିଙ୍ଗ ସେଇ ଅନ୍ଧାରକୁ ସ୍ୱୀୟଜ୍ୟୋତିରେ ହରଣ କରି ଚତୁର୍ଦ୍ଦିଗକୁ ଆଲୋକିତ କରିଥିଲା ଫଳସ୍ୱରୂପ ଏହି ରାତ୍ରିକୁ ମହାଶିବରାତ୍ରି ବୋଲି କୁହାଯାଏ ।

'ଶିବପୁରାଣ' ର 'ରୁଦ୍ରସଂହିତା'ର ଏକ ଆଖ୍ୟାୟିକାରୁ ଜଣାଯାଏ ଯେ, ଶିବ ସୃଷ୍ଟି ସଞ୍ଚାଳନ କରିବା ପାଇଁ ସାମର୍ଥ୍ୟଯୁକ୍ତ ଦିବ୍ୟପୁରୁଷଙ୍କୁ ସୃଷ୍ଟି କରି ସଂସାରର ପାଳନଭାରରୁ ମୁକ୍ତ ହୋଇଥିଲେ । ସେହି ପୁରୁଷ ହେଲେ ଶିବଙ୍କ ସ୍ୱରୂପ ଏବଂ ବିଷ୍ଣ ନାମରେ ଖ୍ୟାତ, ପରେ ଅଷ୍ଟମ ଶତାବ୍ଦୀରେ ଆଚାର୍ଯ୍ୟ ଆଦିଶଙ୍କର ଶିବବିଷ୍ଣୁଙ୍କର ଅଭେଦ୍ୟକୁ ହୃଦୟଙ୍ଗମ କରି ଶୈବ, ବୈଷ୍ଣବଧର୍ମର ସମନ୍ୱୟ ସଂଘଟିତ କରିପାରିଥିଲେ । ପରେ ସମଗ୍ର ଭାରତପରି ଓଡ଼ିଶାରେ ହରିହର ଚେତନା ସଂଘଟିତ ହୋଇଥିବା ଜଣାଯାଏ । ହରିହର ଉପାସନାର ଦ୍ୟୋତକ ଜାଗରଯାତ୍ରା ଯେଉଁଦିନ ହରିହର ଭେଟ ନୀତି ରହିଛି ।

ଜନଶ୍ରୁତିରୁ ଜଣାଯାଏ– ଥରେ ଜଣେ ବ୍ୟାଧ ମୃଗ ଶିକାର କରି ଫେରୁଥିବାବେଳେ କ୍ଲାନ୍ତହୋଇ ଏକ ବୃକ୍ଷମୂଳରେ ଆଶ୍ରୟନେଲା । ବିଶ୍ରାମ କରୁକରୁ ନିଦ୍ରିତ ହେଲା ଦେଖୁ ଦେଖୁ ରାତ୍ରି ଉପଗତ, ତେଣୁ ରାତ୍ରିରେ ବନମଧ୍ୟରେ ଘରକୁ ଯିବା ବିପଦ ଜାଣି ବୃକ୍ଷାରୋହଣ କଲା । ସେଦିନ ଥିଲା ଫାଲ୍‌ଗୁନ ଚତୁର୍ଦ୍ଦଶୀ ଅମାବାସ୍ୟା । ଯେଉଁ ଗଛ ଉପରେ ବ୍ୟାଧଟି ବସିଥିଲା ତାହାଥିଲା ବେଲଗଛ ସେହି ଗଛ ମୂଳରେ କାହିଁ କେଉଁ ଅନାଦିକାଳୁରୁ ଶିବପୂଜା ପାଉଥିଲେ । ରାତିସାରା ବ୍ୟାଧଟି କାନ୍ଦୁଥିଲା । ତାହାର ଲୁହବିନ୍ଦୁ ଶିବଲିଙ୍ଗ ଉପରେ ପଡୁଥାଏ, ଖାଲି ସେତିକି ନୁହେଁ ଅନାହାରରେ ବ୍ୟାଧଟି ବେଲପତ୍ରକୁ ଛିଣ୍ଡେଇ ତଳକୁ ପକାଉଥାଏ, ଫଳସ୍ୱରୂପ ଏକପ୍ରକାର ମଣିକାଞ୍ଚନ ସଂଯୋଗ ହୋଇ ମହାଦେବ ବ୍ୟାଧ ଉପରେ ପ୍ରସନ୍ନ ହୋଇ ତାଙ୍କୁ ଶିବଲୋକ ପ୍ରାପ୍ତ କରାଇଥିଲେ ।

ତେବେ ଏହି ସବୁ ଆଖ୍ୟାନ ଉପାଖ୍ୟାନରେ ସତ୍ୟାସତ୍ୟର ପ୍ରମାଣକୁ ଭକ୍ତ କେବେ ଖୋଜେ ନାହିଁ । ଭକ୍ତ କେବଳ ଏତିକି ଜାଣିଛନ୍ତି ଶିବ ହେଉଛନ୍ତି ରହସ୍ୟମୟ ଦେବତା, ମଙ୍ଗଳମୟ ଦୁଃଖ ଶୋକହାରୀ, ତ୍ରିନେତ୍ରଧାରୀ ପାପ ତାପ



ବିନାଶ ନିମନ୍ତେ ନିଜର ତୃତୀୟ ନେତ୍ରକୁ ଖୋଲନ୍ତି । ସଂସାରର ପାପତାପର ଗରଳକୁ ପାନକରି ସେ ହୋଇଛନ୍ତି ନୀଳକଣ୍ଠ, ସେ ଅର୍ଦ୍ଧନାରୀଶ୍ୱର, ଜଟାଜୁଟଧାରୀ ଧୂର୍ଜଟୀ ଅନେକ ବିଶ୍ୱାସ ଓ ଦର୍ଶନର ମୂଳଉତ୍ସ, ତାଙ୍କରି ଉଦ୍ଦେଶ୍ୟରେ ମହାଶିବରାତ୍ରି ଯେଉଁଦିନ ପ୍ରଭୁଙ୍କର ଶ୍ମଶାନ ପରିଭ୍ରମଣ ସ୍ଥଗିତ । ସଂସାରବାସୀ ପ୍ରାର୍ଥନା ଶୁଣିବା ପାଇଁ ତାଙ୍କର ମନ୍ଦିରର ଦ୍ୱାର ଉନ୍ମୁକ୍ତ । ଉପାସ୍ୟ ଉପାସକ ଆଜି ଉଭୟେ ଜାଗ୍ରତ ତାଙ୍କ ପାଇଁ ଯେଉଁ ଷଡ଼ବିଧ ଉପଚାର ଆବଶ୍ୟକ ତାହା ହେଉଛି– ଆତ୍ମଶୁଦ୍ଧି ପାଇଁ ବେଲପତ୍ର ଓ ଶକ୍ତି ପାଇଁ ତୁଳସୀଜଟା, ଶୀତଳତା ପାଇଁ ଚନ୍ଦନ, ଦୀର୍ଘାୟୁ ପାଇଁ ଫଳମୂଳ, ସଂପଦପାଇଁ ଧୂପ, ଜ୍ଞାନ ପାଇଁ ଦୀପ ଇତ୍ୟାଦି । ଏତଦ୍‌ବ୍ୟତୀତ ପାଷାଣ ଲିଙ୍ଗରେ ଦୁଦୁରାଫୁଲ, କର୍ପୂରଚନ୍ଦନ, ନବାତ, ଦଧି, ଦୁଗ୍ଧ, ଘୃତ, ଲବଣୀ, ମହୁ ଭାଙ୍ଗର ଘର୍ଷଣ ମାନସିକ ପବିତ୍ରତା ମଧ୍ୟରେ ଏହି ସବୁର ମିଶ୍ରଣ ଏକ ମହୌଷଧି ରୂପେ କାର୍ଯ୍ୟକରେ, ଯାହା ଏହି ଦିନମାନଙ୍କରେ ହେଉଥିବା ଜ୍ୱର, କଫ, ବିଷଜ୍ୱାଳା, ପେଟରୋଗ, ମସ୍ତିଷ୍କ ଜନିତ ରୋଗ ଏବଂ ବସନ୍ତଋତୁର ଅନେକ ସଂକ୍ରାମକ ରୋଗର ନିବାରଣ କରେ । ଏଥିପାଇଁ ଭକ୍ତ ଉଜାଗର ରହି ମହାଦୀପକୁ ପ୍ରଜ୍ୱଳିତକରି ଆଧ୍ୟାତ୍ମିକ ଆନନ୍ଦ ଲାଭ କରେ । ଭକ୍ତ ବୈରାଗ୍ୟର ସହସ୍ରଦୀପକୁ ଜଳାଇ ନିଜ ଅନ୍ତରରେ ଆତ୍ମଶକ୍ତିକୁ ଜାଗ୍ରତ କରାଇଥାନ୍ତି । ତେବେ ଏହି ଜାଗର ସମ୍ପର୍କରେ ଶିବ ପୁରାଣରେ ଶିବଙ୍କ ଉକ୍ତିରେ କୁହାଯାଇଛି ଯେ,

ନ ସ୍ନାନେନ ନ ବସ୍ତ୍ରେଣ ନ ଧୂପେନ
ନଚାର୍ଯ୍ୟାୟ ।
ତୁଷ୍ଟ୍ୟାମି ନ ତଥା ପୁଷ୍ପେଂଯର୍ଥାତ
ତ୍ରୋପବାସତାଃ ।

ଅର୍ଥାତ୍ ସ୍ନାନ ବସ୍ତ୍ର ଧୂପ ଦୀପ ଦେଇ ପୂଜାକଲେ ମୁଁ ଯେତେ ସନ୍ତୁଷ୍ଟ ହୁଏ ନାହିଁ, ନିଷ୍ଠାରସହ ଶିବରାତ୍ରି ଉପବାସ କଲେ ତା' ଠାରୁ ଅଧିକ ସନ୍ତୁଷ୍ଟ ହୁଏ । ଓଡ଼ିଶାର ଲୋକଧାର୍ମିକ ପରମ୍ପରାରେ ଜାଗର ଏକ ଗୁରୁତ୍ୱପୂର୍ଣ୍ଣ ବ୍ରତ । ଜାଗରର ତତ୍ତ୍ୱମୂଳକ ବିଶ୍ଳେଷଣକଲେ ଜଣାଯାଏ ଯେ ଜାଗରର ଅର୍ଥ– ଜାଗ୍ରତ ରହିବା, ଉପନିଷଦୀୟ ଚିନ୍ତାଧାରାରେ ଜାଗରଣ ଚେତନାର ଉନ୍ନତିକୁ ସୂଚାଏ । 'ମଣ୍ଡୂକ୍ୟ ଉପନିଷଦ' ମନୁଷ୍ୟର ଚେତନାକୁ ଚାରି ଅବସ୍ଥାରେ ବିଭକ୍ତ କରାଯାଇଛି – ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି, ତୁରୀୟ । ଜାଗର ରାତ୍ରିରେ ଭକ୍ତ ଜାଗ୍ରତ ଅବସ୍ଥାକୁ ଅତିକ୍ରମ କରି ଧ୍ୟାନ ଓ ମନ୍ତ୍ରଜପ ମାଧ୍ୟମରେ ତୁରୀୟ ଚେତନାର ଅନୁଭୂତି ପାଇଁ ପ୍ରୟାସ କରେ । ଏହି ତୁରୀୟ ଅବସ୍ଥା ହିଁ ଅମୃତତତ୍ତ୍ୱର ସୂଚନାଦିଏ ଛବିଶେଷତଃ ମହାଶିବରାତ୍ରି ଅବସରରେ ଭକ୍ତମାନେ ରାତିସାରା ଜାଗ୍ରତ ରହି ଭଗବାନ ଶିବଙ୍କ ଉପାସନା କରନ୍ତି । ଏହି ଜାଗର ବ୍ରତ କେବଳ ଆଚାରାନୁଷ୍ଠାନ ନୁହେଁ, ବରଂ ଏହାର ଆଧାର ଗଭୀର ଦାର୍ଶନିକ ଓ ବେଦାନ୍ତିକ ଚିନ୍ତାଧାରାରେ ନିହିତ । ଜାଗରରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠର ମହତ୍ତ୍ୱ ଅନିର୍ବାଜ୍ୟ । ମହାମୃତ୍ୟୁଞ୍ଜୟ ମନ୍ତ୍ର ଋକବେଦର ଏକ ପ୍ରସିଦ୍ଧ ମନ୍ତ୍ର, ଶିବତତ୍ତ୍ୱର ଉପାସନାର ମୂଳ ମାର୍ଗ ଭାବେ ପରିଚିତ । ଜାଗର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ରର ଗୂଢ଼ ସମ୍ପର୍କକୁ ଦାର୍ଶନିକ ଓ ଶାସ୍ତ୍ରୀୟ ଆଧାରରେ ବିଶ୍ଳେଷଣ କରାଯାଇଛି । ଏହି ମନ୍ତ୍ରର ମୂଳ ଅର୍ଥ– ମୃତ୍ୟୁରୁ ମୁକ୍ତି ଓ ଅମୃତତତ୍ତ୍ୱର ଅନୁଭୂତି । ବେଦୀୟ ଦୃଷ୍ଟିରେ ମୃତ୍ୟୁ କେବଳ ଦେହନାଶ ନୁହେଁ ଏହା ସଂସାର ଚକ୍ର (ଜନ୍ମ–ମୃତ୍ୟୁ) ଓ ଅବିଦ୍ୟାର ପ୍ରତୀକ । ମହାମୃତ୍ୟୁଞ୍ଜୟ ମନ୍ତ୍ର ହେଉଛି–

ଓଁ ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ
ପୁଷ୍ଟିବର୍ଧନମ୍ ।
ଉର୍ବାରୁକମିବ ବନ୍ଧନାନ୍
ମୃତ୍ୟୋର୍ମୁକ୍ଷୀୟ ମାମୃତାତ୍ ।

ଓଁ – ପରମ ଦିବ୍ୟ ଧ୍ୱନି, ତ୍ର୍ୟମ୍ବକଂ– ତିନିଟି ନୟନ ଥିବା ଭଗବାନ ଶିବତିନୋଟି କାଳର ପ୍ରତୀକ (ଅତୀତ–ବର୍ତ୍ତମାନ–ଭବିଷ୍ୟତ) ଓ ଯଜାମହେ – ଆମେ ଉପାସନା କରୁଛୁ, ସୁଗନ୍ଧିଂ– ଦିବ୍ୟ ସୁଗନ୍ଧ ସମ ଖ୍ୟାତିଶାଳୀ, ପୁଷ୍ଟିବର୍ଧନମ୍– ଜୀବନ ଶକ୍ତି ବଢ଼ାଇଥିବା, ଉର୍ବାରୁକମିବ– ପକ୍ କାକୁଡ଼ି ଫଳ ପରି, ବନ୍ଧନାନ୍ – ବନ୍ଧନରୁ, ମୃତ୍ୟୋଃ – ମୃତ୍ୟୁରୁ,ମୁକ୍ଷୀୟ – ମୁକ୍ତ କର,ମା ଅମୃତା – ଅମୃତତ୍ତ୍ୱରୁ ବଞ୍ଚିତ ନ କରଛ ଏହାରସାରାଂଶ ଭାବାର୍ଥ ହେଉଛି–

ଆମେ ତ୍ରିନୟନଧାରୀ ଭଗବାନ ଶିବଙ୍କୁ ଉପାସନା କରୁଛୁ, ଯିଏ ସୁଗନ୍ଧ ସମ ଦିବ୍ୟ ଏବଂ ଜୀବନଶକ୍ତି ବଢ଼ାଇଥାନ୍ତ । ଯେପରି ପକ୍ କାକୁଡ଼ି ଲତାରୁ ସହଜରେ ବିଚ୍ଛିନ୍ନ ହୋଇଯାଏ, ସେପରି ଆମକୁ ମୃତ୍ୟୁର ବନ୍ଧନରୁ ମୁକ୍ତ କରି ଅମୃତତତ୍ତ୍ୱରେ ସ୍ଥିର କରନ୍ତୁ । ଏହାର ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି । ଏହି ମନ୍ତ୍ର ମହାଦେବଙ୍କୁ ଉଦ୍ଦେଶ୍ୟ କରି ଉଚ୍ଚାରିତ ହୋଇଥାଏ ଏହାକୁ ରୁଦ୍ର ମନ୍ତ୍ର ବୋଲି ମଧ୍ୟ କୁହାଯାଏ । ବିଶ୍ୱାସ କରାଯାଏ ଯେ ଏହା ଆୟୁ, ଆରୋଗ୍ୟ ଓ ମାନସିକ ଶାନ୍ତି ଦେଇଥାଏ । ରୋଗ, ଭୟ ଓ ଆପଦ ସମୟରେ ଏହି ମନ୍ତ୍ର ଜପ କରାଯାଏ । ଏହି ମନ୍ତ୍ର ଜୀବାତ୍ମାକୁ ପରମାତ୍ମା ସହ ଏକାତ୍ମତାର ଦିଗରେ ନେଇଯାଏ । ତେଣୁ ଜାଗର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ରର ମହତ୍ ରହିଛି ।

ଶୈବ ପରମ୍ପରାରେ ଜାଗର ଏକ ସାମୁଦାୟିକ ଆଧ୍ୟାତ୍ମିକ ସାଧନା । ରାତ୍ରିର ନିରବତା ଓ ଦୀପପ୍ରଜ୍ୱଳନ ମାନସିକ ଏକାଗ୍ରତାକୁ ବୃଦ୍ଧି କରେ । ଏହି ପରିବେଶରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବା ମାନେ– ବାହ୍ୟ ଜାଗରଣ ଓ ଆନ୍ତରିକ ଜାଗରଣର ସମନ୍ୱୟ । ଜାଗର ହେଉଛି, ଆଚାରିକ ଜାଗରଣ । ମହାମୃତ୍ୟୁଞ୍ଜୟ ମନ୍ତ୍ର ହେଉଛି ଆତ୍ମିକ ମୁକ୍ତିର ମାର୍ଗ । ଉଭୟର ଲକ୍ଷ୍ୟ– ଅଜ୍ଞାନ ଉପରେ ଜୟ ଓ ଚେତନାର ପରିପୂର୍ଣ୍ଣତାଲାଭ କରିବା । ଏହିପରି ଜାଗର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ର ଏକ ଅଭିନ୍ନ ଆଧ୍ୟାତ୍ମିକ ପରମ୍ପରାର ଦୁଇଟି ପାର୍ଶ୍ୱ, ଯାହା ମନୁଷ୍ୟଙ୍କୁ ମୃତ୍ୟୁଭୟରୁ ମୁକ୍ତ କରି ଅମୃତତତ୍ତ୍ୱର ଦିଗରେ ଆଗେଇ ନେଇଯାଏ । ଜାଗର ସମୟରେ ଭକ୍ତମାନେ ଶିବଲିଙ୍ଗରେ ଅଭିଷେକ, ବିଲ୍ୱପତ୍ର ଅର୍ପଣ, ପ୍ରଦୀପପ୍ରଜ୍ୱଳନ ଓ ମନ୍ତ୍ରଜପ କରନ୍ତି । ଏହି ସମସ୍ତ କ୍ରିୟା ମନକୁ ଏକାଗ୍ର କରି ଆନ୍ତରିକ ଶୁଦ୍ଧିକୁ ପ୍ରୋତ୍ସାହନ ଦେଇଥାଏ ।

ବସନ୍ତର ପହିଲି ଅଧିବେଶ ଜରତୀ ଧରଣୀ ବୁକୁରେ ତୋଳୁଥାଏ ନବ ନବ ସ୍ପନ୍ଦନ । ଶଙ୍ଖ, ଧୂପ ଦୀପ, ଓ ନୈବେଦ୍ୟର ଗନ୍ଧରେ ପବିତ୍ର ହୋଇ ଉଠୁଥାଏ ଶିବାଳୟ । ଏହି ପୂଣ୍ୟତିଥିରେ ମହାଦେବଙ୍କର ପୂଜାଅର୍ଚ୍ଚନାରେ ଆଡ଼ମ୍ବରର ମଧୁର ମୂର୍ଚ୍ଛନା ସୃଷ୍ଟି କରେ ପୁଲକର ବନ୍ୟା । ତେଣୁ ଚତୁଃବର୍ଗ ଫଳପ୍ରାପ୍ତି ନିମିତ୍ତ ମର୍ତ୍ତ୍ୟବାସୀ ଉପବାସ ରହି ରାତ୍ରିଜାଗରଣ ପୂର୍ବକ ଶିବଆରାଧନାରେ ମନୋନିବେଶ କରିଥାନ୍ତି । ଏହି ବ୍ରତ ହିଁ କେବଳ ମୁକ୍ତିପ୍ରଦାନ କରାଇଥାଏ । ସମାଧିଯୋଗରେ ଶିବ ଓ ଜୀବ ଏକତ୍ର ରହୁଥିବାରୁ ଏହି ଅମାବାସ୍ୟାର ମାହାତ୍ମ୍ୟ ରହିଛି । ଚତୁର୍ଦ୍ଦଶୀର ପର ଓ ଅମାବାସ୍ୟାର ମଧ୍ୟବର୍ତ୍ତୀ ସମୟ ହିଁ ଏକମାତ୍ର ପୂଣ୍ୟସମୟ ଯେଉଁ ସମୟରେ ମହାଦେବ ସମୁଦ୍ରମନ୍ଥନରୁ ସମସ୍ତ ବିଷ ଆକଣ୍ଠପାନକରି ଜଗତର କଲ୍ୟାଣ ପାଇଁ ନୀଳକଣ୍ଠ ନାମକୁ ବହନ କରିଥିଲେ । ତେଣୁ ସେହି ସ୍ମୃତିକୁ ପାଥେୟ କରି ଆଜି ବି ଭକ୍ତ ସଂସାରରେ ମଚ୍ଛିତ ଦୁଃଖ ଶୋକର ବିଷଜ୍ୱାଳାରୁ ମୁକ୍ତି ନିମନ୍ତେ ଶିବଙ୍କର ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରନ୍ତ । ଏହି ମନ୍ତ୍ରର ଉଚାରଣ ପୂର୍ବକ ବ୍ରତ ପାଳନ କରି ନିଜର ତଥା ସମଗ୍ର ଜଗତର କଲ୍ୟାଣ ପାଇଁ ଭକ୍ତମାନେ ପ୍ରାର୍ଥନା କରନ୍ତି । ଏହି ମନ୍ତ୍ର ଦ୍ୱାରା ଶିବଙ୍କ କୃପା, ଆଶୀର୍ବାଦ ଏବଂ ଆତ୍ମିକ ଉନ୍ନତି ପ୍ରାପ୍ତ ହୋଇଥାଏ । ଏହି ମନ୍ତ୍ର ଦ୍ୱାରା ମନର ଶୁଦ୍ଧି ସହ ଧ୍ୟାନ, ଧୈର୍ଯ୍ୟ ଏବଂ ଧର୍ମର ମାର୍ଗରେ ଚାଲିବାର କ୍ଷମତା ମିଳେ । ବିଦଗ୍ଧ ସଂସ୍କୃତି ଓ ଲୋକସଂସ୍କୃତିର ସମନ୍ୱୟ ଏହି ମହାଶିବରାତ୍ରି ବା ଜାଗର ବ୍ରତର ଆଧାର ଯାହାର ସକରାତ୍ମକ ଭାବ ଚେତନା ପଲ୍ଲୀଠାରୁ ପୁର ପର୍ଯ୍ୟନ୍ତ ସବୁଠାରେ ଅନୁଭବ କରିହୁଏ । ଯେବେ ଏହି ଶିବରାତ୍ରି ବ୍ରତର ପୁଣ୍ୟଫଳ ପାଇବାକୁ ଇଚ୍ଛା ତେବେ ଗୋଟିଏ ରାତି ନୁହେଁ ସାରା ଜୀବନକୁ ଶିବରାତ୍ରି ବୋଲି ମନେକରି ସୂକ୍ଷ୍ମ ଭାବରେ ସଦା ଜାଗ୍ରତ ରହି ଆତ୍ମ ସାଧନ କର୍ମରେ ନିଯୁକ୍ତି ରହିବା ଉଚିତ୍ । ନିଜେ ବ୍ରହ୍ମମୟ ଓ ସାରା ବିଶ୍ୱ ବ୍ରହ୍ମମୟବୋଲି ଚିନ୍ତା କଲେ ବ୍ୟକ୍ତିଠାରେ ସ୍ୱାର୍ଥଭାବନା ଦୂର ହେବ । ଜୀବନର ମାର୍ଗ ଉର୍ଦ୍ଧ୍ୱୟିତ ହେବ । ଦୁନିଆର ବ୍ୟାଧି ଜରାମୃତ୍ୟୁର ଜ୍ୱାଳମୟ ଦଂଶନରେ ବିକଟ ବିଭୀଷିକା ମଣିଷର ଅନ୍ତରାତ୍ମାକୁ ବେଦନା ଦଗ୍ଧ ଅବଶ ଓ ଅବସନ୍ନ କଲାବେଳେ ପ୍ରାଣକୁ ସୁଶୀତଳ କରିବା ପାଇଁ ଅମୃତତତ୍ତ୍ୱରେ ଅଟଳ ବିଶ୍ୱାସ ପ୍ରତିଷ୍ଠା କରି ବିଶ୍ୱଭୂମାର ଜୟଗାନ କରିବା ହିଁ ଏହି ମହାଶିବରାତ୍ରିର ଉଦ୍ଦେଶ୍ୟ । ମଣିଷ ମନକୁ ଆୟତ୍ତ କରି ଆଭ୍ୟନ୍ତରକୁ ଦୃଷ୍ଟିନିକ୍ଷେପ କଲେ ଦିବ୍ୟ ଜ୍ଞାନର ପରିଚୟ ପାଇପାରିବ । ମଣିଷର ଏହି ଆଧ୍ୟାତ୍ମିକ ପରାଭୌତିକ ଉତ୍ତରଣ ହିଁଶିବପୂଜା, ଜାଗରବ୍ରତଓ ମହାମୃତ୍ୟୁଞ୍ଜୟ ମନ୍ତ୍ରର ମହତ୍ତ୍ୱ ।






ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ
କେନ୍ଦ୍ର, ଶିକ୍ଷା ମନ୍ତ୍ରାଳୟ,
ଭାରତ ସରକାର, ଭୁବନେଶ୍ୱର
ମୋ – ୭୭୩୫୬୧୦୬୧୯

## ଭାବ ଭକ୍ତି ଶ୍ରଦ୍ଧା ତ୍ୟାଗ ସମର୍ପଣର ଠାକୁର ଶ୍ରୀଜଗନ୍ନାଥ



**ଭୁବନେଶ୍ୱର,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗ୍ଲୋବାଲ ସ୍ପିରିଚ୍ୟୁଆଲ ମିଶନର ବାର୍ଷିକ ଉତ୍ସବ ଧଉଳି ଶାନ୍ତି ସ୍ତୁପ ପରିସରସ୍ଥ ଗଣେଶ ମନ୍ଦିର ପରିସରରେ ଡାକ୍ତର ସୁଶୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମରେ କହିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭାବ, ଭକ୍ତି, ଶ୍ରଦ୍ଧା, ତ୍ୟାଗ, ଓ ସମର୍ପଣର ଦେବତା ସେ ଭାବଗ୍ରାହୀ ଓ ଅନ୍ତର୍ଯ୍ୟାମୀ ଅଟନ୍ତି । ତାଙ୍କ ନିକଟରେ ସମସ୍ତେ ସମର୍ପିତ ହୋଇଯିବା ଉଚିତ ସମସ୍ତେ କର୍ମରତ ରହିବା ଦରକାର କାରଣ ସମସ୍ତଙ୍କର କର୍ମ କରିବାର ଅଧିକାର ଅଛି । ସଂପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପଦେଷ୍ଟା ରମାକାନ୍ତ ମିଶ୍ର ତାଙ୍କ ବକ୍ତବ୍ୟରେ ସମସ୍ତେ ଦୈନିକ ଧର୍ମଶାସ୍ତ୍ର ଯଥା ଭାଗବତ ଓ ଗୀତା ପଢିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପ୍ରାରମ୍ଭରେ ମୁରଲୀଧର ପଲାଇ, ବିଜୟ କୃଷ୍ଣସୁବୁଦ୍ଧି, ଶ୍ରୀମନ୍ତ ରାଉତ, ନଳିନୀ ମହାପାତ୍ର ଆଦି ଜଗନ୍ନାଥ ସହସ୍ର ନାମପାଠ କରିଥିଲେ । ମଧୁସ୍ମିତା ଦାସ ଭଜନ ଗାନ କରିଥିଲେ । ଏକ ଦାତବ୍ୟ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା । ନାଟ୍ୟକାର ବିଜୟକୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଜୟ କୁମାର ବରାଳ, ପ୍ରତାପ ମିଶ୍ର, ଦୈତାରୀ ସେଠୀ, ପ୍ରବୋଧ କୁମାର ମହାନ୍ତି ଆଦି ସହଯୋଗ କରିଥିଲେ ।

## ଫାଇନାଲରେ ଆଦର୍ଶବାଲେଶ୍ୱର

**କୋଣାର୍କ,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ସ୍ପୋର୍ଟସ ଏକାଡେମୀ ଦ୍ୱାରା କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଦ୍ୱିତୀୟ ବାର୍ଷିକ କୋଣାର୍କ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ରାମେଶ୍ୱରକୁ ହରାଇ ବାଲେଶ୍ୱର ଆଦର୍ଶ ଫାଇନାଲକୁ ଯାଇଥିବା ଜଣାପଡିଛି । ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ୯ ୱିକେଟ ବିନିମୟରେ୧୭୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସାରନ୍ସ କୁମାର ୩୩ ବଲରେ ୩୯ରନ, ସିଦ୍ଧାର୍ଥ ବେହେରା ୨୫ବଲରେ ୩୫ରନ ଏବଂ ସୁଭାଶିଷ ମଲ୍ଲିକ ୩୨ ବଲରେ ୩୫ରନ କରିଥିଲେ ଓ ଜବାବରେ ଆଦର୍ଶ ବାଲେଶ୍ୱର ୨୩.୪ଓଭରରେ ୫ୱିକେଟ ବିନିମୟରେ ୧୮୩ରନ କରି ବିଜୟ ହାସଲ କରି ଫାଇନାଲକୁ ପ୍ରବେଶ କରିଥିଲା । ଦଳ ପକ୍ଷରୁ ମୁକେଶ କୁମାର ଅପରାଜିତ ୫୨ ବଲରେ ୬୫ ରନ, ପ୍ରବୀଣ କୁମାର ୩୭ ବଲରେ ୩୭ ରନ ସଂଗ୍ରହ କରି ବିଜୟର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ମ୍ୟାଚ୍‌ରେ ଅପରାଜିତ ୬୫ରନ ଓ ୪ ୱିକେଟ ନେଇଥିବା ମୁକେଶ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ଓସିଏ ପ୍ୟାନେଲ ଅମ୍ପେୟାର ଦେବେନ୍ଦ୍ର ମିଶ୍ର ଓ ପ୍ରମୋଦ ସିହ୍ନା ଖେଳକୁ ପରିଚାଳନା କରିଥିଲେ । ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି ଓ ପ୍ରାକ୍ତନ ଖେଳାଳି ମନୋଜ କୁମାର ଦାସ ଅତିଥି ରୂପେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ ।

## କଲେଜ ବିଜ୍ଞାନ ସଂସଦର ଆଲୋଚନା

**ପଟ୍ଟାମୁଣ୍ଡାଇ,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ କଲେଜ ବିଜ୍ଞାନ ସଂସଦ ପକ୍ଷରୁ ବନ୍ୟପ୍ରାଣୀ ଓ କୁମ୍ଭୀର ସଂରକ୍ଷଣକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ତତ୍ତ୍ୱାବଧାନ ଓ ଗଣିତ ବିଭାଗ ଅଧ୍ୟାପକ ଅରବିନ୍ଦ ପାଣ୍ଡବଙ୍କ ପୌରହିତ୍ୟରେ ଶୁକ୍ରବାର ଆୟୋଜିତ ଆଲୋଚନା ଚକ୍ରରେ ଓଡ଼ିଶା ବନ ବିଭାଗ କୁମ୍ଭୀର ବିଶେଷଜ୍ଞ ତଥା ସ୍ୱେଚ୍ଛାସେବୀ ବିଶେଷଜ୍ଞ ଓ ଜୈବ ବିବିଧତା ସଂରକ୍ଷଣ (ଆଇୟୁସିଏନ/ଏସଏସସି ) ସଦସ୍ୟ ଡ଼ ସୁଧାକର କର ଯୋଗଦେଇ ଭିତରକନିକା ଜାତୀୟ ଉଦ୍ୟାନର ସୁରକ୍ଷା ସହ ବନ୍ୟପ୍ରାଣୀ ସଂରକ୍ଷଣ ଓ କୁମ୍ଭୀରଙ୍କ ସୁରକ୍ଷା ପାଇଁ ବୈଜ୍ଞାନିକ ପ୍ରଜନନ ଏବଂ ସେମାନଙ୍କ ଅଣ୍ଡାକୁ ସୁରକ୍ଷିତ ରଖିବା ଉପରେ ଆଲୋଚନା କରିଥିଲେ । ସେ କହିଥିଲେ ଓଡ଼ିଶାର ଭିତରକନିକା ଜାତୀୟ ଉଦ୍ୟାନ ବିରଳ ଧଳା କୁମ୍ଭୀର ପାଇଁ ବିଶ୍ୱପ୍ରସିଦ୍ଧ । କୁମ୍ଭୀରଙ୍କ ବଂଶବୃଦ୍ଧି, ବାସସ୍ଥଳୀ ସୁରକ୍ଷା ଏବଂ ନଦୀପଠା ସଂରକ୍ଷଣ ନିମନ୍ତେ ବୈଜ୍ଞାନିକ ପଦ୍ଧତି ଆପଣେଇବା ସହିତ ଜନସଚେତନତା ଜରୁରୀ, ଯାହା ପରିବେଶର ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରିଥାଏ । କେନ୍ଦ୍ରାପଡ଼ାର ଭିତରକନିକା ଜାତୀୟ ଉଦ୍ୟାନ ବିରଳ ଧଳା କୁମ୍ଭୀରଙ୍କ ପ୍ରାକୃତିକ ବାସସ୍ଥଳୀ, ଯେଉଁଠାରେ ଗୌରୀ, ମଲ୍ଲି ଏବଂ ଶ୍ୱେତା ପରି କୁମ୍ଭୀର ଦେଖିବାକୁ ମିଳନ୍ତି ବୋଲି ସେ କହିଥିଲେ । କଲେଜ ଉଦ୍ଭିଦ ବିଜ୍ଞାନ ଏଚଓଡି ଡ଼ ଅଲି କୁମାରୀ ଦାଶଙ୍କ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି କହିଥିଲେ ଯେ ବନ୍ୟଜନ୍ତୁ ସଂରକ୍ଷଣରେ ସ୍ଥାନୀୟ ଲୋକଙ୍କ ସହଯୋଗ ଏବଂ ବନ୍ୟପ୍ରାଣୀ ସପ୍ତାହ ପରି ସଚେତନତା କାର୍ଯ୍ୟକ୍ରମ ବହୁତ ଗୁରୁତ୍ୱପୂର୍ଣ୍ଣ । ପରିବେଶ ସନ୍ତୁଳନରେ କୁମ୍ଭୀର ଜଳଜ ପରିବେଶକୁ ସୁସ୍ଥ ରଖିବାରେ ସହାୟକ ହୋଇଥାନ୍ତି । ତେଣୁ ସଚେତନ ରହି କୁମ୍ଭୀରଙ୍କ ବଂଶବୃଦ୍ଧି ଉପରେ ଗୁରୁତ୍ୱ ଦେବ ଅପରିହାର୍ଯ୍ୟ । ଏହି ଆଲୋଚନା ମାଧ୍ୟମରେ ଯୁବପିଢ଼ି ବନ୍ୟପ୍ରାଣୀ ସୁରକ୍ଷା ପ୍ରତି ଆଗ୍ରହୀ ହେବେ ବୋଲି ସେ କହିଥିଲେ । ପଟ୍ଟାମୁଣ୍ଡାଇ କଲେଜ ବିଜ୍ଞାନ ସଂସଦର ଉପସଭାପତି ଡ଼ ରମେଶ କୁମାର ସାହୁ, ସରୋଜିନୀ ମିଶ୍ର ପ୍ରମୁଖ କାର୍ଯ୍ୟାକ୍ରମକୁ ପରିଚାଳନା କରିଥିବା ବେଳେ ଅଧ୍ୟପକ ବୈକୁଣ୍ଠ ଚରଣ ରାଉଳ, ରନ କୁମାର ଗାହାଣ, ସୁଚିସ୍ମିତା ବିଶ୍ୱାଳ, ଜ୍ୟୋତି ରନ ସାମଲ, ରାସେସ ଦାସ, ଅମିତ୍ କୁମାର ସାହୁ, ଲବ୍ରୋଟୋରି ଅସିଷ୍ଟାଣ୍ଟ ଅଭିମନ୍ୟୁ ମହାନ୍ତି, ସତ୍ୟରନ ସାମଲ ସହେଯାଗ କରିଥିଲେ । ଶେଷରେ ବିଜ୍ଞାନ ସଂସଦ ସହ ଉପସଭାପତି ଡ ସୁନିଲ ପ୍ରଧାନ, ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଲେଜ ଅଧାପିକା/ଅଧାପକ ବହୁ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ ।

## ଅନ୍ତର୍ଯ୍ୟାମୀଙ୍କୁ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ

**କେନ୍ଦ୍ରାପଡା,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଓଡିଆ ଭାଷା ଏହି ଦୁଇଟି ହେଉଛି ଓଡିଶାର ପ୍ରକୃତ ପରିଚୟ । ସମୃଦ୍ଧ ଓଡିଆ ଭାଷା ଆମର ମାତୃଭାଷା ହୋଇଥିବା ବେଳେ ଆଜିର ଯୁବପିଢି ଏହା ବିଷୟରେ ଠିକ ଭାବରେ ଜ୍ଞାନ ଆହୋରଣ କରିପାରି ନାହାଁନ୍ତି । ମଣିଷ ଭଳି ମଣିଷ ହେବା ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ । ସେଥିପାଇଁ ଆମେ ଶିକ୍ଷାଲାଭ କରୁଛେ । ଏହି ଅର୍ଜିତ ଶିକ୍ଷାକୁ ଦେଶ ଓ ଦଶର ଉନ୍ନତି ବିଧାନ ପାଇଁ କାମରେ ଲଗାଇ ପାରିଲେ ତାହାହିଁ ହେବ କଲେଜ ପ୍ରତିଷ୍ଠାତା ଦୀନବନ୍ଧୁ ସାହୁଙ୍କ ପ୍ରତି ସର୍ବଶ୍ରେଷ୍ଠ ସମ୍ମାନ । ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବଚନ ପ୍ରଦାନ କରି କହିଛନ୍ତି ପ୍ରଖ୍ୟାତ ସାହିତ୍ୟିକ, ଗବେଷକ, ଭାଷା ତତ୍ତ୍ୱବିତ୍ ଓ ସ୍ତମ୍ଭକାର ପଦ୍ମଶ୍ରୀ ଡ଼ଃ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ୬୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳ ରଘୁରାମ ଆର ଆୟାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଜୟକୃଷ୍ଣ ବରାଳ ମୁଖ୍ୟବକ୍ତା ଓ ପଦ୍ମଶ୍ରୀ ଡ଼ଃ ମିଶ୍ର ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଯୋଗଦେଇଥିଲେ । କଲେଜ ପରିସରରେ ଥିବା ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ସ୍ୱାଗତ ସମ୍ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରଫେସର ବିଶ୍ୱ ରଂଜନ ପୁହାଣ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କ୍ୟାମ୍ପସ ବୁଲେଟିନ୍ କମ୍ୟୁନିକ-୨୦୨୬କୁ ଉନ୍ମୋଚନ କରାଯାଇ ଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ଡ଼ଃ ବାସୁଦେବ ଦାସ, ଡ଼ଃ ପ୍ରଦିପ୍ତ କିଶୋର ଦାସ, ଡ଼ଃ ଗିରିଶ ଚନ୍ଦ୍ର ପାତ୍ର, ଡ଼ଃ ତପନ କୁମାର ପତି, ଡ଼ଃ ଶ୍ରୀଧର ସାମଲ, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର ପ୍ରମୋଦ ଦାସ ପ୍ରମୁଖ ବହୁ ପୁରାତନ ଅଧ୍ୟାପକ/ଅଧ୍ୟାପିକାମାନେ ଉପସ୍ଥିତ ଥିଲେ ।

## ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ

**ଜୟପୁର,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମଧ୍ୟରାତ୍ରରେ ଢେପଗୁଡା ସ୍ଥିତ ପିଏନବି ଏଟିମ ଲୁଟ୍ କରୁଥିବା ସମୟରେ ଦୁର୍ବୃତ୍ତମାନେ ବିଫଳ ହୋଇଥିବା ଜଣାପଡିଛି । ପୋଲିସ ସୂଚନା ଅନୁଯାୟୀ ମଧ୍ୟରାତ୍ରରେ ଚୋରଦଳ ଏଟିମ ଭାଙ୍ଗୁଥିବା ସମୟରେ ହଠାତ ଏକ ସାଇରନ ବାଜିଥିଲା । ସାଇରନ ବାଜିବା ସହ ଜୟପୁର ଟାଉନଥାନା ଓ ସଦରଥାନାକୁ ମେସେଜ ମଧ୍ୟ ଯାଇଥିଲା । ଫଳରେ ବ୍ୟାଙ୍କରେ ବାଜୁଥିବା ସାଇରନ ଶୁଣି ପୁଲିସ ପେଟ୍ରୋଲିଙ୍ଗ ଗାଡି ପହଁଚିବା ସମୟରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଚୋରି ବିଫଳ ହୋଇଥିବା ବେଳେ ପୁଲିସ ସିସିଟିଭି କ୍ୟାମେରା ସନ୍ଧାନ କରି ଚୋରମାନଙ୍କୁ ଖୋଜା ଖୋଜି କରିବା ଆରମ୍ଭ କରିଛି ।

## ଘାଟିରୁ ପଥର ଖସି ଦୁଇ ଗୁରୁତର

**ବାଙ୍ଗିରିପୋଷୀ,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**



ମୟୂରଭଞ୍ଜଜିଲ୍ଲା ବାଙ୍ଗିରିପୋଷି ଥାନା ଦୁଆରଶୁଣି ଘାଟି ସଂପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ବର୍ଷତମାମ ଛୋଟବଡ ଦୁର୍ଘଟଣା ପାଇଁ ଜଣାଶୁଣା ଥିବା ଏହି ଘାଟିରୁ ଏକ ବୃହତ୍ ପଥର ଖସିଛି । ଏହା ଦୁଇ ଜଣ ବାଇକ୍ ଆରୋହୀଙ୍କ ପାଇଁ କାଳ ହୋଇଛି । ପଥର ଚାପାରେ ବାଇକ୍ ଆରୋହୀ ୨ ଜଣ ବ୍ୟକ୍ତି ଗୁରୁତର ହୋଇଛନ୍ତି । ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୂଚନାଯୋଗ୍ୟ, ରାସ୍ତାକାମ ସଂପ୍ରସାରଣ ପାଇଁ ୧୩୫ ଶହ କୋଟି ଟଙ୍କାର କାମ ଚାଲିଛି । ଗୁଜରାଟରର ଏକ କମ୍ପାନି ଏହି କାର୍ଯ୍ୟ କରୁଛି । ପାହାଡ଼ରେ ମେସିନ୍ ସାହାଯ୍ୟରେ କାର୍ଯ୍ୟ ଚାଲିଥିବା ବେଳେ ହଠାତ ଏକ ବଡପଥର ଗଡ଼ି ଆସିବାରୁ ବାଇକ୍‌ରେ ଯାଉଥିବା ଦୁଇ ଆରୋହୀ ଗୁରୁତର ହୋଇଛନ୍ତି । ଉଭୟଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ଦିଆଯିବା ପରେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ଡାକ୍ତରଖାନାକୁ ପଠାଯାଇଛି । ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ପ୍ରାୟ ସମୟରେ ଘାଟି ଜାମ ରହୁଛି ବୋଲି ଅଭିଯୋଗ ହେଉଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

## ପ୍ରକାଶ ପାଇଲା ମ୍ୟୁନସିପାଲଟି ୱାର୍ଡ ତାଲିକା




**କବିସୂର୍ଯ୍ୟନଗର,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରକାଶ ପାଇଲା କବିସୂର୍ଯ୍ୟନଗର ନୂଆ ମ୍ୟୁନସିପାଲଟିର ୱାର୍ଡ ସଂରକ୍ଷଣ ତାଲିକା । ପୂର୍ବରୁ ୧୮ଟି ୱାର୍ଡକୁ ନେଇ ଗଠିତ ଥିବା କବିସୂର୍ଯ୍ୟନଗର ଏନଏସି ଏବେ ମ୍ୟୁନସିପାଲଟି ଘୋଷଣା ହେବା ପରେ ୱାର୍ଡ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି । ଯାହା ସୂଚନା ରହିଛି ଗଞ୍ଜାମ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୨୪୭/ ୧୨.୦୨.୨୦୨୬ରେ ଓଡିଶା ମ୍ୟୁନସିପାଲଟି ଧାରା ୧୯୫୦, ଉପଧାରା (୧) ରୁଲ ୨-କ ଅନୁଯାୟୀ ନୂଆ ୱାର୍ଡ ସୀମା ନିର୍ଦ୍ଧାରଣ, ୱାର୍ଡ ପୁନର୍ଗଠନ ଏବଂ ସଂରକ୍ଷଣ ତାଲିକା କବିସୂର୍ଯ୍ୟନଗର, ଗୁଡିଆଳି, ବଡ଼ ଆଗୁଳ, ବକ୍ସିପଲ୍ଲୀକୁ ମିଶାଇ ୨୬ଟି ନୂଆ ୱାର୍ଡ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରକାଶିତ ତାଲିକା ଅନୁଯାୟୀ ୱାର୍ଡ ନଂ ୭, ୧୩, ହରିଜନ ବର୍ଗଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ୧୯ ଓ ୨୬ ନଂ ୱାର୍ଡ ହରିଜନ ମହିଳା ଙ୍କ ପାଇଁ ରହିଛି ସେହିପରି ୧୮ ନଂ ୱାର୍ଡ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୧୨, ୧୪, ୧୫, ୧୭, ୨୦, ୨୧, ୨୨, ୨୩, ୨୪, ୨୫ନଂ ୱାର୍ଡ ସାଧାରଣ ମହିଳାଙ୍କ ପାଇଁ ରହିଛି ଏବଂ ୧, ୨, ୩, ୪, ୫, ୬, ୮, ୯, ୧୦, ୧୧ ଓ ୧୬ ନଂ ୱାର୍ଡ ଅଣ ସଂରକ୍ଷିତ ରହିଥିବା ଗଞ୍ଜାମ ଜିଲ୍ଲାପାଳଙ୍କ ବିଜ୍ଞପ୍ତିରୁ ଜଣାଯାଇଛି । ହେଲେ ନୂଆ ମ୍ୟୁନସିପାଲଟି ପାଇଁ ନୂଆ ୱାର୍ଡ, ପରିସୀମା ଓ ସଂରକ୍ଷଣ ସମ୍ପର୍କରେ ଆସନ୍ତା ଫେବୃଆରୀ ୨୧ ତାରିଖ ସୁଦ୍ଧା ମତାମତ, ଅଭିଯୋଗ କରିବା ପାଇଁ କୁହାଯାଇଛି । ହେଲେ ପ୍ରକାଶିତ ତାଲିକାକୁ ନେଇ କୌଣସି ଅଭିଯୋଗ ନଥିବା ବେଳେ ଧନେଇରୁ ବଡ ଆଗୁଳ ଯାଏଁ କ୍ରମନ୍ୱୟରେ ୱାର୍ଡ ଗଠନ ପାଇଁ ମତ ପ୍ରକାଶ ପାଇଛି ।

## ସତ୍ୟବାଦୀ ମନୀଷୀଗଣଙ୍କ ଜୀବନାଦର୍ଶ ଛାତ୍ରସମାଜର ଧ୍ୟେୟ ହେଉ

**ବଡ଼ସାହି,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**



ସ୍ଥାନୀୟ ସିଂହଟିଆ ସ୍ଥିତ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ରକ୍ଷା ପାଇଁ କାର୍ଯ୍ୟ କରୁଥିବା ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କିତ ପୁସ୍ତକ 'ପୁଣ୍ୟାତ୍ମା ଗୋପବନ୍ଧୁ' ବଣ୍ଟନ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ପୁସ୍ତକର ଲେଖିକା ଡକ୍ଟର ଆରତି କର, ନ୍ୟାସୀ ମଣ୍ଡଳର ଅନ୍ୟତମ କର୍ମକର୍ତ୍ତା ବିରଜା ପ୍ରସାଦ ଶତପଥୀ, ସଭ୍ୟ ତଥା ବିଶିଷ୍ଟ ସମାଜସେବୀ ରାଜକିଶୋର ଆଚାର୍ଯ୍ୟ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିଗମାନନ୍ଦ ମହାପାତ୍ର, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ସାତୁଆ ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୋପବନ୍ଧୁ ତଥା ସତ୍ୟବାଦୀର ମନୀଷୀମାନଙ୍କ ଦୀନ-ଦରିଦ୍ର ତଥା ପ୍ରପୀଡିତଙ୍କ ସେବା, ପରୋପକାର, ବନ ବିଦ୍ୟାଳୟ ସ୍ଥାପନ, ଦେଶ ସେବା ଓ ସାହିତ୍ୟ କୃତି ପ୍ରଭୃତି ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିବା ସହ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ସେ ସମୟରେ ସେମାନେ ଉଚ୍ଚ ଶିକ୍ଷା ଲାଭ କରିଥିଲେ ମଧ୍ୟ ସରକାରୀ ଚାକିରୀ ନକରି ଦେଶସେବାରେ ବ୍ରତୀ ହୋଇଥିଲେ ଓ ଗୋପବନ୍ଧୁଙ୍କର ତତ୍କାଳୀନ ମୟୂରଭଞ୍ଜ ରାଜ୍ୟ ସହ କିପରି ନିବିଡ ସମ୍ପର୍କ ଥିଲା ସେ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ । ଉଲ୍ଲେଖନୀୟ ଯେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ପରାମର୍ଶ କ୍ରମେ ବିନା ସରକାରୀ ଅନୁଦାନରେ କାର୍ଯ୍ୟ କରୁଥିବା ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ତରଫରୁ ଏକ ଶହରୁ ଊର୍ଦ୍ଧ୍ୱ ପୃଷ୍ଠା ସମ୍ବଳିତ 'ପୁଣ୍ୟାତ୍ମା ଗୋପବନ୍ଧୁ' ପୁସ୍ତକ ରାଜ୍ୟର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଗଣାରେ ବିତରଣ କରାଯାଉଛି ।

## 'ଅପଚୟରୁ ସର୍ବୋତ୍ତମ' ଅଭିନବ ପ୍ରଦର୍ଶନୀ

**ଭୁବନେଶ୍ୱର,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**




ଭୁବନେଶ୍ୱରର କଳିଙ୍ଗ ବିହାରସ୍ଥିତ ସାଇ ଆଙ୍ଗ୍ଲୋ ରିଜିଓନାଲ ପବ୍ଲିକ୍ ସ୍କୁଲରେ ଆୟୋଜିତ 'ଅପଚୟରୁ ସର୍ବୋତ୍ତମ' ଶୀର୍ଷକ ଏକ ଅଭିନବ ପ୍ରଦର୍ଶନୀରେ ଦ୍ୱିତୀୟରୁ ଅଷ୍ଟମ ଶ୍ରେଣୀର ପ୍ରାୟ ୧୮୦ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଯୁବ ଅଂଶଗ୍ରହଣକାରୀମାନେ ପରିତ୍ୟକ୍ତ ଏବଂ ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀରୁ ମଡେଲ ବିକଶିତ କରି ପ୍ରଭାବଶାଳୀ ସୃଜନଶୀଳତା ପ୍ରଦର୍ଶନ କରିଥିଲେ । କିପରି ଅପଚୟକୁ ଉପଯୋଗୀ ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବରେ ଆକର୍ଷଣୀୟ ଉତ୍ପାଦରେ ପରିଣତ କରାଯାଇପାରିବ ତାହା ପ୍ରଦର୍ଶିତ ହୋଇଥିଲା ।

ସ୍ୱଚ୍ଛତା ପକ୍ଷ ପାଳନର ଏକ ଅଂଶ ଭାବରେ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନଆଇସି) ଦ୍ୱାରା ଏହି ପ୍ରେରଣାଦାୟକ ପଦକ୍ଷେପ ନିଆଯାଇଥିଲା । ଏହି ପ୍ରଦର୍ଶନୀର ଲକ୍ଷ୍ୟ ଥିଲା କମ୍ ବୟସରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବେଶଗତ ସଚେତନତା, ସ୍ଥାୟୀତ୍ୱ ଏବଂ ଦାୟିତ୍ୱପୂର୍ଣ୍ଣ ଅପଚୟ ପରିଚାଳନାକୁ ପ୍ରୋତ୍ସାହିତ କରିବା ।

କାର୍ଯ୍ୟକ୍ରମ ସମୟରେ, ଛାତ୍ରଛାତ୍ରୀମାନେ ସ୍ୱଚ୍ଛ ଭାରତ ଏବଂ ପ୍ରଦୂଷଣମୁକ୍ତ ଭାରତ ପାଇଁ ମଧ୍ୟ ପ୍ରତିଜ୍ଞା ନେଇଥିଲେ । ଅଭିଭାବକମାନେ ବହୁ ସଂଖ୍ୟାରେ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ଏବଂ ପିଲାମାନଙ୍କ ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ । ଏନଆଇସିର ବରିଷ୍ଠ ବୈଜ୍ଞାନିକମାନେ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ, ସେମାନଙ୍କର ସୃଜନଶୀଳ ଚିନ୍ତାଧାରାକୁ ଉତ୍ସାହିତ କରିଥିଲେ ଏବଂ ଅଂଶଗ୍ରହଣ ପ୍ରମାଣପତ୍ର ବଣ୍ଟନ କରିଥିଲେ । ଏକ ସ୍ୱତନ୍ତ୍ର ଶିକ୍ଷକ କର୍ଣ୍ଣର ମଧ୍ୟ ସ୍ଥାପନ କରାଯାଇଥିଲା, ଯେଉଁଠାରେ ଶିକ୍ଷକମାନେ ସେମାନଙ୍କର ନିଜସ୍ୱ ମଡେଲ ଏବଂ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ, ଯାହା କାର୍ଯ୍ୟକ୍ରମରେ ଆହୁରି ପ୍ରେରଣା ଯୋଡିଥିଲା ।

## ରୋଗୀ କଲ୍ୟାଣ ସମିତି ବୈଠକ




**ଘୁ.ଉଦୟଗିରି,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଘୁ.ଉଦୟଗିରିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରୋଗୀ କଲ୍ୟାଣ ସମିତିର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷା ସୁଷମା ପ୍ରଧାନ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଦେବସ୍ମିତା ଶତପଥୀ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶିଷ ଗୌରବ କର, ବିଡ଼ିଓ ସତ୍ୟ ରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ରତିକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଏହି ବୈଠକରେ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ଯେଉଁ ଅସୁବିଧା ରହିଅଛି ତାହା ସରକାରଙ୍କ ନିକଟରେ ଉପସ୍ଥାପନା କରିବା ଉପରେ ଆଲୋଚନା ହୋଇଥିଲା । ଚଳିତ ବର୍ଷର ବୈଠକର ବିବରଣୀ ପଠନ ସହ କେଉଁ କାର୍ଯ୍ୟ ସମାପନ ହୋଇଛି ସେ ଉପରେ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ପ୍ରଦାନ କରିଥିଲେ ।ବିପିଇଓ ରାଜ କିଶୋର ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଡ୍ରେନ୍ ନିର୍ମାଣ ପାଇଁ ରାସ୍ତା ସର୍ଭେ

**ସୋର,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**



୧୬ନମ୍ବର ଜାତୀୟ ରାଜପଥ ସୋର କଲେଜଛକଠାରୁ ଉତ୍ତରେଶ୍ୱର ପାଇକାଳି ପର୍ଯ୍ୟନ୍ତ ଏକ ସର୍ବକାଳିନ ଡ୍ରେନ ନିର୍ମାଣ ପାଇଁ ସୋର ବିଧାୟକ ମାଧବ ଧଡ଼ା ଏବଂ ଜାତୀୟ ରାଜପଥ ଅଧିକରୀ ଏବଂ ଅନ୍ୟମାନଙ୍କ ଉପସ୍ଥିତିରେ ଏକ ସମୀକ୍ଷା କରାଯାଇଥିଲା । ସୋର ସହରରେ ବର୍ଷତମାମ ଡ୍ରେନେଜ ସମସ୍ୟା ଲାଗି ରହିଥାଏ । ଯେଉଁଥି ପାଇଁ ଲୋକେ ସାମାନ୍ୟ ବର୍ଷାରେ କୃତ୍ରିମ ବନ୍ୟାକୁ ସମ୍ମୁଖିନ ହୋଇଥାନ୍ତି । ଦୀର୍ଘଦିନ ଧରି ଏବାବଦରେ ଅଭିଯୋଗ କରାଯିବା ପରେ କଲେଜ ଛକରୁ ପାଇକାଳି ପୋଲ ପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥା କରିଯିବାକୁ ଜାନୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଯାହାକୁ ନେଇ ଡ୍ରେନ ନିର୍ମାଣ ପୂର୍ବରୁ ସୋର ବିଧାୟକ ମାଧବ ଧଡା ବିଭିନ୍ନ ଅଧିକାରୀଙ୍କ ଉପସ୍ଥିତିରେ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା କରିଛନ୍ତି । ଏହି ସମୟରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ, ଜାତୀୟ ରାଜପଥର ଉଚ୍ଚ ପଦାଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସୋର ତହସିଲଦାର ଦୈତାରୀ ମଲ୍ଲିକ, ସୋର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକରାଯିବା ପାଇଁ ସମୀକ୍ଷା କରିଛନ୍ତି । ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ବିଧାୟକ ଶ୍ରୀ ଧଡ଼ା ସୂଚନା ଦେଇଛନ୍ତି ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-381E, ତା.09.02.2026ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ତାଳଚେର-ବିମଳଗଡ଼ ନୂଆ BG ଲାଇନ ସମ୍ବନ୍ଧୀୟ କୁଲେଇପୋଶ-ଗୋପନା-ବିମଳଗଡ଼ର HT / LT ପାୱାର ଲାଇନ କ୍ରସିଙ୍ଗର ରୂପାନ୍ତରଣ / ସ୍ଥାନାନ୍ତରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 436.39 ଲକ୍ଷ, EMD : ₹ 3,68,200/-, କାର୍ଯ୍ୟ ଶେଷ ହେବା ଅବଧି : 08 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.03.2026ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

**ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଚାପ୍ଟର-2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।**

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର

PR-264/CI/25-26

## ଜନଗଣନା ସମ୍ପର୍କିତ ପ୍ରଶିକ୍ଷଣ



**ବ୍ରହ୍ମପୁର,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣଙ୍କ ଅଧକ୍ଷତାରେ ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଅପରାହ୍ନରେ ୨୦୨୭ ମସିହାରେ ହେବାକୁଥିବା ଜନଗଣନା ସମ୍ପର୍କିତ ପ୍ରଶିକ୍ଷଣ ଓ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଅପ୍ରେଲ ୧୬ରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ପ୍ରଥମ ପର୍ଯ୍ୟାୟ ଜନଗଣନାକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଶ୍ରୀ କଲ୍ୟାଣ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଏଥିନିମନ୍ତେ ଅପ୍ରେଲ ମାସ ପ୍ରଥମ ଦୁଇ ସପ୍ତାହରେ ଘର ଗଣନା ଓ ଆତ୍ମଗଣନା କରାଯିବ । ଏହା ଶେଷ ହେବା ପରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ । ଜନଗଣନା କାର୍ଯ୍ୟକୁ ପ୍ରଥମଥର ପାଇଁ ଡିଜିଟାଲ ପ୍ରକ୍ରିୟାରେ କରାଯିବ । ଯେ କୌଣସି ବ୍ୟକ୍ତି ସେନ୍ସସ୍ ପୋର୍ଟାଲରେ ଲଗ୍ ଇନ୍ କରି ନିଜର ସମସ୍ତ ତଥ୍ୟ ସହଜରେ ଅପଲୋଡ଼ କରିପାରିବେ ବୋଲି ସେ ସୂଚନା ଦେଇଛନ୍ତି । ଯଦିଓ ଜନଗଣନା ଦେଶରେ ପ୍ରତି ୧୦ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହେବା କଥା, ମାତ୍ର ଏହା ୨୦୧୧ ମସିହା ପରେ ପ୍ରାୟ ୧୫ ବର୍ଷ ବ୍ୟବଧାନ ପରେ ଜନଗଣନା ହେଉଥିବାରୁ, ଦେଶର ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ପ୍ରଦାନ କରିବାକୁ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି । ଜନଗଣନା ହେଉଛି ଦେଶର ଦର୍ପଣ ସଦୃଶ । ଏଥିରେ କେବଳ ବ୍ୟକ୍ତି ବିଶେଷଙ୍କ ଗଣନା ହୁଏ ନାହିଁ, ବରଂ ପ୍ରତ୍ୟେକ ପରିବାରର ସାମାଜିକ ଓ ଆର୍ଥିକ ସ୍ଥିତିର ସମ୍ପୂର୍ଣ୍ଣ ବିବରଣୀ ଲିପିବଦ୍ଧ କରାଯାଏ । ଚଳିତ ଥର ଜନଗଣନାକାରୀମାନେ ଜିଲ୍ଲାର ପ୍ରତ୍ୟେକ ଘରକୁ ଘର ଯାଇ ସମସ୍ତ ତଥ୍ୟର ସଠିକ୍ ବିବରଣୀ ଲିପିବଦ୍ଧ କରିବେ । ଘର କୁ ଘର ଯାଇ ପରିବାରର ମୁରବୀ, ତାଙ୍କର ଜାତି, ଲିଙ୍ଗ, ବୟସ ଠାରୁ ଆରମ୍ଭ କରି ସମସ୍ତ ପାରିବାରିକ ସ୍ଥିତି ଏହିପରି ମୋଟ ୩୩ଟି ପ୍ରଶ୍ନ ଜନସାଧାରଣଙ୍କୁ ପଚାରିବେ ଏବଂ ସମସ୍ତ ତଥ୍ୟକୁ ନିର୍ଭୁଲ ଭାବରେ ଲିପିବଦ୍ଧ କରିବେ ବୋଲି ଉଭୟେ କହିଛନ୍ତି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଦେବଦତ୍ତ ପଣ୍ଡା, ସୁନୀଲ କୁମାର କେର୍କେଟା, ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା ସମେତ ସମସ୍ତ କ୍ଷେତ୍ରସ୍ତରୀୟ ଅଧୀକାରୀମାନେ ଉପସ୍ଥିତ ଥିଲେ ।

## ପୁରୀ ଅଭିମୁଖେ ତୀର୍ଥଯାତ୍ରୀ

**ଭଦ୍ରକ,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା-୨୦୨୫-୨୬' ପର୍ଯ୍ୟାୟ ଶୁଭ ଉଦ୍‌ଘାଟନ ଅନୁଷ୍ଠାନ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ହୋଇଛି । ନବରଙ୍ଗପୁର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉକ୍ତ ଯୋଜନାର ଶୁଭ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ସରକାରଙ୍କ ଏହି ଯୋଜନା ଅନ୍ତର୍ଗତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଚୟନିତ ତୀର୍ଥଯାତ୍ରୀମାନଙ୍କୁ ସୁବିଧାଜନକ ଭାବେ ଶ୍ରୀକ୍ଷେତ୍ର ପୁରୀକୁ ନେଇ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରାଇବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହାକୁ ଓଡ଼ିଶା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଫ୍ଲାଗସିପ୍ ପଦକ୍ଷେପ ଭାବେ ଗଣ୍ୟ କରାଯାଉଛି । ପର୍ଯ୍ୟାୟ-୧ ଅନ୍ତର୍ଗତ ଭଦ୍ରକ ଜିଲ୍ଲାରୁ ୭୪ ଜଣ ତୀର୍ଥଯାତ୍ରୀଙ୍କ ଯାତ୍ରା ସଫଳ ଭାବେ ସମ୍ପାଦନ ନିମନ୍ତେ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରାଯାଇଛି ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମାହାଙ୍ଗା,୧୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ହଳଦିଆ ପଞ୍ଚାୟତସ୍ଥିତ ବୁଢୀ ଜାଗୁଳାଇ ଉଚ୍ଚ ପ୍ରାଥମିକ ବିଦ୍ୟାପୀଠ ଇଟାମୁଣ୍ଡଳିର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଶତପଥିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ହଳଦିଆ କଲେଜ ଅଧ୍ୟକ୍ଷ ପ୍ରହଲ୍ଲାଦ ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଶତପଥି, ସମ୍ମାନିତ ଅତିଥିଭାବେ ସାହିତ୍ୟିକ ଭାବଗ୍ରାହୀ ଦାସ, ଡେରାବିଶ ଏବିଇଓ ଦେବଦତ୍ତ ଶତପଥି, ବିଦ୍ୟାଳୟ ପ୍ରତିଷ୍ଠାତା ଚୌଧୁରୀ ଧୀରେନ୍ଦ୍ର ନାଥ ଦାସ, ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ ସଞ୍ଜୟ କୁମାର ଆଚାର୍ଯ୍ୟ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ରାଉତ, ସିଆରସିସି ରୋଜାଲିନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବ୍ରଜ କିଶୋର ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦମୟନ୍ତୀ ଦାସ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ଶତପଥିଙ୍କ ଆଦର୍ଶ ଜୀବନ ଉପରେ ଆଲୋଚନା କରିବା ସହ ତାଙ୍କର ଆଗାମୀ ଜୀବନ ସୁଖ ଓ ଶାନ୍ତିରେ ରହୁ ବୋଲି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ପୂର୍ବତନ ସିଆରସିସି ମନୋଜ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ଦିବାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

**ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି । ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5286

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 15th February, 2026 Sunday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ଝିଅର ତୁଳନା

ନିଜ ପୁଅର ବାହାଘର ପାଇଁ ଝିଅ ଦେଖିବାକୁ ଯାଇଥିବା ପୁଅର ମା'କୁ ଝିଅର ମା' କହିଲେ- ଶୁଣନ୍ତୁ, ଆମ ଝିଅର କଣ୍ଠ ସ୍ୱର କୋଇଲିର କୁହୁ ତାନ ପରି। କଥା କହୁଥିଲେ ଲାଗିବ କୋଇଲି ଡାକୁଛି। ତା'ବେକ ଠିକ୍ ମୟୂର ବେକ ଭଳି। ଖୁବ୍ ପାଲିସ ଓ ସୁନ୍ଦର। ତା'ର ଚାଲି ହରିଣୀର ଚାଲି ଭଳି। ଆଉ ତା' ସ୍ୱଭାବ ଗୋ-ମାତା ଭଳି।

ପୁଅର ମା' ଏକଥା ଶୁଣିବା ପରେ ଝିଅର ମା'କୁ କହିଲେ- ମୋ ପୁଅ ବାହାଘର ମୁଁ ମଣିଷ ସଂଗେ କରିବି। ଆପଣ ଝିଅଟି ତ ସବୁ ପ୍ରକାର ପଶୁର ଗୁଣ ରହିଛି। ତାକୁ ବୋହୂ କରିନେଇକରି ମୁଁ ସମ୍ଭାଳି ପାରିବିନି।

ହେଲ୍ଥ



ଟନିକ୍

## ବହୁବିଧ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା ସହ କେନ୍ଦୁଝର ହେବ ଅଭିବୃଦ୍ଧିର କେନ୍ଦ୍ର: ମୁଖ୍ୟମନ୍ତ୍ରୀ




**କେନ୍ଦୁଝର,୧୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଓ ଡାଟା ସେଣ୍ଟରର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଆୟୋଜିତ ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି। କେନ୍ଦୁଝର କେବଳ ଖଣି ଓ ଇସ୍ପାତ ପାଇଁ ଜଣାଯିବ ନାହିଁ। ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିଶ୍ରୁତିବଦ୍ଧ। ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ସୂଚନାଯୋଗ୍ୟ ଯେ, ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁଥିବା ଟେକ୍ସଟାଇଲ୍ ପାର୍କରେ ୧୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲ୍‌କୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ।

ଏହି ଅବସରେ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓସିଏସି ମାଧ୍ୟମରେ ୧୮୭ କୋଟି ଟଙ୍କା ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ପାଇଁ ମଧ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟରର ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ। ଏହି ସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଏହା ତଥ୍ୟର ଯୁଗ। ନାଗରିକଙ୍କ ତଥ୍ୟ ସର୍ବଦା ସୁରକ୍ଷିତ, ସୁଗମ ଏବଂ ଆମ ନିୟନ୍ତ୍ରଣରେ ରହିବା ଉଚିତ।

ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ସରକାରଙ୍କ ଧ୍ୟାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଜିଲ୍ଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ଏବଂ ମକର ପର୍ବ ସମୟରେ ୧୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା। ଏକ ସମୃଦ୍ଧ ଓଡ଼ିଶା ଏହାର ଜିଲ୍ଲାଗୁଡ଼ିକର ସମୃଦ୍ଧି ମାଧ୍ୟମରେ ଗଢ଼ି ଉଠିବ। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ୍ ଶକ୍ତି ଏକ ବିକଶିତ ଭାରତ ଆଡକୁ ଆମର ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, କେନ୍ଦୁଝର ନଗରପାଳ ନିକୁ ସାହୁ, ଜିଲ୍ଲାପାଳ ବିଶାଳ ସିଂହ, ଓକାକ ସିଇଓ ପ୍ରଦୀପ କୁମାର ରାଉତ, ହିଣ୍ଡାଲକୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ବରିଷ୍ଠ ଅଧିକାରୀ ଏବଂ ବହୁସଂଖ୍ୟକ ନାଗରିକ ଯୋଗ ଦେଇଥିଲେ।

## ବିସିସିଆଇ କଥାରେ ଅଧିନାୟକତ୍ୱ ଛାଡିଥିଲେ ଧୋନି

**ନୂଆଦିଲ୍ଲୀ,୧୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରୋହିତ ଶର୍ମାଙ୍କ ଠାରୁ କ୍ୟାପ୍ଟେନ୍ସି ପଦ ଶୁବମନ ଗିଲଙ୍କୁ ଦିଆଯିବା ଘଟଣା ୨୦୨୫ରେ ବେଶ ଚର୍ଚ୍ଚାର ବିଷୟ ଥିଲା। ଏବେ କିନ୍ତୁ ଆଉ ଏକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ମହେନ୍ଦ୍ର ସିଂହ ଧୋନିଙ୍କ ଠାରୁ ୨୦୧୭ରେ ବିରାଟ କୋହଲି କେଉଁ ପରିସ୍ଥିତିରେ କ୍ୟାପ୍ଟେନ୍ସି ପଦ ଗ୍ରହଣ କରିଥିଲେ, ତା'ର ତଥ୍ୟ ସାର୍ବଜନୀନ ହୋଇଛି।

୨୦୧୪ରେ ମହେନ୍ଦ୍ର ସିଂହ ନିଜ ଆଡୁ ଟେଷ୍ଟ କ୍ୟାପ୍ଟେନ୍ସି ପଦ ଛାଡିଥିଲେ। ଏହାପରେ ୨୦୧୭ରେ ବିରାଟ କୋହଲି ଭାରତୀୟ କ୍ରିକେଟର ସବୁ ଫର୍ମାଟରେ କ୍ୟାପ୍ଟେନ୍ସି ଦାୟିତ୍ୱ ପାଇଥିଲେ। ସେତେବେଳେ କୁହାଯାଇଥିଲା ଯେ ଧୋନି ନିଜ ଇଚ୍ଛାରେ ସୀମିତ ଓଭର କ୍ରିକେଟରେ କ୍ୟାପ୍ଟେନ୍ସି ପଦ ଛାଡିଛନ୍ତି।

କିନ୍ତୁ ପ୍ରକୃତ କଥା ହେଉଛି ଯେ ଧୋନି ନିଜ ଇଚ୍ଛାରେ ନୁହେଁ, ବରଂ ବିସିସିଆଇ କଥାରେ ଏପରି ପଦକ୍ଷେପ ନେଇଥିଲେ। ବିସିସିଆଇର ଚୟନ କମିଟି ପକ୍ଷରୁ ତାଙ୍କୁ ଅଧିନାୟକ ପଦ ଛାଡିବାକୁ କୁହାଯାଇଥିଲା। ଏପରି କି ସେ ପଦ ଛାଡିବାକୁ ନିଜ ଆଡୁ ନିଷ୍ପତ୍ତି



ନେଇଥିବା ଇ-ମେଲ ଯୋଗୁ ବିସିସିଆଇକୁ ପଠାଇବାକୁ ମଧ ନିର୍ଦ୍ଦେଶ ପାଇଥିଲେ।

ଏକଥା ନିଜେ ସେହି ସମୟରେ ବିସିସିଆଇ ଚୟନ କମିଟିରେ ଥିବା ଯତୀନ ପରଞ୍ଜପେ କହିଛନ୍ତି। ସେ ଓ ତତ୍କାଳୀନ ମୁଖ୍ୟ ଚୟନକର୍ତ୍ତା ଏମଏସକେ ପ୍ରସାଦ କେମିତି ଧୋନିଙ୍କୁ ସବୁ କଥା କହିଥିଲେ ଓ ୨୦୧୭ରେ କ୍ୟାପ୍ଟେନ୍ସି ଛାଡିବାକୁ ପ୍ରସ୍ତାବ ଦେଇଥିଲେ, ତା' ଉପରୁ ପରଦା ହଟାଇଛନ୍ତି।

ଗୋଟିଏ କାର୍ଯ୍ୟକ୍ରମରେ ଯତୀନ କହିଛନ୍ତି ଯେ "ମାହି(ଧୋନି) ବ୍ୟାଟିଂ କରୁଥିଲେ। ସେ ପ୍ରାୟ ୧ ଘଣ୍ଟା ଧରି ବ୍ୟାଟିଂ କରୁଥିବା ବେଳେ ମୁଁ ଓ ଏମଏସ୍‌କେ କେବଳ ପରସ୍ପରକୁ ଚାହୁଁଥିଲୁ। ତାଙ୍କୁ ସବୁ କଥା କେମିତି ଅତ୍ୟନ୍ତ ସମ୍ମାନଜନକ ଭାବେ କହିବୁ, ସେଥିପାଇଁ ଆମେ ପ୍ରସ୍ତୁତ ହୋଇଥିଲୁ। ତେଣୁ ଆମେ ତାଙ୍କ ପାଖକୁ ଯାଇଥିଲୁ ଓ କହିଥିଲୁ ଯେ "ତୁମ ଜାଣିଛ ମାହି, ଆମେ ଭାବୁଛୁ ଯେ ଏବେ ଆଗକୁ ବଢ଼ିବାର ଉପଯୁକ୍ତ ସମୟ।"

ଧୋନିଙ୍କ ଜବାବରେ ଆଦୌ ବିଦ୍ରୋହ ନଥିଲା, ବରଂ ସେ ସହମତି ପ୍ରକାଶ କରିବା ଭଳି କଥା କହିଥିବା ଯତୀନ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ "ଏମଏସ୍‌କେଙ୍କୁ ଧୋନି କହିଥିଲେ ଯେ 'ଆମ୍ଭ ଏହା ଉପଯୁକ୍ତ ନିଷ୍ପତ୍ତି। ମୋ ଠାରୁ ଆପଣ କ'ଣ ଚାହୁଁଛନ୍ତି କୁହନ୍ତୁ।' ଏମଏସ୍‌କେ ତାଙ୍କୁ କହିଥିଲେ ଯେ ତୁମେ ଆଗକୁ ବଢ଼ିବାକୁ ଚାହୁଁଥିବା ଲିଖିତ ଭାବେ ତୁମକୁ ଦେବାକୁ ପଡିବ। ଧୋନି ଠିକ ଅଛି, ମୁଁ କରିଦେବି ବୋଲି କହିଥିଲେ।

ସେହିଦିନ ବିଳମ୍ବିତ ରାତିରେ ଆମେ ଗୋଟିଏ ଇ-ମେଲ ପାଇଥିଲୁ। ଏଥିରେ ଧୋନି ଲେଖିଥିଲେ ଯେ 'ମୁଁ କ୍ୟାପ୍ଟେନ୍ସି ପଦ ଛାଡିବାକୁ ଚାହୁଁଛି। ଆପଣମାନେ ଏବେ ଏହାର ନିଷ୍ପତ୍ତି ନିଅନ୍ତୁ।' ଆମେ ଏଥିପାଇଁ ସମାଲୋଚନାର ଶିକାର ହୋଇଥିଲୁ। କିନ୍ତୁ ଏହି ସବୁ କଠିନ ନିଷ୍ପତ୍ତି ଆପଣଙ୍କୁ ନେବାକୁ ପଡିବ।"

ଯତୀନ ଆହୁରି କହିଛନ୍ତି ଯେ ୨୦୧୭ରେ କ୍ୟାପ୍ଟେନ୍ସି ପଦ ପାଇଥିବା ବିରାଟ କୋହଲିଙ୍କୁ ପୂର୍ଣ୍ଣ ସମର୍ଥନ କରିବେ ବୋଲି ମଧ ବିସିସିଆଇକୁ ପ୍ରତିଶ୍ରୁତି ଦେଇଥିଲେ। ସେ କହିଛନ୍ତି, "ଧୋନି କହିଥିଲେ ଯେ ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଁ ବିରାଟଙ୍କ ସହ ସଂପୂର୍ଣ୍ଣ ଭାବେ କାମ କରିବି। ସେ ମୋ ଭାଇ ଭଳି। ମୋ ଠାରୁ ତାଙ୍କୁ ଯାହା ଆବଶ୍ୟକ, ସେସବୁ ମୁଁ କରିବି। ମୋ ପାଖରେ ଯାହା ସବୁ ଅଭିଜ୍ଞତା ରହିଛି, ସେସବୁ ମୁଁ ତାଙ୍କୁ(ବିରାଟ) ଦେବି। ଆମେ ଗୋଟିଏ ଭଲ ଟିମ ତିଆରି କରିବ।"

୨୦୧୭ରେ ଧୋନିଙ୍କୁ ୩୫ ବର୍ଷ ବୟସ ହୋଇଥିଲା। ସେତେବେଳକୁ ସେ ଆଇସିସିର ସମସ୍ତ ଟାଇଟଲ କ୍ୟାପ୍ଟେନ ଭାବେ ଜିତି ସାରିଥିଲେ। ଧୋନିଙ୍କ ନେତୃତ୍ୱରେ ୨୦୦୭ରେ ଭାରତ ଟି-୨୦, ୨୦୧୧ରେ ଦିନିକିଆ ବିଶ୍ୱକପ ଓ ୨୦୧୩ରେ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା।

## ଆଜି କଲମ୍ବୋରେ ହାଇଭୋଲ୍ଟେଜ୍ ଲଢ଼େଇ



**ନୂଆଦିଲ୍ଲୀ,୧୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ପଡିଆ ବାହାରେ ଘଟିଥିବା ସବୁ ଡ୍ରାମା ଓ ରାଜନୀତିକ ନାରାବାଜୀ ପରେ ଟି-୨୦ ବିଶ୍ୱକପରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଆସନ୍ତାକାଲି ଖେଳାଯିବ ଟି-୨୦ ବିଶ୍ୱକପର ସବୁଠାରୁ ବଡ ମୁକାବିଲା। ଶ୍ରୀଲଙ୍କାର କଲମ୍ବୋ ସ୍ଥିତ ଆର ପ୍ରେମଦାସା ଷ୍ଟାଡିୟମରେ ଲଢ଼େଇ କରିବେ ଭାରତ ଓ ପାକିସ୍ତାନ। ଏହାକୁ ନେଇ କ୍ରିକେଟ ପ୍ରେମୀ ବେଶ ଉତ୍ସାହିତ ହୋଇ ଉଠିଛନ୍ତି। ଲଢ଼େଇ ପୂର୍ବରୁ ଅଧିକାଂଶ କ୍ରିକେଟ ପଣ୍ଡିତ ଭାରତ ସପକ୍ଷରେ ମ୍ୟାଚ୍ ଯିବ ବୋଲି କହିଛନ୍ତି। କାରଣ ଟି-୨୦ରେ ଭାରତର ପ୍ରଦର୍ଶନ ଏଯାଏ ବେଶ ପ୍ରଭାବଶାଳୀ ରହିଛି। ଟ୍ରଫି ଜିତିବାର ରେସରେ ଭାରତୀୟ ଟିମ ରହିଥିବା ବେଳେ ଚଳିତ ବିଶ୍ୱକପରେ ଆମେରିକା ଓ ନାମିବିଆକୁ ହରାଇ ଦେଇଛି। ଭାରତ ଏବେ ପଏଣ୍ଟ ଟେବୁଲ ଟପରେ ରହିଛି। ଆମେରିକା ବିପକ୍ଷରେ ଭାରତୀୟ ବ୍ୟାଟର ସଂଘର୍ଷ କରିଥିଲେ ହେଁ ନାମିବିଆ ବିପକ୍ଷରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଯାଦୁ ଦେଖାଇଛନ୍ତି। ଅରୁଣ ଜେଟଲୀ ଷ୍ଟାଡିୟମରେ ଭାରତ ୯୩ ରନରେ ନାମିବିଆକୁ ହରାଇ ଟି-୨୦ ବିଶ୍ୱକପରେ ସବୁଠାରୁ ବଡ ବିଜୟ ହାସଲ କରିବାର ରେକର୍ଡ କରିଛି। ଅନ୍ୟପକ୍ଷରେ ପାକିସ୍ତାନ ନେଦରଲ୍ୟାଣ୍ଡ ବିପକ୍ଷ ମ୍ୟାଚ୍‌ରେ ହାରୁ ହାରୁ ବର୍ତ୍ତିଥିଲା। ଦଳ କିନ୍ତୁ ଆମେରିକାକୁ ଦ୍ୱିତୀୟ ମ୍ୟାଚ୍‌ରେ ସହଜରେ ହରାଇ ଦେଇଛି। ଭାରତ ଭଳି ପାକିସ୍ତାନ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅର୍ଥାତ ରବିବାର ଜିତିବାକୁ ଥିବା ଦଳ ସିଧା ସୁପର ୮କୁ ଯୋଗ୍ୟତା ଅର୍ଜନ କରିବ। ରବିବାର ସମସ୍ତେ ହାଇଭୋଲଟେଜ ଥ୍ରୀଲର ଅପେକ୍ଷାରେ ରହିଛି। ଟି-୨୦ ବିଶ୍ୱକପ ପୂର୍ବରୁ ଏକାଧିକ ସିରିଜ ଜିତିଥିଲା ଭାରତ। ସେହିପରି ଗୋଟିଏ ଦଶନ୍ଧି ଧରି ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଭାରତର ଦବଦବା ରହି ଆସିଛି। ନିଶ୍ଚିତ ଭାବେ ଏହା ଖେଳାଳିଙ୍କ ମନୋବଳକୁ ସୁଦୃଢ଼ କରିବ। ତଥାପି ବିଶ୍ୱକପ ଲଢ଼େଇର ଚାପ ନିଶ୍ଚିତ ଭାବେ ଭାରତ ଉପରେ ରହିବ। ଆର ପ୍ରେମଦାସା ଷ୍ଟାଡିୟମ ଭାରତ ପାଇଁ ଆଦୌ ନୂଆ ନୁହେଁ। ଭାରତ ଏହାର ପିଚ ଓ ପରିବେଶ ସହ ବେଶ ଭଲ ଭାବେ ଅବଗତ।

## ଡବଲ ଇଞ୍ଜିନ ସରକାରରେ ରାଜ୍ୟକୁ ମିଳିଲା କ'ଣ ?

**ଭୁବନେଶ୍ୱର,୧୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବା ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଆଭିମୁଖ୍ୟକୁ ନେଇ ଆଜି ବିଜୁ ଜନତା ଦଳ ପ୍ରଶ୍ନ ଉଠାଇବା ସହିତ ରାଜ୍ୟ ସରକାରଙ୍କୁ ଘେରିଛି। ଶଙ୍ଖ ଭବନଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର କହିଥିଲେ, ଓଡିଶା ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ଆସିଛି। ନବୀନବାବୁଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସରକାର ଦ୍ୱାରା ନିୟମିତ ଭାବରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦୃଢ଼ ଦାବି କରାଯାଇ ଆସୁଛି। ୨୦୧୨ ମସିହାରେ, ଦିଲ୍ଲୀର ଲାଲକିଲ୍ଲା ପଡିଆରେ, ଏକ ବିଶାଳ ଜନସଭା ଆୟୋଜନ କରି ଏହି ଦାବିକୁ ଭାରତ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ଜଣା ଥିବା ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ, ଓଡିଶାରେ ଭିତିଭୂମିର ବିକାଶ, ଜନଜାତି ସମ୍ପ୍ରଦାୟର ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାରେ ସହାୟକ ହେବ ବୋଲି ଯୁକ୍ତି କରାଯାଇ ଆସୁଛି। ପରେ, ୨୦୧୪ ମସିହାର ବିଧାନସଭା ନିର୍ବାଚନରେ, ବିଜେପି ଏହାର ନିର୍ବାଚନ ଇସ୍ତାହାରରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଦାବି କରିବ ଓ ଏହି ଦାବି ହାସଲ ପର୍ଯ୍ୟନ୍ତ ନିରନ୍ତର ସଂଗ୍ରାମ ଜାରି ରଖିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ, ବିଡମ୍ବନାର ବିଷୟ, ରାଜ୍ୟରେ କ୍ଷମତାକୁ ଆସିବାର ଦୁଇ ବର୍ଷ ପୂରିବାକୁ ଯାଉଥିବା ବେଳେ ବିଜେପି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନେଇ ସମ୍ପୂର୍ଣ୍ଣ ନିରବ ରହିଛି।

ନିକଟରେ, ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନରେ ଶ୍ରୀ ପାତ୍ରଙ୍କ ଦ୍ୱାରା ସରକାରଙ୍କୁ ପଚରାଯାଇଥିଲା। ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ କୌଣସି ପ୍ରସ୍ତାବ ରହିଛି କି, ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ତାଙ୍କର ଉତ୍ତରରେ, ଏଭଳି କୌଣସି ପ୍ରସ୍ତାବ ନାହିଁ ବୋଲି ଜଣାଇଥିଲେ। ତେଣୁ ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ସମ୍ବନ୍ଧରେ ରାଜ୍ୟ ବିଜେପି ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଦରକାର।



ଶ୍ରୀ ପାତ୍ର କହିଥିଲେ, ଆମେ ଜାଣିବାକୁ ପାଇଛୁ, ବଜେଟ ସେସନ ଆରମ୍ଭ ହେବାକୁ ଥିବାରୁ ଆଜି ରାଜ୍ୟ କ୍ୟାବିନେଟ ବସୁଛି। ରାଜ୍ୟ ସରକାରଙ୍କୁ ଆମେ ଆହ୍ୱାନ କରିବାକୁ ଚାହୁଁଛୁ ଯେ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କର ଯଦି ସତସାହସ ଅଛି, ତାହେଲେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି ରଖିବେ ବୋଲି ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ନିଅନ୍ତୁ। ଯଦି ରାଜ୍ୟ ସରକାର ଏହା ନକରନ୍ତି, ତାହେଲେ ଆମେ ବୁଝିବୁ ଯେ ଡବଲ ଇଞ୍ଜିନ ସରକାର ରାଜ୍ୟର ସାଢ଼େ ଚାରି କୋଟି ଓଡିଆଙ୍କ ସହିତ ପ୍ରତାରଣା କରୁଛନ୍ତି। ୨୦୧୪ ମସିହାରେ ଦେଇଥିବା ପ୍ରତିଶ୍ରୁତି, ଡବଲ ଇଞ୍ଜିନ ସରକାର ଆସିବା ପରେ ପ୍ରକୃତରେ ପାଣିର ଗାର ପାଲଟିଛି। ନବୀନ ସରକାରଙ୍କ ବିକଶିତ ଓଡିଶା ଗଠନର ସ୍ୱପ୍ନକୁ ଡବଲ ଇଞ୍ଜିନ ସରକାର ଆଜି ବିପର୍ଯ୍ୟସ୍ତ ଓଡିଶାରେ ପରିଣତ କରିବାକୁ ଯାଉଛି। ଏହା ବିଜେପିର ଦୋମୁହାଁ ନୀତିକୁ ପଦାରେ ପକାଉଛି।

ସେପଟେ ବିଜେଡିର ପ୍ରେସମିଟ୍ ନେଇ ଜବାବ ରଖିଛି ବିଜେପି। ରାଜ୍ୟ ବିଜେପିର ସାଧାରଣ ସଂପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି ଯେ, ୨୦୧୪ ସାଧାରଣ ନିର୍ବାଚନରେ ବିଜେପି ଆଣିଥିବା ସଂକଳ୍ପ ପତ୍ର, ଦଳ ପାଇଁ ଗୀତ ସଦୃଶ। ଯାହା କରିବାର ଆବଶ୍ୟକ ରହିଛି, ତାକୁ ବିଜେପି ସରକାର କରୁଛି। ଅଧାରୁ ଅଧିକ ସଂକଳ୍ପ ପୂରଣ ହୋଇଛି। ବାକି ଯାହା ଅଛି, ତାକୁ ଖୁବଶୀଘ୍ର ପୂରଣ କରାଯିବ। ଦୁର୍ଭାଗ୍ୟର ବିଷୟ, ବିଜେଡି ଦୀର୍ଘ ୨୪ ବର୍ଷ ଶାସନ ସତ୍ତ୍ୱେ, ନିଜ ସରକାର ସମୟରେ ଯାହା କହିଥିଲେ, ତାହା ଜାଣି ନାହାନ୍ତି। ନହେଲେ ଏପରି ଅବାନ୍ତର ପ୍ରଶ୍ନ କରି ଲୋକଙ୍କୁ ବିଭ୍ରାନ୍ତ କରନ୍ତେନି। ଓଡ଼ିଶା ଶିଘ୍ର ସମୃଦ୍ଧ ହେବ। ବିଜେଡି ସମୟରେ ଯାହା ମଗା ଯାଉଥିଲା, ତାହା ଠାରୁ ଅଧିକ ରେଳବାଇରେ କେନ୍ଦ୍ର ଦେଉଥିଲା। ୨୦୧୪ ପୂର୍ବରୁ ରେଳବାଇରେ ଯାହା ମିଳୁଥିଲା, ତା ଠାରୁ ୧୩% ଅଧିକ ମିଳିଛି। ଏହା ନିନ୍ଦୁ ମାନସିକତା, ଏ କଥା କଣ ବିଜେଡି ଗ୍ରହଣ କରି ପାରିବ ବୋଲି ସେ ପ୍ରଶ୍ନ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ରାତି ୧୦ଟାରେ...

ବଢିବ। ପରେ ତୃତୀୟ ପର୍ଯ୍ୟାୟ ସାହାଣମେଳା ଦର୍ଶନ, ଭୁବନେଶ୍ୱରୀଙ୍କ ସଂନ୍ଧ୍ୟାଧୂପ ଓ ପୂଜା, ଛାମୁ ପରିଷ୍କାର, ଚାରି ପ୍ରହର ପୂଜା, ହରିହର ଭେଟ, ବଡସିଂହାର ଓ ପହୁଡାଦି ନୀତି ସୋମବାର ଭୋର ସାଢେ ୫ଟାରେ ସମ୍ପନ୍ନ ହେବ।

ସୂଚନାଯୋଗ୍ୟ, ଗତ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ପ୍ରସ୍ତୁତି ପାଇଁ ସେବାୟତ ପ୍ରତିନିଧୀଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ପୂଜାପଣ୍ଡା ନିଯୋଗ ସଭାପତି ପ୍ରସନ୍ନ ପୂଜାପଣ୍ଡା ସୋମବାର ସକାଳ ୭ଟା୫୫ରେ ସରୁଥିବା ଜାଗର ନୀତି ରବିବାର ହିସାବରେ ରହିବ ନାହିଁ ବୋଲି କହିଥିଲେ। ତେଣୁ କୌଣସି ମତେ ସମସ୍ତ ନୀତି ସକାଳ ୬ଟା ୧୫ ସୁଧା ସାରିବାକୁ ପ୍ରସନ୍ନ ପ୍ରସ୍ତାବ ରଖିଥିଲେ। ଉକ୍ତ ପ୍ରସ୍ତାବରେ ମୁଖ୍ୟମନ୍ତ୍ରୀ ସହମତି ହୋଇ ଟ୍ରଷ୍ଟବୋର୍ଡ ସଭାପତି ତଥା ଜିଲ୍ଲାପାଳଙ୍କୁ ନୀତି ନିର୍ଘଣ୍ଟ ସଂଶୋଧନ କରିବାକୁ ପରାମର୍ଶ ଦେଇଥିଲେ।

### ଜିଲ୍ଲାପାଳଙ୍କ ବିରୋଧରେ...

କାର୍ଡ଼ରେ ମୋ ନାଁ ରଖିଲେନି। ତେଣୁ ମୁଁ ଆଶା କରୁଛି, ବିଭାଗ ଏହି ଘଟଣାର ତର୍ଜମା କରି ପଦକ୍ଷେପ ନେବ। ମୁଁ ଅନେକ ଆଇଏଏସ ଅଧିକାରୀଙ୍କୁ ଦେଖିଛି ଏବଂ ସେମାନଙ୍କ ସହ କାମ କରିଛି। କିନ୍ତୁ ଏହି ଜିଲ୍ଲାପାଳ ଲୋକପ୍ରତିନିଧିଙ୍କ ପ୍ରୋଟୋକଲ ମାନୁ ନାହାନ୍ତି କିମ୍ବା ସମ୍ମାନ କରୁନାହାନ୍ତି ବୋଲି ରାଜ୍ୟସଭା ସାଂସଦର ଶ୍ରୀ ସାମନ୍ତରାୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ଚୌଦ୍ୱାରରୁ ଫେରାର...

୨ ଅଭିଯୁକ୍ତ ଅଲଗା ଅଲଗା ହୋଇଯାଇଥିଲେ। ପୋଲିସ ବିଭିନ୍ନ ଉତ୍ସ ଓ ଅଭିଯୁକ୍ତଙ୍କ ପରିବାରବର୍ଗଙ୍କ ଠାରୁ ପଚରା ଉଚରା କରି ସେମାନଙ୍କୁ ଧରିବା ପାଇଁ ଭାରତର ବିଭିନ୍ନ ରାଜ୍ୟରେ ଛାନଭିନ ଜାରି ରଖିଥିଲେ। କମିଶନରେଟ ପୋଲିସର ସ୍ୱତନ୍ତ୍ର ଗୁପ୍ତ ଟିମ ସେମାନଙ୍କୁ ପାଟନା, ନୋଏଡ଼ା ଓ ନାଗାଲାଣ୍ଡରେ ଖୋଜାଖୋଜି କରିଥିଲେ। ଫେରାର ଅଭିଯୁକ୍ତ ମଧୁକାନ୍ତ ବୃନ୍ଦାବନରେ ଏକ ଗେଷ୍ଟ ହାଉସରେ କାମ କରୁଥିଲା। ମଧୁକାନ୍ତ ନିଜ ନାଁ ଓ ବେଶ ବଦଳାଇ ବାସୁ ପାଣ୍ଡେ ନାଁରେ ସେଠାରେ କାମ କରୁଥିଲା ବୋଲି ପୋଲିସ ସୂଚନା ଦେଇଛି। କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ ଅଭିଯୁକ୍ତ ମଧୁକାନ୍ତ କୁମାର ରାଣା ଓରଫ ମଧୁକାନ୍ତ ସିଂହଙ୍କୁ ୧୩ ଫେବୃଆରୀ ୨୦୨୬ରେ ଉତ୍ତରପ୍ରଦେଶ ବୃନ୍ଦାବନର ଏକ ଅତିଥି ଗୃହରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତ ମଧୁକାନ୍ତ (୨୪) ର ଘର ବିହାର ରାଜ୍ୟ ସରଣ ଜିଲ୍ଲାରେ ବୋଲିସ ଜଣାପଡ଼ିଛି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତ ରାଜ ସାହାଣୀକୁ ଶିଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଘଟଣାର ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ୨୦୨୫ ଜାନୁଆରୀ ୪ ତାରିଖରେ ଯାଜପୁର ଜିଲ୍ଲା ପାଣିକୋଇଲିଠାରେ ଥିବା ପଣ୍ଡା ଅଳଙ୍କାର ଦୋକାନରେ ଲୁଟପାଟ ପାଇଁ ଅଭିଯୁକ୍ତମାନେ ୨ ଜଣକୁ ହତ୍ୟା କରିଥିଲେ। ସେତେବେଳେ ସାଧାରଣ ଲୋକେ ଅଭିଯୁକ୍ତ ମଧୁକାନ୍ତ ରାଣା ଓ ରାଜା ସାହାଣୀକୁ ଘଟଣା ସ୍ଥଳରୁ ଧରି ପୋଲିସର ଜିମା ଦେଇଥିଲେ। ପୋଲିସ ଉଭୟ ୨ ବିହାରୀ ଅଭିଯୁକ୍ତକୁ ଗିରଫ କରି ଯାଜପୁର ରଗଡ଼ି ଜେଲକୁ ପଠାଇ ଦେଇଥିଲେ। ଜେଲରେ ଥିବାବେଳେ ଅଧିକ ସୁରକ୍ଷା ଦୃଷ୍ଟିରୁ ଆଠ ମାସ ତଳେ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲର ୨ଟି ସ୍ୱତନ୍ତ୍ର ସେଲରେ ରଖା ଯାଇଥିଲା।

### ବିଷ ଚାଖୁଥିଲେ...

ଏସଡିପିଓ କହିଛନ୍ତି, 'ଆମର ତଦନ୍ତରୁ ଜଣାପଡିଛି ଯେ, ସରସ୍ୱତୀ ପୂଜା ସନ୍ଧ୍ୟାରେ ଝିଅମାନଙ୍କୁ କିଛି ପୁଅଙ୍କ ସହିତ ବାହାରକୁ ଯାଉଥିବାର ଦେଖି ବାକୁ ମିଳିଥିଲା। ସେମାନଙ୍କ ବାପାମାଆ ସେମାନଙ୍କୁ ଗାଳି ଦେଇଥିଲେ ଏବଂ କ୍ରୋଧ ଏବଂ ଲଜ୍ଜାରେ ୫ ଜଣ ବନ୍ଧୁ ଏକାଠି ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ।' ହେଲେ ପୀଡ଼ିତଙ୍କ ମଧ୍ୟରୁ ଜଣଙ୍କ ବାପା ପୁଲିସର ଦାବିକୁ ଅସ୍ୱୀକାର କରିଛନ୍ତି। ସମସ୍ତ ଝିଅଙ୍କ ବୟସ ୧୨ରୁ ୧୫ ବର୍ଷ ମଧ୍ୟରେ ଥିଲା। ମୃତ ଝିଅଙ୍କ ପରିବାର ଲୋକେ ୪ ଜଣଙ୍କୁ ଏକାଠି ଗୋଟିଏ ଚିତାରେ ଶେଷକୃତ୍ୟ କରିଥିଲେ। ପୋଲିସ ଚିକିତ୍ସାଧୀନ ନାବାଳିକାଙ୍କ ବୟାନ ରେକର୍ଡ କରିଛି ଏବଂ ମାମଲାର ପ୍ରତ୍ୟେକ ଦିଗର ତଦନ୍ତ କରୁଛି। ତେବେ ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

### ରାଜ୍ୟସଭା ପ୍ରାର୍ଥୀ...

ପଶ୍ଚିମବଙ୍ଗର ୫ଟି ଆସନ ଖାଲି ହେବ -ଆସାମର ୩, ତେଲଙ୍ଗାନା, ଛତିଶଗଡ଼ ଓ ହରିୟାଣାର ୨ଟି ଆସନ ଖାଲି ହେବ। ଯଦି ଓଡ଼ିଶା କଥା ଦେଖିବା ତାହେଲେ ଓଡ଼ିଶାର ୪ଟି ଓ ହିମାଚଳ ପ୍ରଦେଶର ଗୋଟିଏ ଆସନ ଖାଲି ହେବାର ଅଛି। ଆସନ୍ତା ଏପ୍ରିଲ ୨ ତାରିଖରେ ସରୁଛି ଓଡ଼ିଶାର ୪ ସାଂସଦଙ୍କ କାର୍ଯ୍ୟକାଳ। ମୁନ୍ନା ଖାଁ, ନିରଞ୍ଜନ ବିଶି, ମମତା ମହନ୍ତ ଓ ସୁଜିତ୍ କୁମାରଙ୍କ କାର୍ଯ୍ୟକାଳ ସରିବ।

### ମେଟ୍ରୋ ପିଲାର...

ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଏବଂ ମୃତକଙ୍କ ପରିବାର ପାଇଁ ୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

### କନଜରଭେନ୍ସି ଲେନ୍...

ପଡିଥିବା ପେଭର ବ୍ଲକ ଭାଙ୍ଗିରୁଜି ଯାଇଥିଲେ ମଧ ତାହାକୁ ଠିକଣା ଭାବେ ମରାମତି କରାଯାଉ ନାହିଁ। ବର୍ତ୍ତମାନ ବିଏମ୍‌ସି କନଜରଭେନ୍ସି ଉପରେ ଗୁରୁତ୍ୱ ଦେଉଥିବାବେଳେ ବିଭିନ୍ନ ସ୍ଥାନରେ ହୋଇଥିବା ଜବରଦଖଲ କେବେ ମୁକ୍ତ ହେବ ତାହା ଉପରେ ସହରବାସୀ ନଜର ରଖିବା ସହିତ ବିଏମସିର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରିଛନ୍ତି।

## ଦୁର୍ଘଟଣାରେ ତିନି ଯବାନଙ୍କ ସହ ୪ ମୃତ

**ରାଇଘର,୧୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ନବରଙ୍ଗପୁର ଜିଲ୍ଲା ରାଇଘର ସୀମାନ୍ତ ଛତିଶଗଡର ଧମତରୀ ଜିଲ୍ଲାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ଟ୍ରକର ପଛରେ କାରଟି ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଦୁଇ ଜଣ ଯବାନଙ୍କ ମୃତ୍ୟୁ ଘଟିଛି। ଆହତ ତିନିଜଣଙ୍କୁ ମେଡିକାଲ ନେବା ବାଟରେ ଆଉ ଜଣେ ଯବାନ ଏବଂ କାର ଡ୍ରାଇଭରଙ୍କ ପ୍ରାଣହାନୀ ଘଟିଛି। ଅନ୍ୟ ଜଣେ ଯବାନଙ୍କୁ ଗୁରୁତର ଅବସ୍ଥାରେ ରାୟପୁର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ମୃତ ଯବାନମାନେ ୨୦୧ କୋବ୍ରା ବାଟାଲିୟନର ବୋଲି ଜଣାପଡ଼ିଛି।

ସୂଚନା ଅନୁଯାଇ ଆଜି ସକାଳ ପ୍ରାୟ ସାଢେ ୮ଟା ସମୟରେ ଜଗଦଳପୁରରୁ ରାୟପୁରକୁ ଯାଉଥିବା ଏକ କାର (ଏମ୍.ପି.୧୭.ଜେଡ୍‌ଏଚ ୪୮୯୭) ଜଗଦଲପୁର-ରାୟପୁର ୩୦ ନମ୍ବର ରାଜପଥର ଖର୍ପି ବାଇପାସ୍ ନିକଟରେ ଏକ ଟ୍ରକକୁ ଧକ୍କା ହୋଇଥିଲା। ଫଳରେ କାରରେ ଯାଉଥିବା ୨୦୧ କୋବ୍ରା ବାଟାଲିୟନର ଦୁଇ ଯବାନଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇ ଯବାନ ଏବଂ କାର ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ଧମତରୀ ଜିଲ୍ଲା ମେଡିକାଲକୁ ନିଆଯାଉଥିଲା। ବାଟରେ ଜଣେ ଯବାନ ଏବଂ କାର ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଯବାନ ଜଣକ ଗୁରୁତର ଅବସ୍ଥାରେ ରାୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରତକ୍ଷ୍ୟଦର୍ଶୀଙ୍କ କହିବା ଅନୁସାରେ ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ କାରଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ମୃତଦେହ କାର ଭିତରେ ଫସି ଯାଇଥିଲା। ଫଳରେ ପୁଲିସ ସମସ୍ତଙ୍କୁ କାରରୁ ବାହାର କରିବାକୁ ବହୁତ ସଂଘର୍ଷ କରିବାକୁ ପଡିଥିଲା। ଶେଷରେ ଗ୍ୟାସ୍ କଟର ସାହାଯ୍ୟରେ ମୃତଦେହ ବାହାର କରାଯାଇଥିଲା। ଏହି ଘଟଣା ଅର୍ଜୁନୀ ପୁଲିସ ଷ୍ଟେସନ ଅଞ୍ଚଳରେ ଘଟିଥିଲା। ମୃତ ଯବାନମାନେ ହେଲେ ମୁକେଶ କୁମାର, ଉମେନ୍ଦ୍ର ସିଂ, ରାଜ କୁମାର ଗୌଡ଼ ଏବଂ ଡ୍ରାଇଭର ହୀରାଲାଲ ନାଗର। ଯବାନ ଅଭିଯାନ ରାୟଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି। ସମସ୍ତ ଯବାନଙ୍କ ମୃତଦେହକୁ ଜିଲ୍ଲା ମେଡିକାଲରେ ବ୍ୟବଚ୍ଛେଦ ପାଇଁ ରଖା ଯାଇଛି। ଘଟଣାସ୍ଥଳରେ ଛତିଶଗଡ ପୁଲିସର ଅଧିକାରୀମାନେ ପହଂଚି ତଦନ୍ତ କରୁଛନ୍ତି।

## ଯୁବତୀଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ୩ ସଂପର୍କୀୟ ଗିରଫ

**ଭେଡେନ,୧୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ରେମଣ୍ଡା ପଞ୍ଚାୟତ ଡୁଙ୍ଗୁରିପାଲି ଅଞ୍ଚଳରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରି ତାଙ୍କୁ ଗର୍ଭବତୀ କରିଥିବା ଅଭିଯୋଗରେ ପୁଲିସ୍ ତାଙ୍କର ୩ ଜଣ ସଂପର୍କୀୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଉଛନ୍ତି ଡୁଙ୍ଗୁରିପାଲି ଅଞ୍ଚଳର ୫୦ ବର୍ଷୀୟ ବିକ୍ରମ ସରାଫ, ତାଙ୍କ ସାନ ପୁଅ ପପୁନ (୨୮) ଓ ଜ୍ୱାଇଁ ପ୍ରତାପ ସରାଫ (୪୪)। ବିକ୍ରମ ହେଉଛନ୍ତି ପୀଡିତାଙ୍କ ପୀଉସା। ସେହି ଦୃଷ୍ଟିରୁ ପପୁନ ତାଙ୍କ ଭାଇ ହୋଇଥିବା ବେଳେ ପ୍ରତାପ ତାଙ୍କ ଭିଣୋଇ।

ଯୁବତୀଙ୍କ ଘର ସମ୍ବଲପୁର ଅଞ୍ଚଳରେ। ସେ ୧୨ ବର୍ଷ ହେବ ତାଙ୍କ ପୀଉସା ବିକ୍ରମ ଘରେ ରହି ଆସୁଥିଲେ। ୨୦୨୫ ଡିସେମ୍ବର ୧୦ ତାରିଖରେ ବିକ୍ରମ ଯୁବତୀଙ୍କ ପରିବାର ଲୋକଙ୍କୁ ଫୋନ କରିଥିଲେ ଓ ତାଙ୍କୁ ନେଇ ଯିବାକୁ କହିଥିଲେ। ଏହା ପରେ ପୀଡିତାଙ୍କୁ ତାଙ୍କ ବାପା ସେଠାରୁ ନେଇ ଯାଇଥିଲେ। ଗାଁକୁ ଫେରିବା ପରେ ଯୁବତୀଙ୍କ ଦେହ ଭଲ ରହୁ ନଥିଲା। ତେଣୁ ତାଙ୍କ ଭାଉଜ ତାଙ୍କୁ ଏକ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଜଣାପଡିଲା ଯେ ଯୁବତୀ ଜଣଙ୍କ ଗର୍ଭବତୀ ଅଛନ୍ତି। ଏହା ପରେ ସେ ଘର ଲୋକଙ୍କୁ ସବୁ କଥା କହିଥିଲେ।



ପୀଉସା ବିକ୍ରମ ସରାଫ, ଭାଇ ପପୁନ ସରାଫ ଓ ଭିଣୋଇ ପ୍ରତାପ ସରାଫ ଭିନ୍ନଭିନ୍ନ ଦିନରେ ତାଙ୍କ ସହିତ ଏକାଧିକ ଥର ଜୋର ଜବରଦସ୍ତି ଶାରୀରିକ ସଂପର୍କ ରଖିଥିଲେ ବୋଲି ଯୁବତୀ ଜଣଙ୍କ କହିଥିଲେ। ଏହା ସହିତ ସେମାନେ ତାଙ୍କୁ ମାଡ ମଧ ମାରୁଥିଲେ। ମାଡ ଭୟରେ ସେ ଏ ବିଷୟରେ କାହାକୁ ଜଣାଇ ନଥିଲେ ବୋଲି ସେ କହିଥିଲେ।

ଘଟଣା ସଂପର୍କରେ ଜାଣିବା ପରେ ଯୁବତୀଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଯୁବତୀଙ୍କ ଏତଲା ଆଧାରରେ ଭେଡେନ ଥାନା ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ